


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୩୫ ଭୁବନେଶ୍ୱର ଶୁକ୍ରବାର, ମଇ ୧୬.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.235 Bhubaneswar, Saturday, May 16, 2025


# ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ

## ଶେଷଧାଡ଼ିର ଲୋକଙ୍କ ପାଖକୁ ମୌଳିକ ସୁବିଧା ପହଞ୍ଚାଇବା ଆମର ଉଦ୍ଦେଶ୍ୟ’



ଭୁବନେଶ୍ୱର, ୧୫/୫: ଆମର ବ୍ଲକଗୁଡ଼ିକ ହେଉଛି, ଆମ ପ୍ରଶାସନିକ ସଫଳତାର ଦର୍ପଣ। ଯଦି ବ୍ଲକଗୁଡ଼ିକ ଦକ୍ଷତାର ସହ କାମ କରିବେ ଏବଂ ଲୋକମାନେ ସବୁ ଯୋଜନାର ସୁଫଳ ପାଇବେ, ତେବେ ଏହା ସରକାରଙ୍କ ଦକ୍ଷତାର ପ୍ରମାଣ ହେବ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ଏହାହିଁ ଆମର ଉଦ୍ଦେଶ୍ୟ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ପରାମର୍ଶ ଦେଇଛନ୍ତି। ବୈଠକରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାରେ ସବୁ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ସରକାରଙ୍କ ସଫଳତା ନିର୍ଭର କରେ। ବ୍ଲକ ସ୍ତରରେ ହିଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଜନସାଧାରଣମାନଙ୍କ ପାଖକୁ ପହଞ୍ଚେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କୁ ଛାଡ଼ିଦେଲା ପରେ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ବ୍ଲକ୍ ସ୍ତରରେ ବିଡିଓ’ଙ୍କର ଗୁରୁଦାୟିତ୍ୱ ରହିଛି। ଆପଣମାନେ କ୍ଷେତ୍ରସ୍ତରରେ ଲୋକଙ୍କ ସହିତ ସିଧାସଳଖ ମିଶନ୍ତି। ସେମାନଙ୍କର ସୁବିଧା ଅସୁବିଧା ଜାଣନ୍ତି। ତେଣୁ ମୁଖ୍ୟ କଥା ହେଉଛି, ସରକାରଙ୍କ ସବୁ ଯୋଜନାକୁ ଆପଣମାନେ ଲୋକଙ୍କ ପାଖକୁ ଠିକ୍ ଭାବରେ ପହଞ୍ଚାନ୍ତୁ। ସେମାନଙ୍କୁ କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ଭାବିବେ ନାହିଁ। ଯୋଜନାଗୁଡ଼ିକ ହେଉଛି କେବଳ ଲୋକଙ୍କ ପାଇଁ। ଏହା ସେମାନଙ୍କ ଅଧିକାର। ସରକାର ଓ ଲୋକଙ୍କ ଭିତରେ ଆପଣମାନେ ହେଉଛନ୍ତି ସେତୁ। ସେତୁ ସୁଦୃଢ଼ ଓ ପ୍ରଶସ୍ତ ହେଲେ ଯୋଗାଯୋଗ ବ୍ୟବସ୍ଥା ଭଲ ହୁଏ ବୋଲି ସେ କହିଥିଲେ। ଆପଣମାନେ ନିଜକୁ ଜନସେବକ ଭାବି କାମ କରନ୍ତୁ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀ ସବୁବେଳେ ନିଜକୁ ପ୍ରଧାନ ସେବକ ବୋଲି କହି ଆସିଛନ୍ତି। ମୁଁ ମଧ୍ୟ ନିଜକୁ ଓଡ଼ିଶାର ମୁଖ୍ୟ ସେବକ ବୋଲି ମନେକରେ। ଆପଣ ନିଯୁକ୍ତି ପାଇଛନ୍ତି ଲୋକଙ୍କ ସେବା କରିବା ପାଇଁ। ତେଣୁ ସେବା ମନୋଭାବ ନେଇ ନିଷ୍ଠାର ସହ କାମ କରିବା ଆପଣମାନଙ୍କ ଦାୟିତ୍ୱ। ମୁଁ ଏଠାରେ ସ୍ପଷ୍ଟ ଭାବରେ କହିବାକୁ ଚାହେଁ ଯେ, ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ। ଦୁର୍ନୀତି କିମ୍ବା ଅବହେଳା କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମୁଖ୍ୟତଃ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାକୁ ତ୍ୱରାନ୍ୱିତ କରି ଗ୍ରାମାଞ୍ଚଳରେ ଗରିବ ଓ ଆର୍ଥିକ ଅନଗ୍ରସର ଲୋକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଅନେକ ଲୋକାଭିମୁଖୀ ଯୋଜନା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ ଜଳଯୋଗାଣ ଓ ପରିମଳ, ବିକଶିତ ଗାଁ ବିକଶିତ ଓଡ଼ିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ସୁଭଦ୍ରା, ଭିଜନ ୨୦୩୬ ଓ ୨୦୪୭ ଭଳି ଅନେକ ଯୋଜନା ଜନହିତରେ କାର୍ଯ୍ୟ କରୁଛି ଓ କରିବାକୁ ଯାଉଛି, ଏହାର ସଫଳ ରୂପାୟନର ଗୁରୁ ଦାୟିତ୍ୱ ଆପଣଙ୍କର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରୀତା ଉପରେ ଆଲୋକପାତ କରି କହିଥିଲେ, ଏମ୍‌ଜିନରେଗା ଅନ୍ୟୁନ୍ୟ ପକ୍ଷେ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଯୋଗାଇଦେବା ସହ ଏହି ସବୁ କାର୍ଯ୍ୟରେ ମେସିନ୍ ବଦଳରେ ମାନବ ଶକ୍ତିର ଅଧିକ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ରୋଜଗାର ପାଇବା ସହିତ ଦାଦନ ସମସ୍ୟା ଦୂରିଭୁତ ହେବ। ସେ କହିଥିଲେ ଯେ, ପ୍ରକଳ୍ପ ଗୁଡିକ ପୂର୍ଣ୍ଣାଙ୍ଗ କରିବା ପାଇଁ ହେଲେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି କାମ କରନ୍ତୁ ଓ ନିୟମିତ ଭାବରେ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର କାର୍ଯ୍ୟକାରୀତା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାୟକ କହିଥିଲେ ଯେ, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଗାଁର ବିକାଶ ନହେଲେ ଦେଶର ବିକାଶ ହେବ ନାହିଁ। ଏହି ଦୃଷ୍ଟିକୋଣ ଆଧାରରେ ଆମେ କାମ କରୁଛୁ। ନୂଆ ସରକାରଙ୍କ ଆଭିମୁଖ୍ୟ ଓ ଦାୟିତ୍ୱବୋଧତାକୁ ଆପଣମାନେ ପ୍ରାଥମିକତା ଦେଇଛନ୍ତି । ସରକାରଙ୍କ ଯୋଜନାକୁ ସଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇଲେ, ସରକାରଙ୍କର ସଠିକ ମୂଲ୍ୟାଙ୍କନ ହୋଇ ପାରିବ ଓ ମୁଖ୍ୟମନ୍ତ୍ରୀଙ୍କ ଉତ୍ସାହ ଆମକୁ ସଫଳ କରାଇବ।

## ସଂଖ୍ୟାଲଘୁ ସେଲ୍ ଛାଡିଲେ ସାଂସଦ



ଭୁବନେଶ୍ୱର, ୧୫/୫: ବିଜୁ ଜନତା ଦଳ (ବିଜେଡି) ସାଂସଦ ମୁନ୍ନା ଖାଁ ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟ କମିଟି ଏବଂ ବିଜେଡି ସଂଖ୍ୟାଲଘୁ ସେଲର ଦକ୍ଷିଣ ଜୋନ୍ ସଂଯୋଜକ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ହଠାତ୍ ଏଭଳି ପଦକ୍ଷେପ ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ଝଡ଼ ସୃଷ୍ଟି କରିଛି, ଯାହାର ମୂଳ କାରଣ ବିଷୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି। ମେ ୫ ତାରିଖରେ ପ୍ରତିଷ୍ଠିତ ସଂଖ୍ୟାଲଘୁ ସମ୍ପ୍ରଦାୟ କମିଟିର ଲକ୍ଷ୍ୟ ଥିଲା ସଂଖ୍ୟାଲଘୁ ସମ୍ପ୍ରଦାୟ ସହିତ ଦଳର ଯୋଗାଯୋଗକୁ ମଜବୁତ କରିବା। ସାମ୍ପ୍ରତିକ ଘଟଣାକ୍ରମରେ ଦିଲୀପ ତିର୍କୀଙ୍କୁ ଏହି କମିଟିର ସଂଯୋଜକ ଭାବରେ ନିଯୁକ୍ତ କରାଯାଇଛି। ଏହି ବିଷୟ ସହିତ ଜଡିତ ସୂତ୍ରରୁ ଜଣାପଡ଼ିଛି ଯେ ମୁନ୍ନା ଖାଁ ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବାସଭବନ ନବୀନ ନିବାସ ଯାଇଥିଲେ, ଯେଉଁଠାରେ ସେ କିଛି ଆଭ୍ୟନ୍ତରୀଣ ଦଳୀୟ ବ୍ୟାପାର ସମ୍ପର୍କରେ ଅସନ୍ତୋଷ ପ୍ରକାଶ କରିଥିବା ବିଶ୍ୱାସ କରାଯାଏ। ତଥାପି, ଏହି ଅଭିଯୋଗଗୁଡ଼ିକର ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ । କମିଟି ଏବଂ ଦକ୍ଷିଣ ଜୋନ୍ ସଂଯୋଜକ ପଦରୁ ଶ୍ରୀ ଖାଁଙ୍କ ଇସ୍ତଫା ଦଳ ଭିତରେ ଅନେକ ଏବଂ ଜନସାଧାରଣଙ୍କୁ ବିଭ୍ରାନ୍ତ କରିଛି। ବର୍ତ୍ତମାନ ସୁଦ୍ଧା, ମୁନ୍ନା ଖାଁ ତାଙ୍କ ନିଷ୍ପତ୍ତି ସ୍ପଷ୍ଟ କରିବା ପାଇଁ କୌଣସି ସରକାରୀ ବିବୃତ୍ତି ଜାରି କରିନାହାଁନ୍ତି, ଯାହା କଳ୍ପନାଜଳ୍ପନାକୁ ଆହୁରି ଖୋରାକ ଯୋଗାଇଛି। ହଠାତ୍ ଇସ୍ତଫା ଦେବା ରାଜ୍ୟର ଦକ୍ଷିଣ ଅଞ୍ଚଳରେ, ବିଶେଷକରି ବିଜେଡିର ସଂଖ୍ୟାଲଘୁଙ୍କ ପ୍ରସାର ପ୍ରୟାସ ଉପରେ ସମ୍ଭାବ୍ୟ ପ୍ରଭାବ ବିଷୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି। ରାଜନୈତିକ ବିଶ୍ଳେଷକମାନେ ଏହି ଇସ୍ତଫାର ଦଳର ଆଭ୍ୟନ୍ତରୀଣ ଗତିଶୀଳତା ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ସହିତ ସମ୍ପର୍କ ଉପରେ ପ୍ରଭାବ ନିର୍ଣ୍ଣୟ କରିବା ପାଇଁ ପରିସ୍ଥିତିକୁ ନିକଟରୁ ଅନୁଧ୍ୟାନ କରୁଛନ୍ତି। ବିଜେଡି ନେତୃତ୍ୱ ଏପର୍ଯ୍ୟନ୍ତ ଏହି ବିଷୟରେ ଆନୁଷ୍ଠାନିକ ଭାବରେ କୌଣସି ମତାମତ ଦେଇନାହାଁନ୍ତି, ଆଗାମୀ ଦିନରେ ଏ ସଂକ୍ରାନ୍ତରେ ସୂଚନା ମିଳିପାରେ । ଏହି ଗୁରୁତ୍ୱପୂର୍ଣ୍ଣ ଇସ୍ତଫା ପଛର କାରଣ ସମ୍ପର୍କରେ ମୁନ୍ନା ଖାଁ ଏବଂ ବିଜେଡି ଉଭୟଙ୍କ ପକ୍ଷରୁ ଏକ ସରକାରୀ ବିବୃତ୍ତିକୁ ଓଡ଼ିଶାର ରାଜନୈତିକ ମହଲ ଉତ୍ସୁକତାର ସହିତ ଅପେକ୍ଷା କରିଛି।

# ସୁପ୍ରିମକୋର୍ଟଙ୍କୁ ରାଷ୍ଟ୍ରପତିଙ୍କ ୧୪ଟି ପ୍ରଶ୍ନ



ନୂଆଦିଲ୍ଲୀ, ୧୫/୫: ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ବିଲ୍ ଅନୁମୋଦନ ପାଇଁ କୌଣସି ସମୟସୀମା କ’ଣ ସୁପ୍ରିମକୋର୍ଟ ସ୍ଥିର କରିପାରିବେ । କିଛି ଏଭଳି ପ୍ରଶ୍ନ ପଚାରିଛନ୍ତି ରାଷ୍ଟ୍ରପତି । ପ୍ରକୃତରେ ତାମିଲନାଡୁ ସରକାରଙ୍କ ରାଜ୍ୟପାଳଙ୍କ ବିରୋଧରେ ଦାୟର ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ଏହି ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବେ ୮ ଏପ୍ରିଲରେ ଆସିଥିବା ଏହି ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟଙ୍କ ଠାରୁ ଆନୁଷ୍ଠାନିକ ମତାମତ ଲୋଡିଛନ୍ତି । ସମ୍ବିଧାନର ଧାରା ୧୪୩(୧) ଅନୁଯାୟୀ ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୁପ୍ରିମକୋର୍ଟଙ୍କୁ ପଚାରିଛନ୍ତି ରାଷ୍ଟ୍ରପତି । ରାଷ୍ଟ୍ରପତି କହିଛନ୍ତି ଯେ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ସମ୍ବିଧାନର ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ବିଲ୍ ଉପରେ ନିଷ୍ପତ୍ତି ନିଅନ୍ତି, କିନ୍ତୁ ଏହି ଧାରା ଗୁଡିକ କୌଣସି ସ୍ଥାନରେ କୌଣସି ସମୟ ସୀମା କିମ୍ବା ପ୍ରକ୍ରିୟା ସ୍ଥିର କରେ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଏହି ଇଚ୍ଛାଧୀନ ନିଷ୍ପତ୍ତି ସଂଘୀୟତା, ଆଇନର ସମାନତା, ଜାତୀୟ ସୁରକ୍ଷା ଏବଂ କ୍ଷମତା ମଧ୍ୟରେ ସନ୍ତୁଳନ ଭଳି ବହୁପାକ୍ଷିକ ଦିଗ ଉପରେ ଆଧାରିତ । ଗତ ୮ଏପ୍ରିଲରେ ଜଷ୍ଟିସ୍ ଜେବି ପାରଦିୱାଲା ଏବଂ ଜଷ୍ଟିସ୍ ଆର ମହାଦେବନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ୪୧୫ ପୃଷ୍ଠାର ରାୟରେ କହିଥିଲେ ଯେ ବିଲ୍ ପାଇବାର ତିନି ମାସ ମଧ୍ୟରେ ରାଜ୍ୟପାଳଙ୍କୁ ନିଷ୍ପତ୍ତି ନେବାକୁ ପଡିବ । ଯଦି ବିଧାନସଭା ପୁନର୍ବାର ସମାନ ବିଲ୍ ପାସ୍ କରି ଫେରାଇ ଦିଏ, ତେବେ ରାଜ୍ୟପାଳଙ୍କୁ ଗୋଟିଏ ମାସ ମଧ୍ୟରେ ଅନୁମୋଦନ ଦେବାକୁ ପଡିବ । ସେହିପରି ରାଷ୍ଟ୍ରପତିଙ୍କୁ ତିନି ମାସ ମଧ୍ୟରେ ସେହି ବିଲ୍ ଉପରେ ନିଷ୍ପତ୍ତି ନେବାକୁ ପଡିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୋର୍ଟଙ୍କ ଏହି ବିବୃତ୍ତି ଉପରେ ମଧ୍ୟ ଆପତ୍ତି ଉଠାଇଛନ୍ତି । କହିଛନ୍ତି ଯେ ତାମିଲନାଡୁର ୧୦ଟି ବିଚାରଧୀନ ବିଲ୍ କୁ ଅନୁମୋଦନ କରାଯାଇଛି । ଯାହାକି ସମ୍ବିଧାନର ମୌଳିକ ଆଧାର ବିରୋଧରେ । ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କୁ ସମ୍ବିଧାନ କିମ୍ବା ଆଇନରେ ସ୍ପଷ୍ଟ ଭାବରେ ପରିଭାଷିତ ହୋଇଥିବା ମାମଲାରେ ଧାରା ୧୪୨ ବ୍ୟବହାର କରାଯାଇପାରିବ କି ବୋଲି ପଚାରିଥିଲେ । ଏହି ଧାରା ନ୍ୟାୟପାଳିକାକୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରେ ।

## ୯ଟି ବିପର୍ଯ୍ୟୟ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷିତ ଅଦିନିଆ ବର୍ଷା ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା; ଅଧିକ ଉପକୃତ ହେବେ ଚାଷୀ !

ଭୁବନେଶ୍ୱର, ୧୫/୫: ରାଜ୍ୟ ସରକାର ଅଦିନିଆ ବର୍ଷାକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ମନେ କରିଛନ୍ତି। ଏଭଳି ବିପର୍ଯ୍ୟୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଘୋଷଣା ମଧ୍ୟ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଅନୁମୋଦନ କରିଛନ୍ତି। ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି। ବନ୍ୟା ଓ ବାତ୍ୟା ଏକ ସାଧାରଣ ଘଟଣା ଘଟୁଛି। ବାତ୍ୟା ପରବର୍ତ୍ତୀ ସମୟରେ ବର୍ଷା ହୋଇଥାଏ। ଏଥିରେ ରାଜ୍ୟବାସୀଙ୍କର ବହୁ କ୍ଷୟକ୍ଷତି ଘଟିଥାଏ। ବିଶେଷ ଭାବରେ ଚାଷୀମାନେ ଅଧିକ କ୍ଷତି ସହ୍ୟ କରିଥାନ୍ତି। ବର୍ଷର ଅନ୍ୟ ସମୟରେ ମଧ୍ୟ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ କ୍ଷତି ହୋଇଥାଏ। ଅଦିନିଆ ବର୍ଷାକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା ହେଲା ପରେ ଚାଷୀମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ସରକାରଙ୍କ ଏହି ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି। ରାଜ୍ୟ ସରକାର ସମୁଦାୟ ୯ଟି ବିପର୍ଯ୍ୟୟ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ରାଜ୍ୟ ମୁକାବିଲା ପାଣ୍ଠିରୁ ୧୦% ପର୍ଯ୍ୟନ୍ତ ଅର୍ଥ ଖର୍ଚ୍ଚ ନିଷ୍ପତ୍ତି ନିଆଯାଇଛି। ଏହା ଫଳରେ କୃଷକମାନେ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ଅର୍ଥ ପାଇପାରିବେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍
## ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡ଼ିଶାର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫/୫: ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍‌ର ଅଧକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗର ବୃଦ୍ଧି ଉପରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡ଼ିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ, ଓଡ଼ିଶାରେ କମ୍ପାନି ପ୍ରତିଷ୍ଠା କରୁଥିବା ସଂସ୍ଥା ଗୁଡିକୁ ସୁବିଧାରେ କଞ୍ଚାମାଲ୍ ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଷ୍ଟିଲ କମ୍ପାନିଗୁଡ଼ିକୁ ମଧ୍ୟ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ବର୍ତ୍ତମାନ ଦେଶର ଷ୍ଟିଲ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ୍ ଟନ୍ ରହିଛି। ୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିଅନ୍ ଟନ୍ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଦେଶର ଷ୍ଟିଲ ଉତ୍ପାଦନ ବୃଦ୍ଧିରେ ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ ମଧ୍ୟ। ତେଣୁ, ଷ୍ଟିଲ କମ୍ପାନିଗୁଡ଼ିକ ଯେପରି ସୁବିଧାରେ ଲୁହାପଥର ମିଳିବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମିଳି ପାରିବ, ସେ ବିଷୟରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅଧିକ ଲୁହା ପଥର ଖଣିର ନିଲାମ୍ ଏବଂ ନିଲାମ୍ ହୋଇଥିବା ଖଣିଗୁଡ଼ିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ପ୍ରାୟ ୩୦ଟି ଖଣି ନିଲାମ୍ ହେବାର ସମ୍ଭାବନା ରହିଛି ବୋଲି ଜଣାଯାଇଛି। ଏହା ସହିତ ଓଡ଼ିଶା ଖଣି ନିଗମରୁ କିପରି ସୁବିଧାରେ ଷ୍ଟିଲ କମ୍ପାନିଗୁଡ଼ିକୁ ଲୁହାପଥର ଯୋଗାଇ ଦିଆଯାଇ ପାରିବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

## ଦୀଘାରେ ‘ଜଗନ୍ନାଥ ଧାମ’ ବିବାଦ: ସରକାର ନେବେ ଆଇନ୍‌ଗତ ପଦକ୍ଷେପ



ଭୁବନେଶ୍ୱର, ୧୫/୫: ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲ୍ଲା ଉପକୂଳ ସହର ‘ଦୀଘା’ରେ ଜଗନ୍ନାଥ ମନ୍ଦିରରେ ଧାମ ଲେଖିବା ପ୍ରସଙ୍ଗ ନେଇ ଗୁରୁବାର ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଖୁବଶୀଘ୍ର ଆଇନଗତ ପଦକ୍ଷେପ ନିଆଯିବ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ପତ୍ର ପରେ ବି ଦୀଘାରେ ‘ଜଗନ୍ନାଥ ଧାମ’ ଫଳକ ହଟିନାହିଁ। ତେଣୁ ସରକାର ଖୁବଶୀଘ୍ର ଆଇନଗତ ପଦକ୍ଷେପ ନେବେ। ବର୍ତ୍ତମାନ କ’ଣ କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ କ’ଣ ରହିବ ସେନେଇ ତର୍ଜମା ଚାଲିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସଙ୍ଗରେ ମମତା ବାନାର୍ଜୀଙ୍କ ସରକାରଙ୍କୁ ଚିଠି ଲେଖିଥିଲେ। ଚିଠିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିଲେ ଯେ, ଦୀଘା ଜଗନ୍ନାଥ ମନ୍ଦିରକୁ ‘ଧାମ’ କୁହାନଯାଉ। ପଶ୍ଚିମବଙ୍ଗ ସରକାର ‘ଧାମ’ ଶବ୍ଦ ବ୍ୟବହାରରୁ ଦୂରରେ ରୁହନ୍ତୁ। ଆନ୍ତଃରାଜ୍ୟ ସମ୍ମାନ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖନ୍ତୁ। ପୁରୀ ଜଗନ୍ନାଥଧାମର ସ୍ଥାନ ସ୍ୱତନ୍ତ୍ର ଓ ପବିତ୍ର। ଅନ୍ୟ କେଉଁସି ସ୍ଥାନରେ ‘ଜଗନ୍ନାଥ ଧାମ ବ୍ୟବହାର ଶ୍ରଦ୍ଧାଳୁଙ୍କୁ ଆଘାତ ଦେଉଛି। କୋଟିକୋଟି ଭକ୍ତ, ତୀର୍ଥଯାତ୍ରୀଙ୍କ ଭାବାବେଗକୁ ଏହା କୁଠାରଘାତ କରୁଛି। ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ କୁହାଯିବା ଏବଂ ପ୍ରଚାରରେ ବ୍ୟବହାର ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଦୀଘାରେ ଜଗନ୍ନାଥ ଧାମ ବିବାଦ ନେଇ ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଥିଲେ। ଏହି ପ୍ରସଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ମନେ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଚିଠିରେ ସୁଦର୍ଶନ ଲେଖିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ, ଦୀଘାରେ ଥିବା ଜଗନ୍ନାଥ ମନ୍ଦିରକୁ ‘ଜଗନ୍ନାଥ ଧାମ’ ଭାବରେ ପଶ୍ଚିମବଙ୍ଗ ସରକାରଙ୍କ ସମ୍ବୋଧିତ କରିବାର ନିଷ୍ପତ୍ତି ଉପରେ ଆପଣ ହସ୍ତକ୍ଷେପ କରନ୍ତୁ ଏବଂ ଏହାର ସମାଧାନ କରନ୍ତୁ। ଏହି ପବିତ୍ର ଉପାଧି କେବଳ ଓଡ଼ିଶାର ପୁରୀ ସହିତ ଜଡ଼ିତ। ଅନ୍ୟ ଏକ ସ୍ଥାନ ପାଇଁ ଏହି ‘ଜଗନ୍ନାଥ ଧାମ’ ଶବ୍ଦର ବ୍ୟବହାର ବ୍ୟାପକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଅଗଣିତ ଭକ୍ତଙ୍କ ଭାବନାକୁ ଗଭୀର ଆଘାତ ଦେଇଛି। ଏହି ଚର୍ଚ୍ଚିତ ଧାର୍ମିକ ପରିଚୟର ପବିତ୍ରତା ଏବଂ ଅନନ୍ୟତାକୁ ବଜାୟ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ଦୀଘାଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ ‘ଜଗନ୍ନାଥ ଧାମ’ ନାମକରଣ ପ୍ରସଙ୍ଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଥିଲେ, ପୁରୀ କେବଳ ‘ଜଗନ୍ନାଥ ଧାମ’। ଅନ୍ୟ କୌଣସି ସ୍ଥାନକୁ ‘ଜଗନ୍ନାଥ ଧାମ’ କୁହାଯାଇପାରିବ ନାହିଁ। ଏହା ଶାସ୍ତ୍ରସମ୍ମତ ମତ ଓ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତସଭା ବି ସ୍ପଷ୍ଟ କରିଛି।


## ମନରେଗାରେ ମେସିନ ଦ୍ୱାରା କାମ ବନ୍ଦ କର: ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର, ୧୫/୫: ପଞ୍ଚାୟତିରାଜ ବିଭାଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମନରେଗାରେ ମେସିନ ଦ୍ୱାରା କାମ ବନ୍ଦ କରିବାକୁ କହିଛନ୍ତି । ମେସିନ ନ ଲଗାଇ ଶ୍ରମିକମାନଙ୍କୁ ନିଯୁକ୍ତି କରି କାମ କରିବାକୁ କହିଛନ୍ତି । ଏଥିପାଇଁ ଆଗାମୀ ଦିନରେ ଗାଇଡ଼ଲାଇନ ଅଣାଯିବ ବୋଲି କହିଛନ୍ତି । ଶ୍ରମିକ ନିଯୁକ୍ତି କରି କାମ କରିବାକୁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି । ଏହା ଦ୍ୱାରା ଦାଦନ ଖଟିବାକୁ ଲୋକ ଆଉ ବାହାରକୁ ଯିବେନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମନେରେଗା କାମକୁ ସଠିକ୍ ଭାବେ କରିବା ପାଇଁ ଚାଲେଞ୍ଜ ଭାବେ ନେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଦୁଇ ଦିନିଆ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏଭଳି ମତପୋଷଣ କରିଛନ୍ତି।

# ସ୍ମାର୍ଟ ସିଟି ରାସ୍ତା: ବର୍ଷସାରା ଖୋଳାତଡ଼ା

## ବର୍ଷକୁ ପାଣିରେ ପଡୁଛି ୨ଶହ କୋଟିରୁ ଅଧିକ





ଭୁବନେଶ୍ୱର,୧୫/୫: ରାଜଧାନୀ ପ୍ରତିଷ୍ଠାର ସାତ ଦଶନ୍ଧି ପରେ ବି ସ୍ମାର୍ଟ ସିଟିରେ ସ୍ମାର୍ଟ ରାସ୍ତା ନିର୍ମାଣ ହୋଇପାରୁନି। କିଛି ମୁଖ୍ୟ ରାସ୍ତାକୁ ଛାଡ଼ିଦେଲେ ଉପାନ୍ତ ଅଞ୍ଚଳ ଭଳି ବର୍ଷ ସାରା ଖାଲ, ଢିପ, ତାଳିପକା ରାସ୍ତାରେ ଯନ୍ତ୍ରଣା ଭୋଗୁଛନ୍ତି ରାଜଧାନୀ ବାସୀ। ସହରକୁ ସରସ ସୁନ୍ଦର କରିବାକୁ ସରକାର ଆଖିବୁଜା ଟଙ୍କା ଖର୍ଚ୍ଚ କରୁଛନ୍ତି। ବର୍ଷ ସାରା ରାସ୍ତା, ଆଲୋକ, ପିଇବା ପାଣି, ବିଦ୍ୟୁତ୍ ଓ ସୌନ୍ଦର୍ଯ୍ୟୀକରଣ ପାଇଁ ବିଏମ୍ସି, ବିଏସ୍ସିଏଲ୍ ସହ ପୂର୍ତ୍ତ, ୱାଟ୍କୋ, ଓପିଟିସିଏଲ୍, ବିଏସ୍ଏନ୍ଏଲ୍, ଗେଲ୍ ଭଳି ଅନେକ ସଂସ୍ଥା କାମରେ ଲାଗିଛନ୍ତି। ହେଲେ ଏସବୁ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ବିପୁଳ ସରକାରୀ ଅର୍ଥ ବରବାଦ୍ ହେଉଛି। ଚନ୍ଦ୍ରଶେଖରପୁରରୁ ପୁରୁଣା ଭୁବନେଶ୍ୱର ଏବଂ ରସୁଲଗଡ଼ରୁ ଖଣ୍ଡଗିରି ସବୁଆଡେ ବିକାଶ ପାଇଁ ଚାଲିଛି ଖୋଳାତଡ଼ା। ଯିଏ ଯେମିତି ଓ ଯେଉଁଠି ପାରୁଛି ମନଇଚ୍ଛା ରାସ୍ତାକୁ ଖୋଳି ଦେଉଛି। ଏହି ଖୋଳାତଡ଼ା ଓ ପୁନର୍ବାର ନିର୍ମାଣରେ ବର୍ଷକୁ ୨ଶହ କୋଟିରୁ ଅଧିକ ଟଙ୍କା ପାଣିରେ ପଡୁଛି। ହେଲେ ସହରବାସୀଙ୍କୁ ଭଲ ରାସ୍ତାଟିଏ ଦେବାରେ ସରକାର ବିଫଳ ହେଉଛନ୍ତି। ଦୀର୍ଘ ଦିନର ଦାବି ପରେ ରବି ଟକିଜ୍-ଟଙ୍କପାଣି ରାସ୍ତା କାମ ହେଲା। କାମ ସରିବାର ୧୫ ଦିନ ନୟାଉଣୁ ୱାଟ୍କୋ, ଟିପିସିଓଡିଏଲ୍ ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ରାସ୍ତାକୁ ଖୋଳିଦେଲେ। ପୂର୍ତ୍ତ ବିଭାଗ ଏଥିପାଇଁ ଖୋଳୁଥିବା ବିଭାଗକୁ ନୋଟିସ୍‌ଟିଏ ମଧ୍ୟ ଦେଲାନାହିଁ। ପୁରୁଣା ଭୁବନେଶ୍ୱର ବିବେକାନନ୍ଦ ମାର୍ଗରେ ପିଚୁ କାମ ପରେ ଡ୍ରେନ୍ ପାଇଁ ଖୋଳି ରାସ୍ତାକୁ ନଷ୍ଟ କରାଗଲା। ସାନିଟାରିୟମ୍‌ରୁ ମାଉସୀ ମା' ଛକ ଯାଏ ଗେଲ୍ ଗ୍ୟାସ୍ ପାଇପ୍ ପକାଇବା ପାଇଁ ପ୍ରାୟ ୩ ବର୍ଷ ହେବ ବାରମ୍ବାର ରାସ୍ତା ଖୋଳୁଛି। ରସୁଲଗଡ଼ରୁ ପାଣ୍ଡରା ରାସ୍ତା କାମ ସରିବା ପରେ ବାରମ୍ବାର ଖୋଳା ଯାଉଛି। ଗତ ମାର୍ଚ୍ଚ ମାସରେ କଟକ ରୋଡ ପିଚୁ କାମ ହୋଇଥିଲା। ଏବେ ଅନେକ ସ୍ଥାନରେ ପିଚୁ ଉଠିଗଲାଣି। ଆଶ୍ଚର୍ଯ୍ୟର କଥା ଏଠି ଗୋଟେ ଲେନ୍ ଉଚ୍ଚା, ଆଉ ଗୋଟେ ଲେନ୍ ନୀଚା ଥିବାରୁ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। କେବଳ ଏହି ଗୋଟିଏ ରାସ୍ତା ନୁହେଁ ଗତ ମାର୍ଚ୍ଚ ମାସରେ ତରବରିଆ ଭାବେ ଅନେକ ସ୍ଥାନରେ ଏଭଳି ଉଚ୍ଚା ନୀଚା ରାସ୍ତା କରାଯାଇଛି। ସିଆରପିରୁ ଏକାମ୍ର କାନନ ରାସ୍ତାକୁ ଏବେ ବି ଖୋଳି ନଷ୍ଟ କରାଯାଉଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ରାସ୍ତା ଅବସ୍ଥା ଶୋଚନୀୟ। ଜଗନ୍ନାଥ ନଗରରୁ କେସୁରା ରାସ୍ତା, ନୀବନ ନିବାସରୁ ପୋଖରୀପୁଟ, ନୀଳାଦ୍ରିବିହାର, କାନନବିହାର, ଡମଣା, ଗାଡ଼କଣ ଓ ରଙ୍ଗମାଟିଆକୁ ସଂଯୋଗ କରୁଥିବା ରାସ୍ତା, ଭିଏସ୍ଏସ୍‌ନଗର, ଜାଗମରା, ଖଣ୍ଡଗିରି, ବରମୁଣ୍ଡା ଗାଁ ପ୍ରମୁଖ ଅଞ୍ଚଳରେ ରାସ୍ତା ଅବସ୍ଥା ସମାନ। ସହର ଦେଇ ଯାଇଥିବା ଜାତୀୟ ରାଜପଥ ମରାମତି ହେଉନାହିଁ। ବିଏମ୍ସି ପେଭର ରାସ୍ତା ଅବସ୍ଥା ମଧ୍ୟ ସମାନ। ରାଜଧାନୀରେ ପ୍ରାୟ ୧୫ ବର୍ଷ ହେବ ସ୍ୱେରେଜ୍ କାମ ଚାଲିଥିଲେ ବି ଶେଷ ହେଉନାହିଁ। ଏବେ ବି ସହରର ଗଳି କନ୍ଦିରେ ସ୍ୱେରେଜ୍ ପାଇପ୍ ବିଛାଇବା ପାଇଁ କଂକ୍ରିଟ୍ ରାସ୍ତା ଖୋଳା ଯାଉଛି। ଠିକ୍ ସେମିତି ୱାଟ୍କୋ ପିଇବା ପାଣି ଯୋଗାଇବାକୁ ରାସ୍ତାକୁ ଖୋଳୁଛି। ମାଟି ତଳେ କେବୁଲ୍ ତାର ବିଛାଇବାକୁ ଓପିଟିସିଏଲ୍, ଟେଲିଫୋନ୍ ତାର ବିଛାଇବାକୁ ବିଏସ୍ଏନ୍ଏଲ୍, ଗ୍ୟାସ୍ ପାଇପ୍ ପାଇଁ ଗେଲ୍, ସିସି କ୍ୟାମେରା ଓ ଅନ୍ୟାନ୍ୟ କାରଣ ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ରାସ୍ତାକୁ ଖୋଳି ନଷ୍ଟ କରୁଛନ୍ତି। ଏହା ଛଡ଼ା ଏକାଧିକ ଘରୋଇ କମ୍ପାନି ରାସ୍ତା ଖୋଳି କେବୁଲ୍ ବିଛାଉଥିବା ଦେଖିବାକୁ ମିଳୁଛି। ସହର ମଧ୍ୟରେ କୌଣସି ରାସ୍ତାକୁ ଖୋଳିବାକୁ ହେଲେ ନୋଡାଲ ଏଜେନ୍ସି ବିଏମ୍ସିର ସ୍ୱୀକୃତି ନେବାକୁ ନିୟମ ରହିଛି। ସଂପୃକ୍ତ ବିଭାଗ ନିଜର କାମ ସାରିବା ପରେ ଉକ୍ତ ରାସ୍ତାକୁ ପୁନଃ ନିର୍ମାଣ କରିବା ବାଧ୍ୟତାମୂଳକ। କିନ୍ତୁ ଏହା କାର୍ଯ୍ୟକାରୀ କରାଯାଉନାହିଁ। ଯିଏ ଯେଉଁଠି ପାରୁଛି ଖୋଳୁଛି, ହେଲେ ମରାମତି କରାଯାଉନାହିଁ। ଫଳରେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ପୁଣି ନୂଆ ରାସ୍ତା ପାଇଁ ଖର୍ଚ୍ଚ କରାଯାଉଛି। ସେହିପରି ରାସ୍ତାର ଗୋଟିଏ ପାର୍ଶ୍ୱରେ ଆବଶ୍ୟକ ସେବାଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଲାଇନ୍ ରହିବାକୁ ଏକ ଯୋଜନା ହୋଇଥିଲା। ତାହା ମଧ୍ୟ ଆଜି ଯାଏ କାର୍ଯ୍ୟକାରୀ ହେଲା ନାହିଁ। କିଛି ଦିନ ତଳେ ଏନେଇ ବିଏମ୍ସି କମିସନର ସ୍ୱତନ୍ତ୍ର ବୈଠକ କରି ତାଗିଦ କରିଥିଲେ। ହେଲେ ଯଥା ପୂର୍ବଂ ତଥା ପରଂ। ଏ ସମ୍ପର୍କରେ ମେୟର ସୁଲୋଚନା ଦାସ କହିଛନ୍ତି, ମୂଳ କଥା ହେଲା ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ବିଏମ୍ସିର ଅନୁମତି ନନେଇ ସରକାରୀ ଓ ବେସରକାରୀ ସଂସ୍ଥା ରାସ୍ତା ଖୋଳୁଛନ୍ତି। ବୈଠକକୁ ଡାକିଲେ ଆସୁନାହାନ୍ତି। ଯିଏ ଯେମିତି ପାରୁଛନ୍ତି ରାସ୍ତା ଖୋଳି ଦେଉଛନ୍ତି। ଏ ସମ୍ପର୍କରେ ଆମେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିଛୁ। ସରକାରଙ୍କୁ ଜଣାଇବା ପରେ ମଧ୍ୟ କାହିଁକି ପଦକ୍ଷେପ ନେଉନାହାନ୍ତି, ତାହା ବୁଝା ପଡୁନି।

---

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ମଝିରେ ଗଭୀର ଗର୍ତ୍ତ



ବାଲିପାଟଣା,୧୫/୫: ଅଳ୍ପ କିଛି ଦିନ ପୂର୍ବରୁ ଶେଷ ହୋଇଥିବା ବାଲିପାଟଣାଠୁ ସରାଟ ଭାୟା ଶିଶୁମଠ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ମଝିରେ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଗାତକୁ ଲୁଚାଇବାକୁ ଯାଇ ସେଠାରେ ବାଲି, ମାଟି, ଗୋଡ଼ି ମିଶ୍ରଣକୁ ପକାଯାଇଛି। ରାସ୍ତା ଉପରେ ଏଗୁଡ଼ିକ ଗଦା ହୋଇ ରହିଥିବାରୁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। କିଛି ଦିନ ତଳେ ଜଣେ ମହିଳା ସ୍କୁଟିରେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହେବାରୁ ହାତ ଭାଙ୍ଗି ଯାଇଥିଲା। ଅନ୍ୟପକ୍ଷରେ ଉକ୍ତ ରାସ୍ତା କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ନିମ୍ନ ମାନର ସରଞ୍ଜାମ ବ୍ୟବହାର ହୋଇଥିବା ବେଳେ ପିଚୁରୁ ଗୋଡ଼ି ଉଠିଗଲାଣି। ରାସ୍ତାର ଦୁଇ କଡ଼ ମାଟି ଧସି ଯାଉଛି। ଭାରି ଯାନ ଚଳାଚଳ ଫଳରେ ରାସ୍ତା ଦବି ଯାଉଛି। ରାସ୍ତା ନିର୍ମାଣ କାମ ସରିବା ପରଠାରୁ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଥିଲେ ମଧ୍ୟ ଠିକାଦାର ଅଚିନ୍ତାରେ ରହିଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

## ବୃଦ୍ଧଙ୍କଠାରୁ ଲୁଟିନେଲେ ୫୦ ହଜାର ଟଙ୍କା




ଚାନ୍ଦବାଲି,୧୫/୫: ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନଳଗୋହିରା ପଞ୍ଚାୟତ ଜଳଧରପୁର ଗାଁର ଦେବେନ୍ଦ୍ର ପଲ୍ଲାଇଙ୍କଠାରୁ ବୁଧବାର ମଧ୍ୟାହ୍ନ ୧୨. ୫୩ ମିନିଟ ସମୟରେ ଚାନ୍ଦବାଲି କାଳୀମନ୍ଦିର ପାଖରେ ନଗଦ ୫୦ ହଜାର ଟଙ୍କା ଲୁଟି ନେଲେ ଅଜଣା ଲୁଟେରା। ଦେବେନ୍ଦ୍ର ପଲ୍ଲାଇ ଚାନ୍ଦବାଲି ଥାନାରେ କରିଥିବା ଅଭିଯୋଗ ମୁତାବକ ଦିବା ୧୨ ଟା ସମୟରୁ ଚାନ୍ଦବାଲି କାଳୀମନ୍ଦିର ନିକଟରେ ଥିବା ଷ୍ଟେଟ ବ୍ୟାଙ୍କରୁ ଲାଇନ ଲଗାଇ ନିଜ ଏକାଉଣ୍ଟରୁ ୫୦ ହଜାର ଟଙ୍କା ଉଠାଣ କରିଥିଲେ ଓ ତାପରେ ନିଜ ମୋବାଇଲରେ ଟାଇମ ଦେଖି ମୋ ବସରେ ନିଜ ଘର ଜଳଧରପୁର ଯିବା ପାଇଁ କାଳୀମନ୍ଦିର ପାଖରେ ଥିବା ଚାନ୍ଦବାଲି ଇକୋ ବ୍ୟାଙ୍କ ପାଖରେ ବସକୁ ଅପେକ୍ଷା କରି ରହିଥିଲେ। ଟଙ୍କାକୁ ଘରୁ ଆଣିଥିବା ଏକ ବ୍ୟାଗରେ ରଖିଥିଲେ ଓ ବ୍ୟାଗଟିକୁ ପାଖରେ ରଖି ବସିଥିବାବେଳେ ସାମାନ୍ୟ ଅନ୍ୟମନସ୍କ ହୋଇଯିବାରୁ ଅଜଣା ଦୁର୍ବୃତ୍ତ ବ୍ୟାଗ ଚୋରି କରି ନେଯାଇଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି ବୃଦ୍ଧ ଜଣଙ୍କ। ଖବର ଲେଖା ବେଳକୁ ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତିଙ୍କୁ ପଚାରିବାରୁ ସିସିଟିଭି ଯାଞ୍ଚ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

## ଉଚ୍ଚଶିକ୍ଷାରେ ଏସ୍ଇବିସିଙ୍କୁ ୧୧.୨୫% ସଂରକ୍ଷଣ

ଭୁବନେଶ୍ୱର,୧୫/୫: ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗ (ଏସଇବିସି) ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଛି। ଏହି ସଂରକ୍ଷଣ ନୀତି ଅନୁସାରେ ଉଚ୍ଚଶିକ୍ଷାନୁଷ୍ଠାନରେ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ଚଳିତ ଶିକ୍ଷାବର୍ଷ ୨୦୨୫–୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଏହା ପ୍ରଚଳନ କରାଯିବ। ରାଜ୍ୟ କ୍ୟାବିନେଟ୍‌ରେ ଉଚ୍ଚଶିକ୍ଷା ବିଭାଗର ଏହି ପ୍ରସ୍ତାବ ସମେତ ୬ ବିଭାଗର ମୋଟ୍ ୬ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାବିନେଟ୍ ବୈଠକ ପରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୬ଟି ପ୍ରସ୍ତାବ ଉପରେ ଆଲୋଚନା ସହ ମଞ୍ଜୁରି ପ୍ରଦାନ କରାଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ, ଉଚ୍ଚଶିକ୍ଷାନୁଷ୍ଠାନରେ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା +୨ ପାଠ୍ୟକ୍ରମ, ଶିକ୍ଷକ ଶିକ୍ଷା ଓ ଧନ୍ଦାମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସ୍ନାତକ (ପ୍ରଦର୍ଶନକଳା) ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବିପିଏଡ୍/ଏମପିଏଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। ଏହା ଲାଗୁ ହେବା ପରେ ଉଚ୍ଚଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜନଜାତି ବର୍ଗର (ଏସ୍‌ଟି) ଛାତ୍ରଛାତ୍ରୀଙ୍କ ପାଇଁ ୨୨.୫%, ଅନୁସୂଚିତ ଜାତି ବର୍ଗର (ଏସ୍‌ସି) ଛାତ୍ରଛାତ୍ରୀଙ୍କ ଲାଗି ୧୬.୨୫%, ଏସ୍ଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫%, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ୫% ଓ ପୂର୍ବତନ ସେନାଙ୍କ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ୧% ଆସନ ସଂରକ୍ଷିତ ରହିବ। ରାଜ୍ୟରେ ଆଗରୁ କେବଳ



ସରକାରୀ ଚାକିରି କ୍ଷେତ୍ରରେ ଏସ୍ଇବିସି ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଥିବାବେଳେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଏହାକୁ ଲାଗୁ କରାଯାଇନଥିଲା। ଯାହାଫଳରେ ଏସ୍ଇବିସି ବର୍ଗର ବହୁ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ବାଧକ ସାଜିଥିଲା। କ୍ୟାବିନେଟର ନିଷ୍ପତ୍ତି ପରେ ଏସ୍ଇବିସି ବର୍ଗ ପାଇଁ ଉଚ୍ଚଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ଲାଗୁହେବ। ରାଜ୍ୟରେ ଶିକ୍ଷା କ୍ଷେତ୍ରର ସାମଗ୍ରିକ ବିକାଶକୁ ଏହି ନିଷ୍ପତ୍ତି ଦ୍ୱାରା ସୁନିଶ୍ଚିତ କରାଯାଇଛି। ଏହାଫଳରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଦୀର୍ଘଦିନର ଅପେକ୍ଷାର ଅନ୍ତ ହୋଇଛି। ଏହି ନିଷ୍ପତ୍ତି ଦ୍ୱାରା ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ରାଜ୍ୟରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ମୋଟ ନାମଲେଖା ଅନୁପାତ ବୃଦ୍ଧି ହେବାର ଲକ୍ଷ୍ୟ ରହିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସମନ୍ୱିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ରେ ସଂଶୋଧନ ରାଜ୍ୟ କ୍ୟାବିନେଟ୍‌ରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ପାରିତ ହୋଇଛି। ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ର ସଂଶୋଧନ କରାଯାଇଛି। ଏହି ସଂଶୋଧନ ଅନୁଯାୟୀ, ଟ୍ରାଫିକ୍ ସବ୍-ଇନ୍ସପେକ୍ଟର ପଦ ଏବଂ ଅବକାରୀ ସବ୍ ଇନ୍ସପେକ୍ଟର ପଦଗୁଡ଼ିକ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ର ଅନୁଚ୍ଛେଦ-୧ରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ଅଗ୍ନିଶମ ସେବା, ହୋମ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ, ଗୃହ (ସିଭିଲ୍ ଡିଫେନ୍ସ) ବିଭାଗର ମହାନିର୍ଦ୍ଦେଶକଙ୍କ ଅଧୀନରେ ଥିବା ନାଗରିକ ପ୍ରତିରକ୍ଷା ପ୍ରଶିକ୍ଷକ/ସିନିୟର ଷ୍ଟୋର ଇନ୍ସପେକ୍ଟର ପଦ ମଧ୍ୟ ଅନୁଚ୍ଛେଦ-୧ରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ଉପରୋକ୍ତ ପଦଗୁଡ଼ିକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳନା କରିପାରିବେ।

## ଲକ୍ଷ୍ମୀ ବନ୍ଧ କେନାଲ ଅବସ୍ଥା ଶୋଚନୀୟ

ଆଠଗଡ,୧୫/୫: ଆଠଗଡ ସହରର କନ୍ଦୋଲଠାରେ ସାପୁଆ ନଦୀ ଉପରେ ପ୍ରତିଷ୍ଠିତ ଲକ୍ଷ୍ମୀବନ୍ଧ ଜଳସେଚନ ପ୍ରକଳ୍ପରୁ ସଂଯୋଗୀ ୧ ନଂ କେନାଲ ରକ୍ଷଣାବେକ୍ଷଣ, ମରାମତି ଓ ସଫେଇ ଅଭାବରୁ ଶୋଚନୀୟ ହୋଇପଡିଛି। ଏହି ଲକ୍ଷ୍ମୀବନ୍ଧ ଓ ସଂଯୋଗୀ କେନାଲ ପୂର୍ବରୁ କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ଥିଲା । ତେବେ ଗତ ଦୁଇତିନ ବର୍ଷ ପୂର୍ବରୁ ଏହା ରେଙ୍ଗାଲି ଦକ୍ଷିଣ କେନାଲ ବିଭାଗ ଅଧିନକୁ ହସ୍ତାନ୍ତର ହେବା ଦିନଠାରୁ ଏହାର ଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ମରାମତି ହେଉନଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଗତ ବର୍ଷ ଏହି କେନାଲରେ ଘାଇ ସୃଷ୍ଟି ହେବା ଦ୍ୱାରା ଜଳ ପ୍ଲାବିତ ହୋଇ ଶହ ଶହ ଏକର ଫସଲ ନଷ୍ଟ ହୋଇଥିଲା। ସେହିପରି ଘାଇ ମରାମତି ଠିକ୍ ସମୟରେ ନହେବା ଦ୍ୱାରା କେନାଲରେ ତଳମୁଣ୍ଡକୁ ପାଣି ନଯିବା ଯୋଗୁଁ ଧାନ ଥୋଡ ବାହାରିବା ସମୟରେ ଉକ୍ତ କେନାଲ ଓ ଉପକେନାଲରେ ଜଳସେଚନ ହୋଇ ପାରିନଥିଲା। ଫଳରେ ଇନ୍ଦିପୁର, ପାଇକରାପୁର, ଯୋରନ୍ଦା, କରିକୋଲ



ଓ ଲାଉରଥ ଆଦି ଗ୍ରାମାଞ୍ଚଳରେ ଶତାଧିକ ଏକର ଜମିରେ ଚାଷୀଙ୍କର ଫସଲ ଉଜୁଡି ଯାଇଥିଲା। ଗତବର୍ଷ ଘାଇ ହୋଇଥିବା ଗୋଟିଏ ସ୍ଥାନରେ ବାଲି ବସ୍ତା ପକାଇ ମରାମତି କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ଘାଇ ଏ ପର୍ଯ୍ୟନ୍ତ ମରାମତି ହୋଇନାହିଁ ବୋଲି ସେ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି। ସଫେଇ ନହେବା ଫଳରେ କେନାଲ ମଧ୍ୟରେ ଅନାବନା ଗଛ ଉଠି ଝାଟି ଜଙ୍ଗଲ ଭଳି ଦେଖାଯିବା ସହ କେନାଲ ମଧ୍ୟ ପୋତି ହୋଇଯାଉଛି। ଏବେ ବର୍ଷା ଋତୁ ଆସନ୍ନ ହୋଇଥିଲେ ସୁଦ୍ଧା ରେଙ୍ଗାଲି ଦକ୍ଷିଣ କେନାଲ କର୍ତ୍ତୃପକ୍ଷ ଉକ୍ତ ଲକ୍ଷ୍ମୀବନ୍ଧ ୧ନଂ କେନାଲର ଘାଇ ସ୍ଥାୟୀ ଭାବେ ମରାମତି କରିବା କିମ୍ବା କେନାଲର ରକ୍ଷଣାବେକ୍ଷଣ ଓ ସଫେଇ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଆଉ ୧୫-୨୦ ଦିନ ପରେ ମୌସୁମୀ ବର୍ଷା ସମ୍ଭାବନା ଥିବାରୁ ଉକ୍ତ କେନାଲର ଜଳସେଚନ ଉପରେ ନିର୍ଭରଶୀଳ ଚାଷୀକୂଳକୁ ଏବେ ଚିନ୍ତା ଘାରିଛି । ଏହି କେନାଲର ଦାୟିତ୍ୱରେ ଥିବା ରେଙ୍ଗାଲି ଦକ୍ଷିଣ କେନାଲର ଆଠଗଡରେ କାର୍ଯ୍ୟାଳୟ ନାହିଁ । ଏହାର କାର୍ଯ୍ୟାଳୟ ଢେଙ୍କାନାଳ ମହିଷାପାଟଠାରେ ରହିଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବା ଚାଷୀମାନଙ୍କ ପାଇଁ ସମ୍ଭବପର ହେଉନାହିଁ। ସେହିପରି ବିଭାଗୀୟ ଯନ୍ତ୍ରୀ ମଧ୍ୟ କାଁ ଭାଁ କେତେବେଳେ ଆଠଗଡ ଆସୁଥିବା ଓ କେନାଲ ବ୍ୟବସ୍ଥାର ତନଖି କରୁନଥିବା ଅଭିଯୋଗ ହେଉଛି । ତଥାପି ଏ ଅଞ୍ଚଳର କେତେକ ଚାଷୀ ରେଙ୍ଗାଲି ଦକ୍ଷିଣ କେନାଲର ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କେନାଲର ସ୍ଥିତି ଓ ଅବସ୍ଥା ସମ୍ପର୍କରେ ଫଟୋ ପଠାଇ ଅବଗତ କରାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଚାଷୀ ନିରାଶ ହୋଇଛନ୍ତି । ବର୍ଷା ଋତୁ ଆରମ୍ଭ ପୂର୍ବରୁ ଲକ୍ଷ୍ମୀବନ୍ଧ ୧ନଂ କେନାଲ ଓ ତାର ଉପକେନାଲର ରକ୍ଷଣାବେକ୍ଷଣ, ଘାଇ ମରାମତି ଓ ସଫେଇ କାର୍ଯ୍ୟ ଶେଷ କରିବାକୁ ଯୋରନ୍ଦା ପଞ୍ଚାୟତର ଚାଷୀ ମାନେ ଦାବି କରାଛନ୍ତି। ନଚେତ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ଚେତାଇ ଦେଇଛନ୍ତି।

## ବିଦ୍ୟାଳୟରେ ଦୁର୍ନୀତି ନେଇ ବିଧାୟକଙ୍କୁ ଅଭିଯୋଗ

କାମାକ୍ଷାନଗର,୧୫/୫: କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ସ୍ଥିତ ପଳାଶୁଣି ବିଶ୍ୱ ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ନୀତି ହେଉଥିବାର ଅଭିଯୋଗ କ୍ରମେ ଛାତ୍ର ଛାତ୍ରୀ, ଅଭିଭାବକ ଓ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଲିଖିତ ଆକାରରେ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମହାବୀରରୋଡ଼ ସ୍ଥିତ ପଳାଶୁଣୀ ବିଶ୍ୱ ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ – ୨୦୨୫ / ୨୬ ବର୍ଷ ପାଇଁ ଦ୍ୱିତୀୟ ବର୍ଷରେ ରି ଆଡ଼ମିସନ କରିବାକୁ ଯାଉଥିବା ଛାତ୍ର ଛାତ୍ରୀ ମାନଙ୍କର ଆଡ଼ମିଶନ ଫି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ବିନା ଅନୁମୋଦନରେ ରାତିଅଧିଆ ବୃଦ୍ଧି କରାଯାଇଛି। ପୂର୍ବରୁ ରି – ଆଡ଼ମିଶନ ଫି କଳା ଛାତ୍ର ଛାତ୍ରୀଙ୍କ ପାଇଁ ୩ ହଜାର ୫ ଶହ ଟଙ୍କା ଧାର୍ଯ୍ୟ ରହିଥିବା ବେଳେ ବିଜ୍ଞାନ ଛାତ୍ର ଛାତ୍ରୀଙ୍କ ପାଇଁ ୪ ହଜାର ଟଙ୍କା ଧାର୍ଯ୍ୟ ରହିଥିଲା। ବର୍ତ୍ତମାନ ପୂର୍ବ ନିର୍ଦ୍ଧାରିତ ଅନୁସାରେ ଧାର୍ଯ୍ୟ ରହିଥିବା ରି – ଆଡ଼ମିଶନ ଫି ବ୍ୟତୀତ ଟିୟୁସନ୍ ଫି ବାବଦ କଳା ଛାତ୍ର ଛାତ୍ରୀଙ୍କ ପାଇଁ ୧୨ ଶହ ଟଙ୍କା ରହିଥିବା ବେଳେ ବିଜ୍ଞାନ ଛାତ୍ର ଛାତ୍ରୀଙ୍କ ପାଇଁ ୨୪ ଶହ ଟଙ୍କା ଦେବାକୁ ଧାର୍ଯ୍ୟ ରହିଛି। ଯାହା ଫଳରେ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ଗରିବ ଶ୍ରେଣୀର ପରିବାର ପକ୍ଷରେ ବୋଝ ଉପରେ ଲଳିତା ବିଡ଼ା ସଦୃଶ ସୃଷ୍ଟି ହେଉଛି। ବିଦ୍ୟାର୍ଥୀଙ୍କ ଠାରୁ ଟିୟୁସନ୍ ଫି ଆଦାୟ ନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ଏହି ଅନୁଷ୍ଠାନରେ କିପରି ମନଇଚ୍ଛା ଅର୍ଥ ଆଦାୟ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରଙ୍କ ନିୟମାନୁସାରେ ବାୟୋମେଟ୍ରିକ୍ ଉପସ୍ଥାପନ ବାଧ୍ୟତାମୂଳକ ଥିବା ବେଳେ ଏହି ଅନୁଷ୍ଠାନରେ ଅଧିକାଂଶ ଅଧ୍ୟାପକ ଓ କର୍ମଚାରୀ ଅନୁପସ୍ଥିତ ଥାଇ ମଧ୍ୟ ସେମାନଙ୍କର କିପରି ସମ୍ପୂର୍ଣ୍ଣ ଦରମା ମଞ୍ଜୁର କରାଯାଉଛି ତାହା ତଦନ୍ତ ସାପେକ୍ଷ।

## ଶିଳ୍ପ ପ୍ରତିଷ୍ଠା କରିନଥିଲେ ଫେରସ୍ତ ହେବ ଜମି



ଭୁବନେଶ୍ୱର,୧୫/୫: ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ବହୁ ଘରୋଇ ଶିଳ୍ପ ଅନୁଷ୍ଠାନ ଆବଶ୍ୟକତା ଠାରୁ ଅଧିକ ଜମି ନେଇଛନ୍ତି। ସେ ଜମିଗୁଡ଼ିକୁ ବ୍ୟବହାର କରିପାରିନାହାନ୍ତି। ସେହିଭଳି ବହୁ ଶିଳ୍ପ ସଂସ୍ଥା ଜମି ନେଇ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶିଳ୍ପ ପ୍ରତିଷ୍ଠା କରିପାରିନାହାନ୍ତି। ଏ ସଂକ୍ରାନ୍ତରେ ୨ ମାସ ମଧ୍ୟରେ ଜିଲାପାଳଙ୍କୁ ଚିଠି ଲେଖାଯିବ। ଜିଲାରେ ଏଭଳି କେତେ ଶିଳ୍ପ ଅଛି, ତାହାର ରିପୋର୍ଟ ଦେବେ ଜିଲାପାଳ। ସରକାର ଆଇନ ଅନୁସାରେ ସେହିସବୁ ଜମିକୁ ଫେରସ୍ତ ଆଣିବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ଓଡ଼ିଶାରେ ବହୁ ଶିଳ୍ପ ପ୍ରକଳ୍ପ ଲାଗି ଶିଳ୍ପସଂସ୍ଥାଙ୍କ ସହ ଏମଓୟୁ କରାଯାଇଛି, ସେଥିପାଇଁ ପର୍ଯ୍ୟାପ୍ତ ଜମିର ଆବଶ୍ୟକତା ରହିଛି। ଶିଳ୍ପ ପ୍ରତିଷ୍ଠା ସହ ବର୍ତ୍ତମାନର ସରକାର ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଲାଗି ଏକ ଏସଓପି ପ୍ରସ୍ତୁତ କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟରେ ପୁନର୍ବାସ ଓ ଥଇଥାନକୁ (ଆର ଆଣ୍ଡ ଆର) ନୀତି ସମ୍ପର୍କରେ ବିଧାନସଭା ଗୃହ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ୨୦୦୬ ମସିହାର ଥଇଥାନ ଓ ପୁନର୍ବାସ ନୀତିକୁ ସରକାର ନୂଆ ରୂପ ଦେବାକୁ ଯାଉଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମୟ ଉପଯୋଗୀ ଓଡ଼ିଶା ପୁନର୍ବାସ ଓ ପୁନଃ ଥଇଥାନ ନୀତି ସରକାର ପ୍ରସ୍ତୁତ କରୁଛନ୍ତି। ରେଳ, ଜଳସେଚନ ପ୍ରକଳ୍ପ, ସଡ଼କ (ଉଭୟ ଜାତୀୟ ଓ ରାଜ୍ୟ ରାଜପଥ), ଶିଳ୍ପ, ସରକାରୀ ଉଦ୍ୟୋଗ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥାଏ।

## ଯକ୍ଷ୍ମା ମୁକ୍ତ ଭାରତ ସଚେତନତା ଓ ସ୍ୱାସ୍ଥ୍ୟ ସେବା ଶିବିର




ଗୁରୁଡିଝାଟିଆ,୧୫/୫: ଯକ୍ଷ୍ମା ମୁକ୍ତ ଭାରତ ସଚେତନତା ଓ ସ୍ୱାସ୍ଥ୍ୟ ସେବା ଶିବିର ଧୁରଷିଆରେ ଅନୁଷ୍ଠିତ ହୋଇଛି ।ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଜୟନ୍ତୀ ଅବସରରେ ନରାଜ ସ୍ଥିତ ଶ୍ରୀ ଶ୍ରୀ ଆୟୁର୍ବେଦିକ ମହାବିଦ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି ।ଏଥିରେ ଶତାଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦେଇ ଥିଲେ। କାର୍ଯ୍ୟକ୍ରମକୁ ଆଠଗଡ ବିଡ଼ିଓ ଆକାଶ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ଡିନ ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ଅତିରିକ୍ତ ବିଡ଼ିଓ ନବ କଟକିଆ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମଙ୍ଗୁଳି ଚରଣ ପାଣି ଓ ସ୍ଥାନୀୟ ଆୟୁର୍ବେଦିକ ଚିକିତ୍ସାଳୟର ଡାକ୍ତର ସ୍ୱାତୀ ପ୍ରୀତି ଲଗ୍ନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ।

# ଧାମନଗରର ଅତ୍ୟାବଶ୍ୟକ ଦୁଇଟି ବାଇପ ରାସ୍ତା ପାଇଁ ସୀମା ନିର୍ଦ୍ଧାରଣ ସରିଥିଲେ ମଧ୍ୟ ଫାଇଲି ତଳେ ସୀମିତ





ଧାମନଗର : ଧାମନଗର ହେଉଛି ଏକ ସମ୍ବେଦନଶୀଳ ଅଞ୍ଚଳ ଏଠି ମୁଖ୍ୟ ରାସ୍ତା ଗୁଡ଼ିକ ଏବେ ବ୍ୟସ୍ତ ବହୁଳ ହୋଇ ପଡୁଛି ଓ ଧାମନଗରର ଅତ୍ୟାବଶ୍ୟକ ଦୁଇଟି ବାଇପ ରାସ୍ତା ପାଇଁ ସୀମା ନିର୍ଦ୍ଧାରଣ ସରିଥିଲେ ମଧ୍ୟ ଫାଇଲି ତଳେ ସୀମିତରହିଛି। ଅଧିକାଂଶ ସମୟ ଟ୍ରାଫିକ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ଦେଖାଦେଇଛି। ଏବଂବିଭିନ୍ନ ପର୍ବ ପର୍ବାଣୀ ସମୟରେ ଅଧିକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଧାମନଗର ରେ ବାଇପାସ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଗଣମାଧମରେ ଖବର ପ୍ରକାଶ ପାଇଛି। ଧାମନଗର ଠାରେ ପ୍ରତିବର୍ଷ ପୀରବାବା ହଜରତ ମୁଜାହିଦ –ଏ ମିଲ୍ଲତଙ୍କ ବାର୍ଷିକ ଉର୍ସ ଉତ୍ସବ ସମୟରେ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ପାଇଁ ଧାମନଗର ମୁଖ୍ୟ ରାସ୍ତାଟି ଜନଗହଳି ପୂର୍ଣ୍ଣ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରେ ଓ କଟକ, ପୁରୀ, ଭୁବନେଶ୍ୱରକୁ ଯାତାୟାତ କରୁଥିବା ଲାଇନ ବସ ଏପରିକି ଆମ୍ବୁଲାନ୍ସ ମଧ୍ୟ ଏହି ରାସ୍ତା ଉପରେ ଯାଇପାରେ ନାହିଁ। ଏଥିସହିତ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥର କୋଠାର ଛକ ଠାରୁ ନସଲାପୁର ଗ୍ରାମ ମଧ୍ୟଦେଇ ଆସିଥିବା ଧାମନଗର- କୋଠାର ରାସ୍ତା ଓ ଅଧିକ ବାଙ୍କ ଓ ବୁଲାଣୀ ପାଇଁ ଅଧିକାଂଶ ସମୟରେ ଏଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଦୋଳ ପୂର୍ଣ୍ଣିମାରେ ଏଠାରେ ଅନୁଷ୍ଠିତ ବୟାଙ୍ଗଡିହ ମେଳଣ ସମୟରେ ଯାତ୍ରୀବାହୀ ଗାଡ଼ି ଯିବା ତ ଦୂରର କଥା ସାଇକେଲ ଓ ମୋଟର ସାଇକେଲ ଟିଏ ବି ଯା'ଆସ କରି ପାରେ ନାହିଁ। ଅତ୍ୟାବଶ୍ୟକ ବାଇପାସ ରାସ୍ତାର ପ୍ରଶାସନିକ ପ୍ରସ୍ତାବ ହେଲା ଭଦ୍ରକ-ଆର ଡି ରାସ୍ତାର କୋଠାର ବାଲିଚତିରି ପୋଲ ଠାରୁ ବୟାଙ୍ଗଡିହ ମେଳଣ ପଡ଼ିଆ ନିକଟସ୍ଥ ଧାମନଗର-କୋଠାର ରାସ୍ତାକୁ ସଂଯୋଗ କରୁଥିବା ବାଇପାସ ରାସ୍ତା କ୍ଷ ନସଲାପୁର ଗ୍ରାମ ବାଦ ହୋଇ ଏହି ରାସ୍ତା ନିର୍ମାଣ ହେଲେ ଗ୍ରାମ ଭିତରେ ହେଉଥିବା ଟ୍ରାଫିକ ସମସ୍ୟା ଦୂର ହେବା। ସେହିପରି ଜୟନଗର ଛକ ଭାୟା ଆଦର୍ଶ ବିଦ୍ୟାଳୟ ପଛପଟ ଠାରୁ ଧାମନଗର ଶବ ବ୍ୟବଚ୍ଛେଦ କେନ୍ଦ୍ର ପର୍ଯ୍ୟନ୍ତ ବାଇପାସ ରାସ୍ତା ଅତ୍ୟନ୍ତ ଆବଶ୍ୟକ ହେତୁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତାବ ଓ ସୀମା ନିର୍ଦ୍ଧାରଣ ସରିଥିଲେ ମଧ୍ୟ ପ୍ରସ୍ତାବ ଫାଇଲ ଭିତରେ ରହିଯାଇଛି। ଜନସାଧାରଣଙ୍କ ସୁବିଧା ଓ ଘଟୁଥିବା ଟ୍ରାଫିକ ସମସ୍ୟା ଦୂରୀକରଣ ପାଇଁ କାହାର ବି ନଜର କୁ ଆସେନାହିଁ ଓ ଜନସଂଖ୍ୟା ବୃଦ୍ଧି ସହ ଯାନ ବାହନ ବି ବୃଦ୍ଧି ହୋଇଛି ମାତ୍ର ଏହି ଦୁଇ ବାଇ ପାସର ସମସ୍ୟା ଦୂର ହୋଇପାରୁନାହିଁ ଓ ପ୍ରକାଶ ଥାଉକି କୋଠାର- ଭଦ୍ରକ ରାସ୍ତାର କୋଠର ଠାରେ ଦୀର୍ଘ ବର୍ଷର ଦାବି ଓ ସମସ୍ୟା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମୟରେ ପ୍ରଚେଷ୍ଟାରେ କାର୍ଯ୍ୟକାରି ହୋଇ ଥିଲା ମାତ୍ର ଉକ୍ତ ଦୁଇଟି ବାଇପାସ ରାସ୍ତା ନିର୍ମାଣ ହେଲେ ଯାତାୟାତରେ ସୁବିଧା ହୋଇପାରିବ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି ଓ ମାତ୍ର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଏବଂ ଜିଲ୍ଲା ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁଁ ଉକ୍ତ ଦୁଇଟି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ବୋଲି ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।(

# ଅଭିଭୁକ୍ତ କୋରାପୁଟ ଜିଲ୍ଲା ମଗଧା ଗୌଡ ମହାସଭାର ଶାଖା-ନବରଙ୍ଗପୁର କଷାଗୁମୁଡା ବ୍ଲକ ଗୌଡ଼ ସମାଜ କମିଟି ଗଠନ



କଷାଗମୁଡା ବ୍ଲକର ଚିକଲ ପଦର ଗ୍ରାମ ଠାରେ ଅଭିଭୁକ୍ତ କୋରାପୁଟ ଜିଲ୍ଲା ମଗଧା ଗୌଡ ମହାସଭା ଶାଖା - ନବରଙ୍ଗପୁର ତରଫରୁ ଅଭିଭୁକ୍ତ କୋରାପୁଟ ଜିଲ୍ଲା ମଗଧା ଗୌଡ ମହାସଭାର ସଦସ୍ୟ ଶ୍ରୀ ଜଗବନ୍ଧୁ ଗୌଡ, ଅଧକ୍ଷତାରେ ଗୋଟିଏ ବ୍ଲକ ସ୍ତରୀୟ ସାଧାରଣ ସଭାର ଆୟୋଜନ କରାଯାଇଥିଲା ପ୍ରଥମେ ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜା ଅର୍ଚ୍ଚନା କରି ଅତିଥି ମାନଙ୍କୁ ଫୁଲତୋଳା ଓ ଅତର ଦେଇ ସମ୍ବର୍ଧନା ଦିଆଯାଇଥିଲା,ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ଅଭିଭୁକ୍ତ କୋରାପୁଟ ଜିଲ୍ଲା ମଗଧା ଗୌଡ ମହାସଭା ସାଧାରଣ ସଂପାଦକ ଶ୍ରୀ ଯୁକ୍ତପର୍ଶୁରାମ ନାୟକ ଯାଦବ, ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଥିଲେ ଡାବୁଗାଁ ବ୍ଲକର ବ୍ଲକ ସଭାପତି ଶ୍ରୀଯୁକ୍ତ କୃପା ସିନ୍ଧୁ ଗୌଡ, ଉମରକୋଟ ନଗର ସଭାପତି ଶ୍ରୀଯୁକ୍ତ ଗୋପାଳ ଗୌଡ,ପାପଡାହାଣ୍ଡି ବ୍ଲକର ସଭାପତି ଶ୍ରୀଯୁକ୍ତ ଜଗବନ୍ଧୁ ଗୌଡ, ସଂପାଦକ ଶ୍ରୀ ଯୁକ୍ତ ଶୁକ୍ରୁ ଗୌଡ, ଉପସଭାପତି ଶ୍ରୀ ଜଗବନ୍ଧୁ ଗୌଡ, ଉମରକୋଟ ବ୍ଲକର ଶ୍ରୀ ଶରଣ ଗୌଡ, ପଦନଗୌଡ, ଡମ୍ବରୁଧର ଗୌଡ, ବୃନ୍ଦା ବନ ନାୟକ, ,ରୁପଚନଦ ଗୌଡ, ଅଶୋକ ନାୟକ, ଏଥିରେ ଅଭିଭୁକ୍ତ କୋରାପୁଟ ଜିଲ୍ଲା ମଗଧା ଗୌଡ ମହାସଭାର ସାଧାରଣ ସଂପାଦକ ଶ୍ରୀ ଯୁକ୍ତ ପର୍ଶୁରାମ ନାୟକ ସମାଜର ରିତି ନିତି ,ଶିକ୍ଷା, ବାଲ୍ୟ ବିବାହ, ବ୍ରତ,କୁଶଷ୍କାର, ବିଷୟରେ ଆଲୋଚନା କରାଯାଇ ଥିଲା, ସେଷରେ କଷାଗୁମୁଡା ବ୍ଲକର ବ୍ଲକ କମିଟି ଗଠନ କରାଯାଇଥିଲା ବ୍ଲକ ସଭାପତି ପଦ ସକାଶେ ଶ୍ରୀ ବୈଦ୍ୟନାଥ ଗୌଡ, ଉପସଭାପତି ଶ୍ରୀ ଲକିନାଥ ଗୌଡ,ବଳରାମ ଗୌଡ, ସାଧାରଣ ସଂପାଦକ ଶ୍ରୀ କମଲୁ ଗୌଡ,ସହ ସଂପାଦକ ଶ୍ରୀ ଭଗତ ଗୌଡ, ସଂପାଦକ ଶ୍ରୀ ଡାଲ୍ବନ୍ଧୁ ଗୌଡ, କୋଷାଧ୍ୟକ୍ଷ ଶ୍ରୀ ଲଛିନ୍ ଧର ଗୌଡ, ଉପଦେଷ୍ଟା କୃର୍ତିବାସ ଗୌଡ, ଗୋବର୍ଦ୍ଧନ ଗୌଡ, ମଦନ ଗୌଡ,ଯୁବସଭାପତି ଶ୍ରୀ କୃଷ୍ଣ ଗୌଡ, ସଂପାଦକ ଶ୍ରୀ ଡମ୍ବରୁଧର ଗୌଡ, ନାୟକ ଅର୍ଜୁନ ଗୌଡ, ରତନ ନାୟକ,ପାଣି ଗ୍ରାହି ଧନସିଂ ଗୌଡ, ଚଲାନ ଶ୍ରୀ ହିରଣ ଗୌଡ,ସମେତ କଷାଗୁମୁଡା ବ୍ଲକର ପ୍ରତ୍ୟେକ ଜିପିର ଯାଦବ ମାନଙ୍କୁ ସଦସ୍ୟ ରଖାଗଲା ସେଥି ମଧ୍ୟରୁ ଶ୍ରୀ ଅର୍ଜୁନ ଗୌଡ, ଡମ୍ବ ଗୌଡ, ଭକ୍ତ ଗୌଡ,ଧନସିଂ ଗୌଡ, ଗୋବର୍ଦ୍ଧନ ଗୌଡ,ମଦନ ଗୌଡ, ବୃନ୍ଦା ଗୌଡ,ଗୋବର ଗୌଡ,ରାମସାଏ ଗୌଡ, କୃଷ୍ଣ ଗୌଡ,କମ୍ଲୁ ଗୌଡ, ସମେତ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ସମାଜର ମୁଖ୍ୟ ମାନେ ଯୋଗ ଦେଇଥିଲେ ଓ ନୁତନ କମିଟିକୁ ସମ୍ମାନ ପ୍ରଦାନ କରି ବ୍ଲକର ସଂପୂର୍ଣ୍ଣ ଦାୟିତ୍ୱ ଦେଲେ ଶେଷରେ ନୁତନ ସଭାପତି ଶ୍ରୀଯୁକ୍ତ ବୈଦ୍ୟନାଥ ଗୌଡ ଧନ୍ୟବାଦ ଦେଇ ସଭା ଭଙ୍ଗକରି ଥିଲେ ।

# "ରକ୍ତଦାନ ଜୀବନଦାନ" ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ପରିବର୍ଷିତ କମିଟି ଅନୁଷ୍ଠିତ

ଧାମନଗର : "ରକ୍ତଦାନ ଜୀବନଦାନ" ରାଜ୍ୟର ସର୍ବପୁରାତନ ଓ ସର୍ବବୃହତ ସାମ୍ବାଦିକ ସଂଘ ଉତ୍କଳ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲା ରେଡକ୍ରସ୍ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ପରିବର୍ଦ୍ଧିତ କମିଟି ବୈଠକ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତତ୍ୱରେ ଉଦଘାଟକ ଭାବେ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଚିକିତ୍ସାଧିକାରୀ ଡା ସୁଧାଂଶୁ ବଳ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ବିଭୂତି ଭୂଷଣ କର,ବରେଣ୍ୟ ଅତିଥି ଭାବେ ଭଦ୍ରକର ଯୁବ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି? ଭାବେ ଖୋଲାଫର୍ଦ୍ଦ ସମ୍ପାଦକ ବିମଳ ଭଞ୍ଜଦେଓ,କୋଷାଧକ୍ଷ ରାଜେନ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ନିହାର ଦାସ,ଅତିଶ ରଞ୍ଜନ ବେହେରା, ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍କଳ ସାମ୍ବାଦିକ ସଂଘର ଏଭଳି ଦେଶର ଘଡି ସନ୍ଧି ବେଳେ ସାମ୍ବାଦିକ ବନ୍ଧୁ ମାନେ ସ୍ୱେଚ୍ଛାକୃତ ରକ୍ତଦାନ ଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାମଲ,ଉପସଭାପତି ସୁଧାକର ଦାଶ,ଦୀପ୍ତି ରଞ୍ଜନ ନାୟକ,ରାଜେନ୍ଦ୍ର ଶତପଥ,ସଂଗଠନ ସମ୍ପାଦକ ଅଶ୍ୱିନୀ ପାଢ଼ୀ,ସନ୍ତୋଷ ଦାସ କୋଷାଧକ୍ଷ ଆଶିଷ ମହାନ୍ତି, ରତିକାନ୍ତ ନାୟକ,ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପାଗଳ,ସୁଜୟ ପାକଳ,ଧାମନଗର ବ୍ଲକ ସଭାପତି ସୁଶାନ୍ତ କୁମାର ରାଉତ,ଭଣ୍ଡାରିପୋଖରୀ ସଭାପତି ଦୁର୍ଯ୍ୟୋଧନ ଲେଙ୍କା,ସମ୍ପାଦକ ବିବେକାନନ୍ଦ ପଣ୍ଡା,ଅକ୍ଷୟ ନାୟକ,ସେକ ଜାଫର ଅଲି,ସନ୍ତୋଷ ମହାପାତ୍ର,ଗୌରାଙ୍ଗ ଦାସ,ସରୋଜ ସେଠୀ,ଜଗନ୍ନାଥ ବେହେରା,ସଞ୍ଜୀବ କୁମାର ନାୟକ,ଅଭୟ ସାହୁ,ଦେବାଶିଷ ଦ୍ୱିବେଦୀ,ସୀତାକାନ୍ତ ବିଶ୍ୱାଳ,ଅଜୟ ମଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବ୍ୟକ୍ତି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସୁଶ୍ରୀ ଅଞ୍ଜନା ମିଶ୍ର,ନିରଞ୍ଜନ ନାୟକ,ଗୀତାଞ୍ଜଳି ଅଗସ୍ତି,ରଶ୍ମି ରଞ୍ଜନ ସାହୁ,ବାବୁ ସାହୁ, ସୀତାକାନ୍ତ ବିଶ୍ୱାଳ, ଅଜୟ ମଲ୍ଲିକ, ଅଭୟ ସାହୁ,ରମେଶ ପୃଷ୍ଟି, ଆଲୋକ ନାୟକ,ଅବଦୁଲ ଫିରୋଜ ଖାଁ,ସେକ ଫିରୋଜ ଶାହାଙ୍କ ସମେତ ବହୁ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଡା ଶରତ ଆଚାର୍ଯ୍ୟ,କାଳନ୍ଦୀ ପ୍ରମୁଖ କର୍ମ ଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଉକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୦ ୟୁନିଟରୁ ଉର୍ଦ୍ଧ ରକ୍ତ ସଂଗ୍ରହ କରାଯାଇଥିବା ସଭାପତି ଶ୍ରୀ ଖିଲାର ସୂଚନା ଦେଇଛନ୍ତି।ଶେଷରେ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।(ଫଟୋ)

# ହାଓଡ଼ା-ପୁରୀ ବନ୍ଦେ ଭାରତରେ କୋଚ୍ ସଂଖ୍ୟା ବୃଦ୍ଧି




ଭୁବନେଶ୍ୱର : ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ବର୍ଦ୍ଧିତ ଚାହିଦା ଏବଂ ନିରନ୍ତର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଚଳିତ ମଇ ମାସ ୧୬ ତାରିଖ ଠାରୁ ୨୨୮୯୬/୨୨୮୯୬ ପୁରୀ-ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ରେ ଚାରିଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯାଇ ୨୦ଟି କୋଚ୍ ସହିତ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି । ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ଅତିରିକ୍ତ କୋଚ୍ ସଂଯୋଗ ଦ୍ୱାରା ଏହାର ଗଠନରେ ବୃଦ୍ଧି ପରେ ଏହାର ରେକ୍ କମ୍ପୋଜିସନ୍‌ରେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ଉପଲବ୍ଧ ରହିବ । ପୁରୀ ଓ ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସେମି-ହାଇ-ସ୍ପିଡ୍ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହାର ଗଠନରେ ଚାରୋଟି ଏସି ଚେୟାର କାର୍ କୋଚ୍ ଯୋଡାଯିବାର ଲକ୍ଷ୍ୟ ଅଟେ । ଯାତ୍ରୀଙ୍କ ଚାହିଦା ଏବଂ ଟ୍ରେନ ଯାତ୍ରା ପରିଚାଳନାର ପୁଙ୍ଖାନୁପୁଙ୍ଖ ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି । ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଉଭୟ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦିତ ଟ୍ରେନ ମାନଙ୍କ ମଧ୍ୟରୁ ଗୋଟିଏ । ଏହି ବର୍ଦ୍ଧିତ କୋଚ କ୍ଷମତା ଯାତ୍ରା ସୁବିଧାରେ ଉନ୍ନତି ଆଣିବ ଯାହା ଦ୍ୱାରା ପ୍ରତୀକ୍ଷା ତାଲିକା ହ୍ରାସ ପାଇବା ସହ ଏହି ପ୍ରିମିୟମ୍ ଟ୍ରେନ୍ ସେବାକୁ ଆହୁରି ଲୋକପ୍ରିୟ କରିବ ବୋଲି ଆଶା କରାଯାଉଛି ।

# ଜିଲ୍ଲା ଦୌରାଜଜ ଓ ଭିଜିଲାନ୍ସ ଜଜଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଫୁଲବାଣୀ : କନ୍ଧମାଳ ଜିଲ୍ଲାର ମାନ୍ୟବର ଜିଲ୍ଲା ଦୌରାଜଜ ସତ୍ୟ ପିର ମିଶ୍ର ଓ ଭିଜିଲାନ୍ସ ଜଜ ସମର ବିଳାସ ବେହେରାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜିଲ୍ଲା ଓକିଲ ସଙ୍ଘ କକ୍ଷରେ ଦିଆଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ଓକିଲ ସଙ୍ଘ ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା କ୍ଷ ବାରର ବରିଷ୍ଠ ଆଇନଜୀବୀ ବଂଶୀଧର ମହାପାତ୍ର, ରବୀନ୍ଦ୍ର ନାଥ ମିଶ୍ର, ଭଗବାନ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ଅଜିତ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ମାନ୍ୟବର ଜଜଙ୍କ କାର୍ଯ୍ୟକାଳ ମଧ୍ୟରେ ନିଜ ନିଜର ଅଭିଜ୍ଞତା ବିଷୟରେ ଅଭିଭାଷଣ ରଖିଥିଲେ କ୍ଷ ସେହିପରି ମାନ୍ୟବର ଜିଲ୍ଲା ଜଜ ଫୁଲବାଣୀ ଓକିଲ ସଙ୍ଘ ଏକ ଶୃଙ୍ଖଳିତ ସଙ୍ଘ କ୍ଷ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେବେବି କୌଣସି ଓକିଲ ବିଶୃଙ୍ଖଳା ହେବାର ଦେଖିବାକୁ ମିଳିନାହିଁ ବୋଲି କହିଥିଲେ କ୍ଷ ମୁଁ ଯୋ ଜାଗାକୁ ଗଲେ ବି ଫୁଲବାଣୀ ଓକିଲ ସଙ୍ଘକୁ ନିଶ୍ଚୟ ମନ ରହିବ ବୋଲି ମଧ୍ୟ କହିଥିଲେ କ୍ଷ ଜିଲ୍ଲା ଦୌରା ଜଜ ସତ୍ୟ ପିର ମିଶ୍ରଙ୍କ ବରଗଡ଼ ଜିଲ୍ଲାକୁ ଏବଂ ଭିଜିଲାନ୍ସ ଜଜ ସମର ବିଳାସଙ୍କୁ ଭୁବନେଶ୍ୱର କୋର୍ଟକୁ ବଦଳି ହୋଇଥିବାର ସୂଚନା ରହିଛି କ୍ଷ ଫୁଲବାଣୀ ଓକିଲ ସଙ୍ଘକୁ ମନେ ରଖିବା ପାଇଁ ସଙ୍ଘ ପକ୍ଷରୁ ଉଭୟଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇ ଛି କ୍ଷ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି ପରିଚାଳନା କରିଥିବା ବେଳେ ଉପସଭାପତି ଦିଲ୍ଲିପ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଓକିଲ ସଙ୍ଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ କ୍ଷ

# ରାସ୍ତା ଜବରଦଖଲ ସହ ରାସ୍ତାରୁ ମାଟି ତାଡ଼ିବା ନେଇ ଉତ୍ତେଜନା



କେନ୍ଦ୍ରାପଡ଼ା(୧୫/୦୫) ଡେରାବିଶ ବ୍ଲକ ଅଧିନସ୍ଥ ବସୂପୁର ପଞ୍ଚାୟତ ଭାଣ୍ଡିଲୋ ଗ୍ରାମରେ ଥିବା ଜଳସମ୍ପଦ ବିଭାଗର କେନାଲ ବନ୍ଧ ରାସ୍ତା କୁ ଗ୍ରାମର କିଛି ମୁଷ୍ଟିମେୟ ପ୍ରଭାବଶାଳୀ ଲୋକ ଜବରଦଖଲ କରି ବାଡ଼ ବସାଇବା ସହ ସମୟେ ସମୟେ ବନ୍ଧ କଡ଼ରୁ ଶତାଧିକ ଟ୍ରିପ୍ ମାଟି ତାଡି ନେଇଥିବା ସୂଚନା ମିଳିଛି । ଏ ନେଇ ଗ୍ରାମରେ ଦୁଇ ଗୋଷ୍ଠୀ ହୋଇ ଉତ୍ତେଜନା ଲାଗି ରହିଛି । ପ୍ରକାଶ ଥାଉକି ଜଳସମ୍ପଦ ବିଭାଗର ଏହି କେନାଲ ବନ୍ଧ ରାସ୍ତାଟି ସିଧା ଗ୍ରାମରୁ ଏକ ଦଳିତ ବସ୍ତି ଦେଇ ସିଧା ଗ୍ରାମର ଗ୍ରାମଦେବତୀଙ୍କୁ ସଂଯୋଗ କରିଛି । ରାସ୍ତାର 'ଜିରୋ ଟୁ ଟେନ୍' କଡ଼ରେ ଥିବା ଚାଷ ଜମିର ମାଲିକ ମାନେ ଏପରି କରିଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଗ୍ରାମର ନକ୍ସା ଅନୁସାରେ ଏହି ରାସ୍ତାଟି ୨୫ ରୁ ୩୫ କଡି ଥିବା ବେଳେ ଜବରଦଖଲ ପରେ ଆଉ ମାତ୍ର ୫ ରୁ ୭ କଡ଼ି ବଳି ପଡ଼ିଛି । କେହି ଏହି ରାସ୍ତାକୁ ଜବରଦଖଲ କରି ପନି ପରିବା ଚାଷ କରୁଛି ତ କେହି ଜଳସମ୍ପଦ ବିଭାଗରେ ନିଜର ଭଲ ଜଣା ଶୁଣାର ଫାଇଦା ନେଇ ରାସ୍ତା କୁ କାଟି ନିଜ ବିଲରେ ମିଶାଇ ଦେଇଛି ଆହୁରି ମଧ୍ୟ କେହି ଜେ ସି ବି ମେସିନ୍ ଲଗାଇ ଏହି କେନାଲ ବନ୍ଧ ରାସ୍ତାଟିକୁ କାଟି ମାଟି ବିକିଦେଉଛି ବୋଲି ଖବର ମିଳିଛି । ଏ ସମ୍ପୂର୍ଣ୍ଣ କାର୍ଯ୍ୟ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଥିବା ନିମ୍ନ ସ୍ତରର କର୍ମଚାରୀଙ୍କ ସହଯୋଗ ଏବଂ ଉପରିସ୍ଥ କର୍ମଚାରୀଙ୍କ ଅହେତୁକ ଅନୁକମ୍ପାରେ ହେଉଛି ବୋଲି ଅଭିଯୋଗ ହୋଇଛି । ଏହି ରାସ୍ତା ଉପରେ ନିର୍ଭର କରୁଥିବା ବିଚରା ଦଳିତ ବସ୍ତିଙ୍କ ଦୁଃଖ କହିଲେ ନସରେ । ମାତ୍ର ୫ ରୁ ୭ କଡ଼ି ରାସ୍ତାରେ ବାଇକ୍ ଟିଏ ଯାଇ ପାରୁନଥିବା ବେଳେ କିପରି ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ିର ସାହାଯ୍ୟ ଏମାନେ ପାଇ ପରୁଥିବେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ । ଏ ନେଇ ଗତକାଲି ଗ୍ରାମରେ ଉତ୍ତେଜନା ହେବାରୁ ଦାୟିତ୍ୱରେ ଥିବା ଏସ:ଡି:ଓ ଧରଣୀଧର ବେହେରା ଘଟଣା ସ୍ଥଳକୁ ଯାଇ ତଦାରଖ କରିଥିଲେ ଏବଂ ପ୍ରତିକ୍ରିୟା ରଖି କହିଥିଲେ କି ସେ ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟିଗୋଚର କରିବା ଶହ ଡେରାବିଶ ତହସିଲଦାରଙ୍କ ସହଯୋଗରେ 'ଜିରୋ ଟୁ ଟେନ୍' କେନାଲ ବନ୍ଧ ରାସ୍ତାର ଡିମାର୍କେସନ କରାଇ ଜବରଦଖଲକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗ୍ରାମବାସୀଙ୍କ ଯାତାୟାତ ପାଇଁ ଯଥା ଶୀଘ୍ର ରାସ୍ତା କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ ।

# ୧୫ ଦିନ ନପୁରୁଣୁ ଭାଙ୍ଗୁଛି ଡ୍ରେନ, ନିମ୍ନ ମାନର କାମକୁ ନେଇଁ ଜନ ଆସନ୍ତୋଷ



ମୁନିଗୁଡ : କାମ ଚାଲିଛି ହେଲେ ନିମ୍ନ ମାନର ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଚି ରାୟଗଡ଼ା ଜିଲ୍ଲା ଅମ୍ବାଦଳା ରେ, ଅମ୍ବାଦଳା ସହରର ରାଜରାସ୍ତା ଦୁଇ କଡ଼ରେ ଜଳ ନିଷ୍କାସନ ପାଇଁ ପୂର୍ତ୍ତ ଓ କୋଠାବାଡ଼ି ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବିଭାଗ ପକ୍ଷରୁ ହୋଇଥିବା ଡ୍ରେନ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ଅଭିଯୋଗ ହେଉଛି। ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୧୫ ଦିନ ନପୁରୁଣୁ ଡ୍ରେନ ସ୍ଲାପ ଭାଙ୍ଗି ଯାଉଥିବା ଦେଖିବାକୁ ମିଳୁଛି। ଠିକାଦାର ଓ ଯନ୍ତ୍ରୀଙ୍କ ମନମାନିରେ କାମ ଚାଲି ଥିବାରୁ ଏପରି ଅବସ୍ଥା ହେଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବିଭିନ୍ନ ସମୟରେ ରାସ୍ତା କାମର ମାନକୁ ନେଇ ନିର୍ମାଣ କାରୀ ଠିକା ସଂସ୍ଥା ଚର୍ଚ୍ଚାରେ ରହିଛି । ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ କାର୍ଯ୍ୟ ସମୟରେ ବ୍ୟବହାର ହେବାକୁ ଥିବା କଂକ୍ରିଟର ମାନ ପରୀକ୍ଷା କରାଯାଉ ନାହିଁ। ଯାହା ଫଳରେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଯୋଗୁ ୧୫ ଦିନ ନପୁରୁଣୁ ଡ୍ରେନ ସ୍ଲାପ ଭାଙ୍ଗି ଯାଉଥିବା ଦେଖିବାକୁ ମିଳୁଛି।ଏହି ନିମ୍ନ ମାନର କାମକୁ ଅନେକ ଥର ଖବରକାଗଜ ରେ ପ୍ରକାଶ ପାଇଲେ ମଧ୍ୟ ବିଭାଗୀୟ ଅଧିକାରୀ ଏବଂ ଠିକାଦାର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହଉନଥିବା ଦେଖିବାକୁ ମିଳିଛି କ୍ଷ ତେବେ ଏଠାରେ ବିଭିନ୍ନ ସ୍ଥାନରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବା ଫଳରେ ଠିକା ସଂସ୍ଥା ଏଭଳି ଠକେଇ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗା ଯୋଗ କରିବାରୁ କୌଣସି ଉତ୍ତର ମିଳିପାରି ନାହିଁ କ୍ଷ

# ଅପରେସନ 'ସିନ୍ଦୁର' ର ସଫଳତାରେ 'ପରାକ୍ରମ' ଶୋଭାଯାତ୍ରା ଅନୁଷ୍ଠିତ



ଭବାନୀପାଟଣା ୧୫।୫: କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ହୋଇଛି ଏକ ଭବ୍ୟ ତ୍ରିରଙ୍ଗା ଯାତ୍ରା । କଳାହାଣ୍ଡି ଲୋକସଭା ସାଂସଦ ଶ୍ରୀମତୀ ମାଳବିକା ଦେବୀ ଏବଂ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ନେତୃତ୍ୱରେ ଏହି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି । ଭାରତର ବୀର ଯବାନ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକ୍ରମକୁ ଦମନ କରିବାରେ ପାଇଁ ଯେଉଁ ସାହସ, ପରାକ୍ରମ ଓ ଶକ୍ତି ପ୍ରଦର୍ଶନ କରିଛନ୍ତି ତାର ସମ୍ମାନର୍ଥେ ଏହି ତ୍ରିରଙ୍ଗା ଯାତ୍ରା କରାଯାଉଛି । ଜିଲ୍ଲାପାଳ କାର୍ଯ୍ୟାଳୟ ଗେଟ ସମ୍ମୁଖରୁ ଏହି ତ୍ରିରଙ୍ଗା ଯାତ୍ରା ବାହାରି ଭବାନୀପାଟଣା ସହରର ବିଭିନ୍ନ ଛକ ଦେଇ ରାଲି ଅତିକ୍ରମ କରିଥିଲା। ଏହି ଶୋଭାଯାତ୍ରାରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର ଙ୍କ ସମେତ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷ୍ୟନୁଷ୍ଠାନ, ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ, ଜନସାଧାରଣ ସାମିଲ ହୋଇଛନ୍ତି । ଭାରତୀୟ ସେନାର ମନୋବଳ ବଢାଇବା ତଥା ଆତଙ୍କବାଦୀ ବିରୋଧରେ ଯେଉଁଭଳି ଲଢେଇର ଆବଶ୍ୟକତା ରହିଥିଲା ଭାରତୀୟ ସେନା ତାହା ଦମନ କରିବାରେ ସଫଳତା ହାସଲ କରିଥିଲେ। ପାକିସ୍ତାନର ହମଲାର ଉଚିତ ଜବାବ ଦେଇଛନ୍ତି ଭାରତୀୟ ସେନା । ଆଗକୁ ମଧ୍ୟ ପାକିସ୍ତାନକୁ ଜବାବ ଦିଆଯିବ । ପୁରା ଦେଶ ଭାରତୀୟ ସେନାଙ୍କ ସହ ରହିଛି, ଭାରତୀୟ ସେନା ଆଗକୁ ବଢ଼ନ୍ତୁ ଆମେ ଭାରତୀୟ ସେନାଙ୍କ ସହ ରହିଛୁ । ଆମ ଦେଶ ର ବୀର ଯବାନ ଙ୍କ ମନୋବଳ କୁ ବଢ଼ାଇବା ପାଇଁ ଏହି ରେଲୀ ର ଆୟୋଜନ କରାଯାଇଅଛି। ଆସନ୍ତୁ ଆମେ ମଧ୍ୟ ଭାରତ ମାତା ର ସମ୍ମାନ ଓ ଆମ ସନ୍ୟ ଙ୍କ ସମ୍ମାନ ପାଇଁ ଏହି ତ୍ରିରଙ୍ଗା ଯାତ୍ରା ରେ ସାମିଲ ହେବା ଓ ଆମ ମାଁ ମାଟି ପାଇଁ ଏକଜୁଟ ହେବା ଆମରି ଏକତା ହିଁ ଆମ ଶକ୍ତି। ଆମ ଦେଶ ର ବୀର ଯବାନ ଙ୍କ ମନୋବଳ କୁ ବଢ଼ାଇବା ପାଇଁ ଏହି ରେଲୀ ର ଆୟୋଜନ କରାଯାଇ ଅଛି, ଏବଂ ଆମେ ମଧ୍ୟ ଭାରତ ମାତା ର ସମ୍ମାନ ଓ ଆମ ବୀର ଜବାବ ଙ୍କ ସମ୍ମାନ ପାଇଁ ଏହି ତ୍ରିରଙ୍ଗା ଯାତ୍ରା ରେ ସାମିଲ ହୋଇଥିବାରୁ ତଥା ଆମ ମାଁ ମାଟି ପାଇଁ ଏକଜୁଟ ପୂର୍ବକ ଆମରି ଏକତା ହିଁ ଆମ ଶକ୍ତି ପ୍ରଦର୍ଶନ କରିଥିବାରୁ ସାଂସଦ ମାଳବିକା ଦେବୀ ଓ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉଦବୋଧନ ଦେବା ସହ କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂପାଦକୀୟ

# "ଭଏସ ଫର ଦି ଭଏସଲେସ" ପୁସ୍ତକ ଜରିଆରେ ଦଲାଇଲାମାଙ୍କ ବାର୍ତ୍ତା

ଦଲାଇଲାମା ତାଙ୍କର ଅନୁଗାମୀ ମାନଙ୍କୁ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମରେ କମ୍ୟୁନିଷ୍ଟ ଚୀନର କୌଣସି ଭୂମିକା ରହିବ ନାହିଁ । ସେ ଚୀନର ପରାଧୀନତାରେ ଥିବା ଅଂଚଳରେ ଜନ୍ମ ଗ୍ରହଣ କରିବେ ନାହିଁ । ଅନ୍ୟ ପଟେ ତିବ୍ବତକୁ ୭୫ ବର୍ଷ ଧରି ପରାଧୀନ କରିଥିବା ଚୀନ ସେହି ସମୟକୁ ଅପେକ୍ଷା କରିଛି ଯେ କେବେ ପରମ ପାବନ ଦଲାଇଲାମା କାଳ କବଳିତ ହେବେ ଓ ତା ପରେ ସେ ପରାଧୀନ କରି ରଖିଥିବା ଅଂଚଳର କୌଣସି ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଏହା ଦ୍ୱାରା ତିବ୍ବତ ସମ୍ପୂର୍ଣ ଭାବେ ତାର କବଳକୁ ଆସିଯିବ । ଏବେ ମଧ୍ୟ ତିବତ ଚୀନର କବଳରେ ଅଛି । ହେଲେ ତିବତର ଲୋକ ମାନଙ୍କୁ ସେ ମାନସିକ ରୁପେ ଚୀନର ଗୋଲାମ କରି ପାରି ନାହିଁ । ଚୀନ ଭଲ ଭାବେ ଜାଣେ ଯେ ଯେ ପର୍ଯ୍ୟନ୍ତ ପରମ ୧୪ତମ ପାବନ ଦଲାଇଲାମା ଜୀବିତ ଅଛନ୍ତି ତା ପକ୍ଷେ ଏପରି କରିବା ସମ୍ଭବ ନୁହେଁ । ତେଣୁ ସେ ପରମ ପାବନ ଦଲାଇଲାମା କେବେ କାଳ କବଳିତ ହେବେ ତାକୁ ଅପେକ୍ଷା କରିଛି । ପରମ ପାବନ ଦଲାଇଲାମାଙ୍କ ଏକ ନୂଆ ପୁସ୍ତକ ଆସିଛି ଯାହାର ନାମ ହେଲା "ଭଏସ ଫର ଦି ଭଏସଲେସ : ଓଭର ସେଭେନ ଡିକେଡ୍ସ ଅଫ ଷ୍ଟ୍ରଗଲ ୱିଥ ଚାଇନା ଫର ମାଇଁ ଲ୍ୟାଣ୍ଡ ଏଣ୍ଡ ମାଇଁ ପିପୁଲ " । ଏହି ପୁସ୍ତକ କେବଳ ଯେ ଏକ ରାଜନୈତିକ ଆତ୍ମକଥା ନୁହେଁ ବରଂ ତିବ୍ବତର ପରିଚୟ, ଅହିଂସାତ୍ମକ ପ୍ରତିରୋଧ ଓ ଅସ୍ତିତ୍ୱର ଘୋଷଣା ଅଟେ । ଏହି ପୁସ୍ତକରେ ଦଲାଇଲାମା ଗତ ୭୫ ବର୍ଷ ଧରି ତିବତ ପ୍ରତି ହୋଇଥିବା ଅତ୍ୟାଚାର, ତାଙ୍କର ଚୀନର ଶାସକ ମାନଙ୍କ ସହ ଅନୁଭୂତି, ଭାରତରୁ ତାଙ୍କୁ ମିଳିଥିବା ସ୍ନେହ ଓ ତିବତୀୟ ଓ ସମଗ୍ର ବିଶ୍ୱର ଲୋକ ମାନଙ୍କ ପ୍ରତି ବାର୍ତା ରହିଛି । ମୋଟ ଉପରେ କହିବାକୁ ଗଲେ ଯେ ଏହା ହେଉଛି ତିବତର ପରାଧୀନତାର ଏକ ବାସ୍ତବିକ ଇତିହାସ । ଦଲାଇଲାମା ଏହି ପୁସ୍ତକରେ ସ୍ପଷ୍ଟ ଭାବେ ଲେଖିଛନ୍ତି ଯେ ତାଙ୍କର ପୁନର୍ଜନ୍ମରେ ଚୀନର କୌଣସି ଭୂମିକା ରହିବ ନାହିଁ । ସେ ଚୀନର ପରାଧୀନତାରେ ଥିବା ଅଂଚଳରେ ନୁହେଁ ବରଂ ସ୍ୱାଧୀନ ଅଂଚଳରେ ଜନ୍ମ ଗ୍ରହଣ କରିବେ ଓ ଯାହାଙ୍କୁ ପାରମ୍ପାରିକ ବୌଦ୍ଧ ରୀତି ନୀତି ଅନୁସାରେ ଚିହ୍ନିତ କରାଯିବ । ସେ ଆହୁରି ଲେଖିଛନ୍ତି ସେ ନିଜର ଉତରାଧିକାରୀ ୧୫ତମ ଦଲାଇଲାମାଙ୍କୁ ଚିହ୍ନିବା ପାଇଁ ଲିଖିତ ଭାବେ ନିର୍ଦେଶ ଛାଡି ଯିବେ । ପୁସ୍ତକ ଜରିଆରେ ଦଲାଇଲାମା ନିଜର ଅନୁଗାମୀ ମାନଙ୍କୁ କହିଛନ୍ତି, ଯେ "ଯେପର୍ଯ୍ୟନ୍ତ ଆଗାମୀ ଦଲାଇଲାମାଙ୍କୁ ଚିହ୍ନିବା ପ୍ରକ୍ରିୟା ପାରମ୍ପାରିକ ବୌଦ୍ଧ ପଦ୍ଧତିରେ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ତିବ୍ବତର ଜନ ସାଧାରଣ ଓ ସାରା ବିଶ୍ୱରେ ବସ ବାସ କରୁଥିବା ତିବତୀ ବୌଦ୍ଧ ମାନେ କୌଣସି ପ୍ରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଚିହ୍ନିତ କରାଯାଇଥିବା ପ୍ରାର୍ଥୀଙ୍କୁ ଦଲାଇଲାମା ରୁପେ ସ୍ୱୀକାର କରନ୍ତୁ ନାହିଁ । ପିପୁଲ୍ସ ରିପବ୍ଲିକ ଅଫ ଚାଇନା ବା ପିଆରସି ଦ୍ୱାରା ଏପରି କରାଯାଇ ପାରେ । "ପୁସ୍ତକ ଜାରୀ କରାଯିବାର ଜବାବରେ କମ୍ୟୁନିଷ୍ଟ ଚୀନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦଲାଇଲାମାଙ୍କୁ 'ବିଧ୍ୱଂସକାରୀ' ଓ 'ଧର୍ମର ଆବରଣରେ ବିଛିନ୍ନତାବାଦୀ କାର୍ଯ୍ୟକଳାପରେ ଲିପ୍ତ ଜଣେ ରାଜନୈତିକ ନିର୍ବାସିତ 'ବୋଲି କହିଛି । ଚୀନର ବୈଦେଶିକ ମନ୍ତ୍ରଣାଳୟ ଆହୁରି ଦାବି କରିଛି ଯେ ଚୀନର କମ୍ୟୁନିଷ୍ଟ ପାର୍ଟି (ସିସିପି) ଆଗାମୀ ଦଲାଇଲାମା ଓ ଅନ୍ୟ ପୁନର୍ଜନ୍ମ ବିଶିଷ୍ଟ ଲାମା ମାନଙ୍କୁ ଚୀନର ଧାର୍ମିକ ମାମଲାର ନିୟମ ଅନୁସାରେ ଖୋଜିବ ଓ ମାନ୍ୟତା ପ୍ରଦାନ କରିବ । ବୋଧ ହୁଏ ତାଙ୍କର ପୁସ୍ତକ ଜାରୀ ହେବା ପରେ ଚୀନ ଏଭଳି ପ୍ରତିକ୍ରିୟା ଦେବ ବୋଲି ଦଲାଇଲାମା ପୂର୍ବରୁ ଆଶା କରିଥିଲେ, କାରଣ ଚୀନ କମ୍ୟୁନିଷ୍ଟ ପାର୍ଟୀ (ସିସିପି) ଏ ପ୍ରକାର ବକ୍ତବ୍ୟ ପୂର୍ବରୁ ବାରମ୍ବାର ଦେଇ ଆସିଛି । ତେଣୁ ଦଲାଇଲାମା ଲେଖିଛନ୍ତି, "ଯଦି ଚୀନର କମ୍ୟୁନିଷ୍ଟ ପାର୍ଟି ଲାମା ମାନଙ୍କର ପୁନର୍ଜନ୍ମର ମାନ୍ୟତା ପ୍ରଦାନ କରିବା କାର୍ଯ୍ୟରେ ସାମିଲ ହେବାକୁ ଚାହୁଁଛି ତେବେ ସେ ମାଓ ସେ ତୁଙ୍ଗ ଓ ଅନ୍ୟ ନେତା ମାନଙ୍କର ପୁନର୍ଜନ୍ମକୁ ମାନ୍ୟତା ଦେବା ଉଚିତ । "ଏହି ପୁସ୍ତକରେ ଯାହା ଉଲ୍ଲେଖ ରହିଛି ସେଥିରୁ ସ୍ପଷ୍ଟ ଯେ ଦଲାଇଲାମାଙ୍କ ପ୍ରତିରୋଧର ଭାବନା ତାଙ୍କର ଆଗାମୀ ପୁନର୍ଜନ୍ମରେ ପୁଣି ଥରେ ଜାଗ୍ରତ ହେବା ଭଳି ଲାଗୁଛି । ଦଲାଇଲାମା ତାଙ୍କର ଏହି ନୂତନ ପୁସ୍ତକରେ ଲେଖିଛନ୍ତି, " ପୁନର୍ଜନ୍ମରର ଉଦ୍ଦେଶ୍ୟ ନିଜର ପୂର୍ବବର୍ତୀ କାର୍ଯ୍ୟକୁ ଆଗକୁ ବଢାଇବା ହୋଇଥିବା କାରଣରୁ ନୂଆ ଦଲାଇଲାମା ସ୍ୱାଧୀନ ଦୁନିଆରେ ଜନ୍ମ ନେବ, ଯାହା ଫଳରେ ଦଲାଇଲାମାଙ୍କ ପାରମ୍ପାରିକ ମିଶନ ଅର୍ଥାତ ସାର୍ବଭୌମିକ କରୁଣାର ସ୍ୱର ହେବା, ତିବତର ବୌଦ୍ଧ ଧର୍ମର ଆଧ୍ୟାତ୍ମିକ ନେତା ହେବା ଓ ତିବତର ଆକାଂକ୍ଷାର ପ୍ରତୀକ ହେବା ଆଦି ଜାରୀ ରହି ପାରିବ ।" ଦଶନ୍ଧି ଦଶନ୍ଧି ଧରି ଚୀନର କମ୍ୟୁନିଷ୍ଟ ପାର୍ଟୀ ଦଲାଇଲାମାଙ୍କ ଉପରେ ତିବ୍ବତକୁ ଚୀନରୁ ବିଭାଜିତ କରିବା ପାଇଁ ପ୍ରଚେଷ୍ଟା କରିବାର ଅଭିଯୋଗ ଆଣି ଆସୁଛି । ଚୀନର କମ୍ୟୁନିଷ୍ଟ ପାର୍ଟୀ ଦଲାଇଲାମାଙ୍କୁ 'ଭିକ୍ଷୁ ବସ୍ତ୍ରରେ ଶୃଗାଳ' ବୋଲି କହିଥାଏ ଓ ତାଙ୍କୁ ଚୀନର ଜାତୀୟ ଏକତା ପାଇଁ ବିପଦ ବୋଲି ବାରମ୍ବାର କହେ । ଏହି ପୁସ୍ତକ ଏହାର ଉତ୍ତର କେବଳ ବେଇଜିଂଙ୍କୁ ନୁହେଁ ବରଂ ଇତିହାସକୁ ମଧ୍ୟ ଦେଇଛି । ତିବ୍ବତର ଐତିହାସିକ ସ୍ୱାଧୀନତା ସମ୍ପର୍କରେ ପୁସ୍ତକରେ ଉଲ୍ଲେଖ କରାଯିବା ସହ ଚୀନର ଅପପ୍ରଚାର ମଧ୍ୟରେ ତିବତର ଜନସାଧାରଣଙ୍କ ଆତ୍ମ ନିର୍ଣୟର ଅଧିକାର କାହିଁକି ଜରୁରୀ ସେ ବିଷୟରେ ଉଲ୍ଲେଖ ରହିଛି । ଏହି ପ୍ରସଙ୍ଗରେ ତିବତ ପ୍ରସଙ୍ଗକୁ ନେଇ ଏକ ମୌଳିକ ପ୍ରଶ୍ନର ଉଲ୍ଲେଖ କରାଯାଇଛି । ତିବତରେ ଶାସନ କରିବାର ଅଧିକାର କାହାକୁ ରହିଛି ? ତିବତର ସଂସ୍କୃତି, ଶିକ୍ଷା ଓ ସବୁଠାରୁ ଗୁରୁତ୍ୱପୂର୍ଣ ତିବତର ବୌଦ୍ଧ ଧର୍ମକୁ ଆକାର ଦେବା ପାଇଁ କିଏ ଅଧିକାରୀ ଅଟେ ? ଏ ବିଷୟରେ ପୁସ୍ତକରେ ଆଲୋଚନା କରାଯାଇଛି । ଏହି ପୁସ୍ତକରେ ଦଲାଇଲାମା କିଭଳି ଭାବେ ଚୀନ କବଳରୁ ତିବତର ସଂସ୍କୃତିକୁ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି ଓ ଚୀନ ତାଙ୍କୁ ସବୁବେଳେ ଧୋଖା ଦେଇଛି ତାର ବିଶଦ ଭାବେ ଉଲ୍ଲେଖ କରିଛନ୍ତି । ଏହି ପୁସ୍ତକକୁ ଦଲାଇଲାମା ତିବତୀ ଓ ଚୀନର ପାଠକ ମାନଙ୍କ ସହିତ ବିଶ୍ୱର ଐତିହାସିକ ଓ ନୀତି ନିର୍ମାତା ମାନଙ୍କ ପାଇଁ ମଧ୍ୟ ଲେଖିଛନ୍ତି । ଚୀନ କମ୍ୟୁନିଷ୍ଟ ପାର୍ଟୀ ଦଶନ୍ଧି ଦଶନ୍ଧି ଧରି ଇତିହାସକୁ ବଦଳାଇ ପ୍ରସ୍ତୁତ କରିଛି । ତିବତର ଅତୀତକୁ ବିକୃତ କରି ନିଜର ଶାସନକୁ ଠିକ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛି । ଏହାର ଉତରରେ ଦଲାଇଲାମା ଅନୁଭବ କରିଛନ୍ତି ଯେ ସେ ତାଙ୍କର କାର୍ଯ୍ୟ ଓ ଉଦ୍ଦେଶ୍ୟକୁ ସର୍ବ ସାଧାରଣଙ୍କ ରେକର୍ଡରେ ଆଣିବା ଉଚିତ, ଯାହା ଫଳରେ ଆଗାମୀ ପୀଢୀ ମାନଙ୍କ ପାଇଁ ସତ୍ୟର ପ୍ରମାଣ ରହି ପାରେ । ଏହି ପୁସ୍ତକରେ ଦଲାଇଲାମା ଭାରତ ପ୍ରତି ନିଜର କୃତଜ୍ଞତାର ଭାବକୁ ବ୍ୟକ୍ତ କରିଛନ୍ତି । ଦଲାଇଲାମା ନିଜକୁ ଭାରତର ପୁତ୍ର ବୋଲି କହିଥାନ୍ତି । ଦଲାଇଲାମା କୁହନ୍ତି ଯେ, ଭାରତ ହେଉଛି ଏକ ଏପରି ଦେଶ ଯେଉଁଠାରେ ତାଙ୍କ ଜୀବନର ଅଧିକାଂଶ ସମୟ ବିତିଛି । ଭାରତ ତାଙ୍କୁ କେବଳ ଶରଣ ଦେଇ ନାହିଁ ବରଂ ଗରିମା ମଧ୍ୟ ପ୍ରଦାନ କରିଛି । ଦଲାଇଲାମା ଓ ଏକ ଲକ୍ଷରୁ ଅଧିକ ତିବ୍ବତୀୟ ଶରଣାର୍ଥୀଙ୍କୁ ଭାରତ କେବଳ ସ୍ୱାଗତ କରି ନାହିଁ ବରଂ ତାଙ୍କୁ ଭୂମି, ରୋଜଗାର ଏ ସମର୍ଥନ ମଧ୍ୟ ପ୍ରଦାନନ କରିଛି । ଭାରତ ଏଭଳି ସମୟରେ ସମର୍ଥନ ପ୍ରଦାନ କରିଛି ଯେତେବେଳେ ଖୁବ କମ ଦେଶ ଚୀନର ବିରୋଧ କରିବାକୁ ପ୍ରସ୍ତୁତ ଥିଲେ । ଏହି ପୁସ୍ତକରେ ଦଲାଇ ଲାମା ଭାରତ ଓ ଭାରତୀୟ ମାନଙ୍କ ପ୍ରତି ଗଭୀର କୃତଜ୍ଞତା ବ୍ୟକ୍ତ କରିବା ସହ ଏକ ଅନୁରଧ ମଧ୍ୟ କରିଛନ୍ତି । ସେ କହିଛନ୍ତି ଯେ ''ମୋ ପରେ ମଧ୍ୟ ଭାରତ ତିବତୀୟ ମାନଙ୍କୁ ସମର୍ଥନ କରୁ ଥାଉ । 'ଦଲାଇ ଲାମାଙ୍କୁ ଅବଲୋକିତେଶ୍ୱର ( କରୁଣାର ବୋଧିସତ୍ୱ)ଙ୍କ ଅବତାର ବୋଲି ମନେ କରାଯାଇଥାଏ, ଯାହାଙ୍କର ଏଗାର ମୁଣ୍ଡ ଓ ହଜାର ହଜାର ହାତ ଗୋଡ ରହିଛି । ଏତେ ହାତ, ଆଖି ଓ ମୁଖ କାହିଁକି ? ମହାଯାନ ବୌଦ୍ଧ ମାନଙ୍କର ପାଇଁ ପ୍ରମୁଖ କାର୍ଯ୍ୟ ହେଲା ସମସ୍ତ ପ୍ରାଣୀ ମାନଙ୍କୁ ଦୁଃଖରୁ ବାହାରକୁ ଆଣିବା ଓ ତାଙ୍କୁ ବୋଧି ( ଜ୍ଞାନ) ଆଡକୁ ଅଗ୍ରସର କରାଇବା । ଗତ ୮୫ ବର୍ଷ ଧରି ସେ ବୋଧିସତ୍ୱଙ୍କ ଏହି ହାତ ଜରିଆରେ ଚୀନର ପରାଧୀନତାର ଶିକୁଳିରେ ବନ୍ଧା ହୋଇଥିବା ତିବତୀୟ ମାନଙ୍କୁ ସ୍ୱର ପ୍ରଦାନ କରିବାର କାର୍ଯ୍ୟ କରୁଛନ୍ତି । ଏହି ପୁସ୍ତକରେ ଶେଷରେ ସେ ଏକ ପ୍ରାର୍ଥନାର ଉଲ୍ଲେଖ କରିଛନ୍ତି ଯାହାକୁ ଦଲାଇଲାମା ପ୍ରତିଦିନ ପଢନ୍ତି । ଏହାର ଓଡିଆ ଭାବାନୁବାଦ ହେଲା 'ଯେତେବେଳ ଯାଏ ଏହି ଆକାଶ ରହିଥିବ, ଯେତେବେଳ ଯାଏ ଜୀବିତ ପ୍ରାଣୀ ଅସ୍ତିତ୍ୱରେ ରହିବେସେତେବେଳ ଯାଏ ମୁଁ ମଧ୍ୟ ରହିବି ଓ ସଂସାରର ଦୁଃଖର ନିବାରଣ କରୁଥିବି ।' ବୋଧ ହୁଏ ଦଲାଇଲାମାଙ୍କ ଜୀବନ ଓ ତାଙ୍କ ବାର୍ତାର ସାର ହେଉଛି ଏଇଆ ।

# ସମ୍ବାଦ, ସାମ୍ବାଦିକ ଓ ନାରଦ

ସମସ୍ତ ପୁରାଣରେ ଦେବର୍ଷି ନାରଦଙ୍କୁ ଏକ ମୁଖ୍ୟ ଏବଂ ଅତ୍ୟାବଶ୍ୟକ ଭୂମିକାରେ ଉପସ୍ଥାପିତ କରାଯାଇଛି । ତାଙ୍କୁ 'ଦେବର୍ଷି' ଉପାଧି ଦିଆଯାଇଥିଲା । ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା । ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ । ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ତୁତି, ନାରଦ ପଞ୍ଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୂପଣ, ପଞ୍ଚମସାର ସଂହିତା, ନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି । ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା । ସ୍ୱୟଂ ନାରଦ ମହାନ ଭକ୍ତ ଥିଲେ । ଆଜନ୍ମ ଭକ୍ତି ରସର ପ୍ରଚାର ପ୍ରସାର କରିଥିଲେ । ତେଣୁ ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ । ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ । ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ । ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି । ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାର ଭେଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି । ନାରଦଙ୍କର କାର୍ଯ୍ୟ କେବଳ ଦେବତାମାନଙ୍କ ମଧ୍ୟରେ ସୀମିତ ନଥିଲା । ସେ ରାକ୍ଷସ ଏବଂ ମାନବଙ୍କ ବନ୍ଧୁ, ମାର୍ଗଦର୍ଶକ, ପରାମର୍ଶଦାତା ଏବଂ ଶିକ୍ଷକ ଭାବରେ ମଧ୍ୟ ଉପସ୍ଥିତ ଅଛନ୍ତି । ଈଶ୍ୱରଙ୍କ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ପ୍ରଦାନ କରୁଥିବା ଦାର୍ଶନିକଙ୍କୁ 'ନାରଦ' କୁହାଯାଏ । ମହାଭାରତରେ ଭୀଷ୍ମ ଯୁଧିଷ୍ଠିରଙ୍କୁ କହିଥିଲେ ଯେ ନାରଦ ଜଣେ ଆଦର୍ଶ ବ୍ୟକ୍ତିତ୍ୱ । ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ କହିଥିଲେ ଯେ ନାରଦଙ୍କ ଗୁଣଗୁଡ଼ିକ ଅନୁକରଣୀୟ । ପୁରାଣରେ ନାରଦଙ୍କୁ ଭାଗବତ ସମ୍ବାଦଦାତା ଭାବରେ ଉପସ୍ଥାପିତ କରାଯାଇଛି । ଏହା ମଧ୍ୟ ସର୍ବସାଧାରଣରେ ଗୃହୀତ ଯେ ନାରଦଙ୍କ ପ୍ରେରଣା ଯୋଗୁଁ ବାଲ୍ମୀକି ମହାକାବ୍ୟ ରାମାୟଣ ରଚନା କରିଥିଲେ ଏବଂ ବ୍ୟାସ ପୂର୍ଣ୍ଣ ଭକ୍ତି କବିତା ଭଗବଦ୍ ଗୀତା ରଚନା କରିଥିଲେ । କିଛି ମୂର୍ଖ ଲୋକ ଏପରି ନାରଦଙ୍କୁ ଜଣେ କଳହକାରୀ ବ୍ୟକ୍ତି ଭାବରେ ମଧ୍ୟ ଉପସ୍ଥାପନ କରନ୍ତି, କିନ୍ତୁ ଯେତେବେଳେ ନାରଦ କଳହ ସୃଷ୍ଟି କରିବାର ଭୂମିକାରେ ଦେଖାଯାଆନ୍ତି, ସେତେବେଳେ ସେହି ପରିସ୍ଥିତିର ଗଭୀର ଅଧ୍ୟୟନ ଦ୍ୱାରା ଏହା ପ୍ରମାଣିତ ହୁଏ ଯେ, ସେହି ନାରଦ ମଧ୍ୟ ଜନକଲ୍ୟାଣ ପାଇଁ ବିବାଦ ଏବଂ ସଂଘର୍ଷକୁ ବ୍ୟବହାର କରିଛନ୍ତି । ନାରଦ ଅନେକ ଦିଗରେ ଏକ ମହାନ ବ୍ୟକ୍ତିତ୍ୱ ପ୍ରଦର୍ଶନ କରନ୍ତି । ସଂଗୀତରେ ନିଜର ଅପୂର୍ଣ୍ଣତା ଅନୁଭବ କରିବା ମାତ୍ରେ, ସେ କଠୋର ତପସ୍ୟା ଏବଂ ଅଭ୍ୟାସ ମାଧ୍ୟମରେ ନିଜକୁ ଜଣେ ଉଚ୍ଚ ଶ୍ରେଣୀର ସଂଗୀତଜ୍ଞ ଭାବରେ ପ୍ରମାଣିତ କଲେ । ସେ ଗନ୍ଧର୍ବମାନଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ ଏବଂ 'ନାରଦ ସଂହିତା' ପୁସ୍ତକ ରଚନା କରିଥିଲେ । କଠୋର ତପସ୍ୟା କରିବା ପରେ ଭଗବାନ ବିଷ୍ଣୁଙ୍କଠାରୁ ସଙ୍ଗୀତର ବରଦାନ ପାଇଥିଲେ । ସେ ଦର୍ଶନର ଗଭୀର ଜ୍ଞାନ ଥିବା ଜଣେ ମହାନ ଋଷି ଥିଲେ । ନାରଦ ତାଙ୍କ ଭକ୍ତିସୂତ୍ରରେ ଭଗବାନ ଏବଂ ଭକ୍ତଙ୍କ ମଧ୍ୟରେ ସମ୍ପର୍କର ବ୍ୟାଖ୍ୟା କରି ତାଙ୍କୁ ଜଣେ ଦାର୍ଶନିକ ଭାବରେ ଉପସ୍ଥାପିତ କରିଛନ୍ତି । କିନ୍ତୁ ନାରଦ ଅନ୍ୟ ଋଷି ଏବଂ ମୁନିମାନଙ୍କଠାରୁ ଏହି ଦୃଷ୍ଟିରୁ ଭିନ୍ନ ଯେ ନାରଦ ନିରନ୍ତର ଭ୍ରମଣରେ ରୁହନ୍ତି, କିନ୍ତୁ ଏହି ଭ୍ରମଣ ବ୍ୟକ୍ତିଗତ ନୁହେଁ । ଏହି ଯାତ୍ରା ସମୟରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ସମସାମୟିକ ଦେବତା, ମଣିଷ ଏବଂ ରାକ୍ଷାସମାନଙ୍କ ସଂସ୍ପର୍ଶରେ ଆସନ୍ତି ଏବଂ ତାଙ୍କର ପ୍ରଶ୍ନ, ତାଙ୍କ ବକ୍ତବ୍ୟ ଏବଂ ତାଙ୍କ ବ୍ୟଙ୍ଗ ସମସ୍ତଙ୍କୁ ଦିଗଦର୍ଶନ ଦିଏ । ତାଙ୍କର ପ୍ରତ୍ୟକ ପରାମର୍ଶ ଏବଂ ପ୍ରତ୍ୟକ ବିବୃତିରେ କେଉଁଠି ନା କେଉଁଠି ଜନସ୍ୱାର୍ଥ ପ୍ରତିଫଳିତ ହୁଏ । ସେ ଅନ୍ଧକ ରାକ୍ଷସକୁ ଭଗବାନ ଶିବଙ୍କ ଦ୍ୱାରା ଦିଆଯାଇଥିବା ବରଦାନକୁ ନିଜ ଉପରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ସେ କୃଷ୍ଣଙ୍କ ଦୂତ ଭାବରେ ଇନ୍ଦ୍ରଙ୍କ ପାଖକୁ ଗଲେ ଏବଂ ତାଙ୍କୁ କୃଷ୍ଣଙ୍କୁ ପାରିଜାତରୁ ବଂଚିତ କରିବାର ଅହଂକାର ତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ । ଏହିପରି ଅନେକ ପରାମର୍ଶ ନାରଦଙ୍କ ପରସ୍ପର ବିରୋଧୀ ବ୍ୟକ୍ତିତ୍ୱକୁ ଉଜ୍ଜ୍ୱଳ କରୁଥିବା ପରି ମନେହୁଏ, କିନ୍ତୁ ବୁଝିବା କଥା ହେଉଛି ଯେ ନାରଦଙ୍କ କୌଣସି ବ୍ୟକ୍ତିଗତ ସ୍ୱାର୍ଥ କୌଣସି ସ୍ଥାନରେ ଦେଖାଯାଉ ନାହିଁ । ତାଙ୍କର ସର୍ବଦା ସାମୂହିକ କଲ୍ୟାଣ ବିଷୟରେ ଏକ ମହାନ ଭାବନା ରହିଥାଏ । ସେ ତାଙ୍କ ଜ୍ଞାନର ଲାଭ ଆସୁରିକ ଶକ୍ତିମାନଙ୍କୁ ମଧ୍ୟ ଦେଇଥିଲେ, ଯେତେବେଳେ ହିରଣ୍ୟ ମନ୍ଦର




ପର୍ବତକୁ ତପସ୍ୟା କରିବାକୁ ଗଲେ, ସେ ସମୟରେ ଦେବତାମାନେ ରାକ୍ଷାସମାନଙ୍କୁ ଆକ୍ରମଣ କରିଥିଲେ, କିନ୍ତୁ ଦୂରଦୃଷ୍ଟି ସମ୍ପନ୍ନ ନାରଦ ହିରଣ୍ୟଙ୍କ ପତ୍ନୀଙ୍କୁ ରକ୍ଷା କଲେ, ଯାହାଙ୍କ ଯୋଗୁଁ ପ୍ରହ୍ଲାଦ ଜନ୍ମ ହୋଇଥିଲେ । କିନ୍ତୁ ସେହି ପ୍ରହ୍ଲାଦଙ୍କୁ ତାଙ୍କର ଆଧ୍ୟାତ୍ମିକ ଚେତନା ଦ୍ୱାରା ପ୍ରଭାବିତ କରି ସେ ହିରଣ୍ୟକଶିପୁଙ୍କ ଅନ୍ତର ସାଧନ କରିଥିଲେ ।ଏହି ସମସ୍ତ ଗୁଣ ବ୍ୟତୀତ ନାରଦ ଥିଲେ 'ସଞ୍ଚାର ପ୍ରଣାଳୀ'ର ସ୍ରଷ୍ଟା । ନାରଦ ତାଙ୍କ ବୀଣାକୁ ଏପରି ଭାବରେ ବ୍ୟବହାର କରୁଥିଲେ ଯେ ଏହା ଦ୍ୱାରା ସୃଷ୍ଟି ହେଉଥିବା ତରଙ୍ଗ ଜନ କଲ୍ୟାଣରେ ଲାଗୁଥିଲା । ତେଣୁ ବର୍ତ୍ତମାନର ପରିପ୍ରେକ୍ଷୀରେ ଯଦି ବିଚାର କରିବା ତେବେ ଶେଷରେ ଉପନୀତ ହେବା ଯେ ନାରଦ ହେଉଛନ୍ତି ବିଶ୍ୱର ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ 'ସାମ୍ବାଦିକ' । ନାରଦଙ୍କ ପ୍ରତ୍ୟେକ ବାକ୍ୟ, ପ୍ରତ୍ୟେକ କଥାବାର୍ତ୍ତା ଏବଂ ପ୍ରତ୍ୟେକ ଘଟଣାର ବିଶ୍ଳେଷଣ କଲେ ପ୍ରମାଣିତ ହୁଏ ଯେ ସେ ଜଣେ ଅତ୍ୟନ୍ତ ଦକ୍ଷ ଏବଂ ପ୍ରଭାବଶାଳୀ ସମ୍ବାଦ ବାହକ । ଦ୍ୱିତୀୟତଃ ତାଙ୍କର ସାମ୍ବାଦିକତା ଶତପ୍ରତିଶତ ଜନହିତକର ଥିଲା । ସେ କେବେ ନିଜ ସ୍ୱାର୍ଥ ପ୍ରତି ଧ୍ୟାନ ଦେଇନଥିଲେ; ସେ କେବେ କୌଣସି ଗୋଷ୍ଠୀ କିମ୍ବା ଜାତିର କ୍ଷତି ସାଧନ କରୁନଥିଲେ । ତାଙ୍କ ସମ୍ବାଦରେ ସର୍ବଦା ଜନ କଲ୍ୟାଣର ମନୋଭାବ ରହିଥିଲା । ତୃତୀୟତଃ, ନାରଦଙ୍କ ଦ୍ୱାରା ରଚିତ ଭକ୍ତିସୂତ୍ରରେ ୮୪ଟି ସୂତ୍ର ଅଛି । ସ୍ପଷ୍ଟ ଭାବରେ ଏହା ମନେହୁଏ ଯେ ଏହି ସୂତ୍ରଗୁଡ଼ିକରେ ଭକ୍ତିପଥର ଦର୍ଶନ ଦିଆଯାଇଛି ଏବଂ ଜଣେ ଭକ୍ତ କିପରି ଈଶ୍ୱରଙ୍କୁ ପ୍ରାପ୍ତ କରିପାରିବେ ତାହା ବର୍ଣ୍ଣନା କରାଯାଇଛି, କିନ୍ତୁ ଯଦି ଆମେ ଏହି ସୂତ୍ରଗୁଡ଼ିକୁ ସୁକ୍ଷ୍ମ ଭାବରେ ଅଧ୍ୟୟନ କରିବା, ତେବେ ସେଥିରୁ ଆମେ କେବଳ ସାମ୍ବାଦିକତା ପାଇବା ସହିତ ସମଗ୍ର ଗଣମାଧ୍ୟମର ଶ୍ୱାସତ ସିଦ୍ଧାନ୍ତ ପାଳନ ଦୃଶ୍ୟମାନ ହେବ । ନାରଦ ଭକ୍ତିସୂତ୍ରର ୧୫ତମ ସୂତ୍ର ନିମ୍ନଲିଖିତ ଅଟେ-ତଲ୍ଲକ୍ଷଣାନି ବଚ୍ଚନ୍ତେ ନାନାମତଭେଦାତ ।।ଅର୍ଥାତ୍ ମତରେ ବିବିଧତା ଏବଂ ଅନେକତା ଅଛି, ଏହା ସାମ୍ବାଦିକତାର ମୌଳିକ ନୀତି । ନାରଦ ଭକ୍ତିସୂତ୍ର ୧ ରୁ ୧୯ରେ ଏହି ସୂତ୍ରକୁ ବ୍ୟାଖ୍ୟା କରିଛନ୍ତି ଏବଂ କହିଛନ୍ତି ଯେ ବ୍ୟାସ, ଗର୍ଗ, ଶାଣ୍ଡିଲ୍ୟ ଇତ୍ୟାଦି ଋଷିମାନେ ଭକ୍ତି ବିଷୟରେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଛନ୍ତି । ଶେଷରେ ନାରଦ ନିଜର ମତ ପ୍ରକାଶ କରିଛନ୍ତି, କିନ୍ତୁ ଏହା ସହିତ ସେ ଏହା ମଧ୍ୟ କହିଛନ୍ତି ଯେ କୌଣସି ମତ ଗ୍ରହଣ କରିବା ପୂର୍ବରୁ, ଏହାକୁ ନିଜେ ଅନୁଭବ କରିବା ଆବଶ୍ୟକ ଏବଂ ତା'ପରେ ହିଁ ନିଜ ବିବେକ ଅନୁସାରେ ଏକ ନିଷ୍କର୍ଷରେ ପହଁଚିବା ଉଚିତ । ଆଜି ମଧ୍ୟ ଏକ ବିଷୟରେ ଅନେକ ମତ ରହିଛି, କିନ୍ତୁ ସାମ୍ବାଦିକ କିମ୍ବା ଗଣମାଧ୍ୟମ ପ୍ରତିନିଧି ସମସ୍ତ ମତକୁ ଅଧ୍ୟୟନ କରିବା ଉଚିତ ଏବଂ ଜନହିତରେ ଏକ ନିରପେକ୍ଷ ମତ ଉପସ୍ଥାପନ କରିବା ଉଚିତ । ଏହା 'ଆଦର୍ଶ ସାମ୍ବାଦିକତା'ର ମୌଳିକ ନୀତି ହୋଇପାରେ ।ଆଜିର ସାମ୍ବାଦିକତାରେ ଗଣମାଧ୍ୟମକୁ ଏକ ସର୍ବଶକ୍ତିମାନ ଏବଂ ସର୍ବଗୁଣ ସଂପନ୍ନ ସମ୍ବାଦ ଭାବରେ ଉପସ୍ଥାପିତ କରାଯାଇଛି । ସମସ୍ତେ ଜାଣନ୍ତି ଯେ ଏହା ଏକ ଭ୍ରମ । ଗଣମାଧ୍ୟମ ସମଗ୍ର ସାମାଜିକ ସମ୍ବାଦ ବ୍ୟବସ୍ଥାର କେବଳ ଏକ ଅଂଶ ହୋଇପାରେ ଏବଂ ଗଣମାଧ୍ୟମର ମଧ୍ୟ ସୀମା ରହିଛି । ଭକ୍ତିସୂତ୍ର ୨୦ ରେ ନାରଦ କହିଛନ୍ତି ଯେ- ଅସ୍ତ୍ୟେଓମେବମ୍ ।।ଏହା ଠିକ୍, କିନ୍ତୁ ଏହାକୁ ଶବ୍ଦରେ ପ୍ରକାଶ କରାଯଇପାରିବ ନାହିଁ । ଏହା ସାମ୍ବାଦିକତାର ସୀମାକୁ ଦର୍ଶାଉଛି । ସେହିପରି ସୂତ୍ର ୨୬ ରେ କୁହାଯାଇଛି ଯେ - ଫଳରୂପତ୍ୱାତ୍ ।।ଅର୍ଥାତ୍, ସାମ୍ବାଦିକତା ସଂଚାରର ଆରମ୍ଭ ନୁହେଁ, ଏହା ସାମାଜିକ ସମ୍ବାଦର ଫଳାଫଳ । ଯଦି ଏହି ଦୃଷ୍ଟିକୋଣରୁ ସାମ୍ବାଦିକତାକୁ ଦେଖାଯାଏ, ତେବେ ସାମ୍ବାଦିକଙ୍କ ଦାୟିତ୍ୱ ବହୁତ ବଢ଼ିଯାଏ । ସୂତ୍ର ୪୩ ସାମ୍ବାଦିକତା ପାଇଁ ଏକ ମାର୍ଗଦର୍ଶିକା ହୋଇପାରେ- ଦୁ:ସଙ୍ଗ: ସର୍ବଥୈବ ତ୍ୟାଜ୍ୟ: ।।ନକାରାତ୍ମକ ସାମ୍ବାଦିକତାକୁ ଅନେକ ବିଦ୍ୱାନ ଏବଂ ମହାନ ବ୍ୟକ୍ତି ପ୍ରତ୍ୟାଖ୍ୟାନ କରିଛନ୍ତି । ଯେତେବେଳେ ପାଶ୍ଚାତ୍ୟ ଦର୍ଶନ ଉପରେ ଆଧାରିତ ଆଜିର ସାମ୍ବାଦିକତା କେବଳ ନକାରାତ୍ମକତାକୁ ଏହାର ଆଧାର ଭାବରେ ବିବେଚନା କରେ ଏବଂ 'କୁକୁର କାମୁଡ଼ା'କୁ ଖବର ଭାବରେ ବିବେଚନା କରେ । ଜଣେ ସାମ୍ବାଦିକଙ୍କ ଭୂମିକାକୁ ମଧ୍ୟ ଜଣେ ଜଗୁଆଳୀର ଭୂମିକା ଭାବରେ ଉପସ୍ଥାପିତ କରାଯାଇଛି, କିନ୍ତୁ ନାରଦ ଏହି ଶ୍ଲୋକରେ କହିଛନ୍ତି ଯେ ସବୁ ପରିସ୍ଥିତିରେ ମନ୍ଦକୁ ପରିତ୍ୟାଗ କରିବା ଉଚିତ । ଏହାକୁ ଅନୁସରଣ କିମ୍ବା ପ୍ରଚାର କରାଯିବା ଉଚିତ୍ ନୁହେଁ । ନକାରାତ୍ମକ ସାମ୍ବାଦିକତାର ଭୂମିକା ସମାଜରେ ଏକ ବିପର୍ଯ୍ୟୟ ସଦୃଶ । ସୂତ୍ର ୪୬-ରେ କସ୍ତରାତି କସ୍ତରାତି ମାୟାମ୍ ?ୟଃ ସଙ୍ଗାଂସ୍ତ୍ୟଜାତି ଯୋ ମହାନୁଭାବଂ ସେବତେ, ନିର୍ମାମେ ଭବାତି ।।ନାରଦ କହିଥିଲେ ଯେ ଦୁଷ୍ଟତା ତରଙ୍ଗ ରୂପରେ ଆସେ, କିନ୍ତୁ ଶୀଘ୍ର ଏହା ସମୁଦ୍ରର ରୂପ ନେଇଯାଏ । ଆଜି ଏହା ହେଉଛି ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ଦେଖାଯାଉଥିବା ଅପରାଧ ଖବରର କାହାଣୀ । ସୂତ୍ର ୫୧ରେ, ନାରଦ ପ୍ରକାଶନର ଅପୂର୍ଣ୍ଣତା ବର୍ଣ୍ଣନା କରିଛନ୍ତି-ଅନିର୍ବଚନୀୟଂ ପ୍ରେମସ୍ୱରୂପମ୍ ।।ଅର୍ଥାତ୍, ବାସ୍ତବତା କିମ୍ବା ସମ୍ପୂର୍ଣ୍ଣ ସତ୍ୟ ଅବର୍ଣ୍ଣନୀୟ । ତେଣୁ ସାମ୍ବାଦିକତାରେ ସର୍ବଦା ଅସମ୍ପୂର୍ଣ୍ଣତା ରହିବ । ଯଦି ପାଠକ, ଦର୍ଶକ ଏବଂ ଶ୍ରୋତାମାନେ ସାମ୍ବାଦିକତାର ଏହି ଅଭାବକୁ ଅନୁଭବ କରନ୍ତି, ତେବେ ସମାଜରେ ଗଣମାଧ୍ୟମର ଭୂମିକା ବାସ୍ତବତାକୁ ସ୍ପର୍ଶ କରିବ । ନାରଦ ସୂତ୍ର ୫୨ ରେ ଏହି କଥାକୁ ଭିନ୍ନ ଭାବରେ ଉପସ୍ଥାପନ କରିଛନ୍ତି -ମୁକାସ୍ୱାଦନବତ୍ ।।ନାରଦ କହିଛନ୍ତି ଯେ ଏହି ବ୍ରହ୍ମାଣ୍ଡରେ ଅନେକ ଅଭିଜ୍ଞତା ଅଛି ଯାହାକୁ ଅନୁଭବ କରାଯାଇପାରିବ କିନ୍ତୁ ପ୍ରକାଶ କରାଯାଇପାରିବ ନାହିଁ । ବ୍ୟାଖ୍ୟାକାରମାନେ ଏହାକୁ ଏକ 'ମୂକ ସାମ୍ବାଦିକ 'ଭାବରେ ବର୍ଣ୍ଣନା କରିଛନ୍ତି । ନାରଦ ଭକ୍ତି ସୂତ୍ର ୬୩ ଗଣମାଧ୍ୟମର ବିଷୟବସ୍ତୁ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରେ-ସ୍ତ୍ରୀଧନନାସ୍ତିକବୌରି ଚରିତ୍ରଂ ନ ଶ୍ରବଣୀୟମ୍ ।।ନାରଦ ତାଙ୍କ ଆଲୋଚନାରେ ନିଷେଧ କରିଥିବା କିଛି ବିଷୟ ହେଉଛି - (୧) ପୁରୁଷ ଓ ମହିଳାଙ୍କ ଶରୀର ଏବଂ ଆସକ୍ତିର ବର୍ଣ୍ଣନା (୨) ଧନ, ଧନୀ ବ୍ୟକ୍ତି ଏବଂ ସେମାନଙ୍କର ଧନ ଉପାର୍ଜନର ବର୍ଣ୍ଣନା (୩) ନାସ୍ତିକତାର ବର୍ଣ୍ଣନା (୪) ଶତ୍ରୁର ଆଲୋଚନା । ଆଜି ଦେଖାଯାଉଛି ଯେ ଗଣମାଧ୍ୟମ ପାଇଁ ଏହି ଚାରିଟି ବ୍ୟତୀତ ଅନ୍ୟ କୌଣସି ବିଷୟ ନାହିଁ । ସୂତ୍ର ୭୨ ଏକତାକୁ ପ୍ରୋତ୍ସାହିତ କରୁଥିବା ଏକ ଅତି ସୁନ୍ଦର ବାକ୍ୟ, ଯେଉଁଥିରେ ନାରଦ ସମାଜରେ ପାର୍ଥକ୍ୟ ସୃଷ୍ଟି କରୁଥିବା କାରକଗୁଡ଼ିକୁ ବ୍ୟାଖ୍ୟା କରି ନିଷେଧ କରିଛନ୍ତି ।ନାସ୍ତି ତେଷୁ ଜାତିବିଦ୍ୟାରୂପକୂଳଧନକ୍ରିୟାଦେଭେଦଃ ।।ଅର୍ଥାତ୍, ଜାତି, ଶିକ୍ଷା, ସୌନ୍ଦର୍ଯ୍ୟ, ପରିବାର, ଧନ, କାମ ଇତ୍ୟାଦି ଆଧାରରେ କୌଣସି ଭେଦଭାବ ରହିବା ଉଚିତ୍ ନୁହେଁ । ସାମ୍ବାଦିକତା କାହା ପାଇଁ କରାଯିବା ଉଚିତ ଏବଂ ଏହା କ'ଣ କରାଯିବା ଉଚିତ ତାହା ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଯାହାର ସମାଧାନ ଏହି ସୂତ୍ରରେ ମିଳିଥାଏ । ରାଜନେତା, ଚଳଚ୍ଚିତ୍ର ତାରକା ଏବଂ ଅପରାଧୀଙ୍କୁ ମହିମା ପ୍ରଦାନ କରି, ସାମ୍ବାଦିକତା ସମାଜର ପ୍ରକୃତ ପ୍ରସଙ୍ଗରୁ ବିଚ୍ୟୁତ ହୁଏ । ଏହି କାରଣରୁ ଜେସିକା ଲାଲଙ୍କ ହତ୍ୟା କେବଳ ସାମ୍ବାଦିକତାରେ ବ୍ରେକିଂ ନ୍ୟୁଜ୍ ହୋଇନଥାଏ, ସମ୍ପାଦକୀୟ ଏବଂ ଏହା ଉପରେ ଫିଲ୍ମ ମଧ୍ୟ ନିର୍ମିତ ହୁଏ, ବରଂ ଜଣେ ସାଧାରଣ ଚାଷୀଙ୍କ ଆତ୍ମହତ୍ୟା କେବଳ ଗୋଟିଏ କିମ୍ବା ଦୁଇଟି ସ୍ତମ୍ଭ ଖବରରେ ସୀମିତ ହୋଇଯାଏ, ଏବଂ ଯେତେବେଳେ ଆତ୍ମହତ୍ୟାକୁ ରାଜନୀତିକରଣ କରାଯାଏ, ସେତେବେଳେ ଏହା ପୁଣି ପ୍ରଥମ ପୃଷ୍ଠାକୁ ଫେରି ଆସେ ।ଆଜିର ସାମ୍ବାଦିକତା ଏବଂ ଗଣମାଧ୍ୟମରେ ବିତର୍କର ଏକ ବଡ଼ ପର୍ଯ୍ୟାୟ ଚାଲିଛି । ଗଣମାଧ୍ୟମରେ ନିରନ୍ତର ଅର୍ଥହୀନ ଏବଂ ଅସୀମ ଆଲୋଚନା ଦେଖାଯାଉଛି । ବିତର୍କକୁ ଅର୍ଥହୀନ ବୋଲି ବର୍ଣ୍ଣନା କରି, ନାରଦ ସୂତ୍ର ୭୫, ୭୬ ଏବଂ ୭୭ ରେ ପରାମର୍ଶ ଦେଇଛନ୍ତି ଯେ ବିତର୍କରେ ସମୟ ନଷ୍ଟ କରିବା ଉଚିତ୍ ନୁହେଁ, କାରଣ ବିତର୍କ ମତ ପରିବର୍ତନ କରେ ନାହିଁ । ସେ କହିଲେ- ସୂତ୍ର ୭୮ରେ, ନାରଦ କିଛି ଗୁଣ ବର୍ଣ୍ଣନା କରିଛନ୍ତି ଯାହା ଜଣେ ବ୍ୟକ୍ତିତ୍ୱରେ ରହିବା ଆବଶ୍ୟକ । ସାମ୍ବାଦିକମାନଙ୍କ ପାଇଁ ଏହି ଗୁଣଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ମନେହୁଏ- ଅହିଂସାସତ୍ୟଶୌଚଦୟାସ୍ତିକ୍ୟାଦି ଚାରିତ୍ର୍ୟାଣି ପରିପାଳନୀୟାନି ।।ଏହି ଗୁଣଗୁଡ଼ିକ ହେଉଛ ଅହିଂସା, ସତ୍ୟ, ସ୍ୱଚ୍ଛତା, ସମ୍ବେଦନଶୀଳତା ଏବଂ ବିଶ୍ୱାସ ।ସୂତ୍ର ୭୧ ବହୁତ ଗୁରୁତ୍ୱପୂର୍ଣ୍ଣ ମନେହୁଏ, ଏଥିରେ ନାରଦ କହୁଛନ୍ତି ଯେ ଯଦି ଏସବୁ ଘଟେ ଅର୍ଥାତ୍ ଯଦି ନାରଦଙ୍କ ପରାମର୍ଶକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରାଯାଏ ତେବେ କ'ଣ ହେବ ? ନାରଦଙ୍କ ଅନୁସାରେ ଏହି ପରିସ୍ଥିତିରେ କେବଳ ଆନନ୍ଦ ରହିବ, ପୂର୍ବପୁରୁଷମାନେ ଖୁସି ହେବେ, ଦେବତାମାନେ ଆନନ୍ଦରେ ନାଚିବେ ଏବଂ ପୃଥିବୀ ସ୍ୱର୍ଗ ହୋଇଯିବ । ଏହା ଆଜିର ଗଣମାଧ୍ୟମର ଦୃଷ୍ଟିକୋଣ ନୁହେଁ, ଆମେ ସମସ୍ତେ ଏହା ଜାଣୁ ।ସମସ୍ତ ଗଣମାଧ୍ୟମରେ ସୃଷ୍ଟି ପ୍ରକ୍ରିୟା ସାମ୍ବାଦିକତାରୁ ଆରମ୍ଭ ହୁଏ, କିନ୍ତୁ ସୃଷ୍ଟି ପାଇଁ କି ପ୍ରକାରର ପ୍ରବୃତ୍ତି ରହିବା ଉଚିତ ? ଆଜିକାଲି ସାହିତ୍ୟ, କଳା, ଚଳଚ୍ଚିତ୍ର ନିର୍ମାଣ, ବିଜ୍ଞାପନ କିମ୍ବା ସାମ୍ବାଦିକତା ଆଦି ଅର୍ଥ ରୋଜଗାର କରିବା ପାଇଁ କରାଯାଉଛି । ଯେଉଁଥିରେ ମିଥ୍ୟା, ପ୍ରତାରଣା, ଠକେଇ, ପ୍ରଦର୍ଶନ ଏବଂ କୃତ୍ରିମତା ମୁଖ୍ୟ । ନାରଦଙ୍କ ଭକ୍ତିସୂତ୍ର ୬୦ ସୃଜନାତ୍ମକ ପ୍ରବୃତି ବିଷୟରେ ଆଲୋଚନା କରେ, ସୃଜନଶୀଳତାର ପ୍ରକ୍ରିୟା ନିମ୍ନଲିଖିତ ଭାବରେ ଉଲ୍ଲେଖ କରାଯାଇଛି- ଶାନ୍ତିରୁପାତ୍ପରମାନନ୍ଦରୂପାତ୍ୟ ।।'ସତ୍', ଅର୍ଥାତ୍ ଅନୁଭବ, 'ଚିତ', ଅର୍ଥାତ୍ ଚେତନା ଏବଂ 'ଆନନ୍ଦ', ଅର୍ଥାତ୍ ଭାବନା, ଅର୍ଥାତ୍ ସାମ୍ବାଦିକତାର ପ୍ରକ୍ରିୟା ମଧ୍ୟ ଏହିପରି । ଏହା ତଥ୍ୟ ସଂଗ୍ରହ କରେ, ସେଗୁଡ଼ିକୁ ବିଶ୍ଳେଷଣ କରେ, ତା'ପରେ ସେଗୁଡ଼ିକୁ ଅନୁଭବ କରେ ଏବଂ ଅନ୍ୟମାନଙ୍କ ନିକଟରେ ପ୍ରକାଶ କରେ; କିନ୍ତୁ ଏହାର ପରିଣାମ ଦୁଃଖ, ଯନ୍ତ୍ରଣା, ଈର୍ଷା, ପ୍ରତିଦ୍ୱନ୍ଦ୍ୱିତା, ଘୃଣା ଏବଂ ଅସତ୍ୟର ଅଂଶୀଦାର ହୋଇପାରେ କିମ୍ବା ଏହା ସୁଖ, ଶାନ୍ତି, ପ୍ରେମ, ସହନଶୀଳତା ଏବଂ ବନ୍ଧୁତାର ପ୍ରଦାନ ହୋଇପାରେ । କେଉଁ ବିକଳ୍ପ ବାଛିବେ ତାହା ସମାଜ ଉପରେ ନିର୍ଭର କରେ ।ଏଠାରେ ସାମ୍ବାଦିକତା ଦୃଷ୍ଟିକୋଣରୁ ନାରଦଙ୍କ ଭକ୍ତିସୂତ୍ରର ଏକ ସଂକ୍ଷିପ୍ତ ବିଶ୍ଳେଷଣ କରାଯାଇଛି । ଏହି ବିଷୟଗୁଡ଼ିକୁ ଗଭୀର ଭାବରେ ଅଧ୍ୟୟନ କରିବା ଏବଂ ସମଗ୍ର ମାନବଜାତି ନିକଟରେ ବିକଳ୍ପ ସାମ୍ବାଦିକତାର ଦର୍ଶନକୁ ଉପସ୍ଥାପନ କରିବାର ଆବଶ୍ୟକତା ଅଛି, କାରଣ ବର୍ତ୍ତମାନର ଗଣମାଧ୍ୟମ ଏପରି ସମାଜ ଗଠନରେ ସହାୟକ ନୁହେଁ । ସାମ୍ବାଦିକତାର ଏହି ଦୃଷ୍ଟିକୋଣ ମହାପୁରୁଷମାନଙ୍କର ହୋଇପାରେ, କିନ୍ତୁ ଏହା ପ୍ରତ୍ୟେକ ସାଧାରଣ ଲୋକଙ୍କର ସୁଖୀ ଏବଂ ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଆକାଂକ୍ଷାକୁ ପ୍ରତିଫଳିତ କରେ ।

**ଗୋଲଖ ଚନ୍ଦ୍ର ଦାସ**

# ଡିପ୍ରେସନରୁ ମୁକ୍ତି ଦେବ କ୍ୟାନସର



କେଶର ଖାଇଲେ ଏହା କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରିଥାଏ ତାହା ନୁହେଁ, ଆହୁରି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିରେ ବହୁ ଔଷଧୀୟ ଗୁଣ ଭରି ରହିଛି ଯେଉଁଥିପାଇଁ ସ୍ୱାସ୍ଥ୍ୟର ବହୁ ସମସ୍ୟାକୁ ସହଜରେ ଦୂର କରେ । କେଶରରେ ଭିଟାମିନ୍ ଏ, ଫୋଲିକ ଏସିଡ, ପୋଟାସିୟମ, କ୍ୟାଲସିୟମ୍, ମ୍ୟାଙ୍ଗାନିଜ୍, ସେଲେନିୟମ୍, ଜିଙ୍କ୍ ଓ ମାଗ୍ନେସିୟମ୍ ରହିଛି । ଆସନ୍ତୁ ଜାଣିବା କେଶର କେଉଁ ସବୁ ରୋଗକୁ ଦୂର କରେ ।

**କ୍ୟାନସରରୁ ରକ୍ଷା:** କେଶରରେ ଗଚ୍ଛିତ କ୍ରୋକିନ ନାମକ ୱାଟର ସଲ୍ୟୁବଲ କ୍ୟାରୋଟିନ୍, ଯାହାକି କ୍ୟାନସର ସେଲ୍ସକୁ ବଢିବାକୁ ଦିଏ ନାହିଁ । ଅନୁସନ୍ଧାନରୁ ଜଣାପଡିଛି କି କେଶର ଖାଇବା ଫଳରେ କ୍ୟାନସର ଭଳି ମାରାତ୍ମ ରୋଗରୁ ମୁକ୍ତି ମିଳିଥାଏ ।

**ଥଣ୍ଡାକୁ ରୋକିଥାଏ**

ଥଣ୍ଡା ସମସ୍ୟା ଦୂର କରିବା ପାଇଁ କେଶର ଖାଇବା ଲାଭଦାୟକ । ଏଥିପାଇଁ କ୍ଷୀରରେ କେଶର ମିଶାଇ ଖାଆନ୍ତୁ ଥଣ୍ଡା ଛାଡିଯିବ ।

**ଡିପ୍ରେସନ ଦୂର କରେ**

ଏଥିରେ ରହିଥିବା ନ୍ୟୁରୋଟ୍ରାସମିଟର ଡୋପାମାଇନ୍ ସେରୋଟୋନିନ୍ ଓ ନାରପେନଫ୍ରିନ୍ ମସ୍ତିଷ୍କକୁ ପ୍ରଭାବିତ କରିଥାଏ । ଯାହାଫଳରେ ଆପଣଙ୍କ ମୁଡ୍‌କୁ ଫ୍ରେଶ ରଖିଥାଏ । ଯାହାଫଳରେ ଆପଣଙ୍କ ମୁଡ୍‌କୁ ଫ୍ରେଶ୍ ରଖିଥାଏ ଓ ଡ୍ରିପେଶନର ଚିନ୍ତାକୁ ଦୂର ହୋଇଥାଏ ।

**ଉ□ମ ପାଚନ କ୍ରିୟା**

କେଶରରେ ଆ[ଅକ୍ସିଡା[ ଓ ଆ[ଉନଫ୍ଲାମେଟରୀ ଗୁଣ ରହିଥିବା ହେତୁ ଏହା ପାଚନ ସମସ୍ୟାକୁ ଦୂର କରିଥାଏ ।

**ହୃଦୟକୁ ସୁସ୍ଥ ରଖେ**

ଏହାକୁ ଖାଇଲେ ଧମନୀ ଓ ରକ୍ତ କୋଷିକାକୁ ସୁସ୍ଥ ରଖିଥାଏ । ଫଳରେ ହୃଦଘାତ ଭଳି ସମସ୍ୟାକୁ ଦୂର କରିଥାଏ ।

# ସୋଲାର ଟ୍ରାକ୍ଟର



ଦିନକୁ ଦିନ ପେଟ୍ରୋଲ ଡିଜେଲର ରେଟ୍ ଯେଉଁଭଳି ବଢିବଢି ଚାଲିଛି ସେ ନେଇ ଯେକେହି ବି ଚିନ୍ତାବ୍ୟକ୍ତ କରିବା ସ୍ୱାଭାବିକ । ହେଲେ ଏବେ ଏଥିରୁ ରକ୍ଷା ପାଇବାକୁ ଏକ ଭିନ୍ନ ଉପାୟ ଅବଲମ୍ବନ କରାଯାଇଛି । ଅର୍ଥାତ ଏମିତି ଏକ ଟ୍ରାକ୍ଟର ତିଆରି ହୋଇଛି ଯାହା ସୋଲାର ପାୱାର ବା ସୂର୍ଯ୍ୟ କିରଣରେ ଚାଲିପାରିବ । ଏହାକୁ ନିର୍ମାର କରିଛି ସୌର ଇନ୍ ଅଟୋସୋଲ ଏନର୍ଜୀ ପ୍ରାଇଭେଟ ଲିମିଟେଡ । ଏଥିରୁ କୃଷକମାନେ ବହୁ ଲାଭବାନ ହୋଇପାରିବେ । ହଁ ଆଉଏକ କଥା ହେଲା ଏହି ଟ୍ରାକ୍ଟରଟି ଜିପିଏସ ଟେକ୍ନିକରେ କାମ କରିବ । ତା' ଛଡା ଆଉ ଏକ ବଡ କଥା ହେଲା ଏହି ଟ୍ରାକ୍ଟରଟି ଚଳାଇବା ଲାଗି କୌଣସି ମଣିଷଙ୍କର ଆବଶ୍ୟକତା ପଡିବନି । ଏହା ମଧ୍ୟ ଇଲେକ୍ଟ୍ରିକ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରିବ । ଏହା ଏକ ମଲ୍ଟି ଟାସ୍କର ଟ୍ରାକ୍ଟର ।

# ଦେହକୁ ଭଲ କାଜୁ

କାଜୁ ଦେଖିଲେ ପାଟି ଟକ୍ ଟକ୍ ହୋଇଥାଏ । ହେଲେ ବହୁ ସ୍ୱାଦିଷ୍ଟ ଖାଦ୍ୟରେ ବ୍ୟବହାର ହେଉଥିବା କାଜୁର କିକି ଉପକାରୀ ତ□ ରହିଛି ସେ ବିଷୟରେ ଜାଣନ୍ତି କି? ଏଥିରେ ପ୍ରୋଟିନ, ଖଜିଣ ଲବଣ, ଆଇରନ, ଫାଇବର, ଫଲେଟ, ମ୍ୟଗ୍ନେସିୟମ, ଫସଫରସ, ସେଲେନିୟମ ଏବଂ କପରର ସବୁଠୁ ଭଲ ସ୍ରୋତ ରହିଛି । କାଜୁ ତେଲ ରିଂୱାର୍ମ ସମସ୍ୟାର ଉପଚାର ହୋଇଥାଏ । ଆପଣ ପ୍ରତିଦିନ ୭ ରୁ ୧୦ଟି କାଜୁ ଖାଇପାରନ୍ତି । କାଜୁ ଖାଇଲେ ମାଢି ଏବଂ ଦାନ୍ତ ସୁସ୍ଥ ରହିଥାଏ । କାଜୁରେ ମୋନେ ସାଚୁରେଟେଡ ଫ୍ୟାଟ୍ ରହିଥାଏ, ଯାହା ହୃଦୟକୁ ସୁସ୍ଥ ରଖିବା ସହିତ ହୃଦରୋଗର ଆଶଙ୍କାକୁ କମ୍ କରିଥାଏ । କାଜୁରେ ଆ[ ଅକ୍ସିଡା[ ମଧ୍ୟ ରହିଛି ଯାହା କ୍ୟାନ୍ସର ଠାରୁ ବି ରକ୍ଷା କରିଥାଏ । କାଜୁ ପାଚନ ଶକ୍ତିକୁ ବଢାଇଥାଏ । ଏହାକୁ ରେଗୁଲାର ଖାଇଲେ ଭଲ ଭୋକ ହୋଇଥାଏ । ଏହା ପେଟ ଭିତରେ ଗ୍ୟାସ୍ ସୃଷ୍ଟି କରିବାକୁ ଦିଏନାହିଁ । କାଜୁରୁ ମିଳୁଥିବା ଫାଇଟୋ କେମିକାଲ୍ସ କ୍ୟାନ୍ସର ତଥା ଆହୁରି କିଛି ବଡ ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ । ମହିଳାମାନଙ୍କର ମେନୋପେଜ ଯୋଗୁ ଷ୍ଟ୍ରେସ୍ ଏବଂ ବିଭିନ୍ନ ଶାରୀରିକ ଅସୁବିଧା ଲାଗିରହିଥାଏ । ତେଣୁ ମହିଳାମାନେ ରେଗୁଲାର ଗୋଟେ କିମ୍ବା ଦୁଇଟି କାଜୁ ଖାଇଲେ ଭଲ ।

# ଚଳନ୍ତା ରେସ୍ତୋରାଁ

*ଆପଣ ଜୀବନକାଳ ମଧ୍ୟରେ ବହୁ ରେସ୍ତୋରାଁ ଦେଖିଥିବେ । କିନ୍ତୁ ଚଳନ୍ତା ରେସ୍ତୋରାଁ ବିଷୟରେ କେବେ ଚିନ୍ତା କରିଛନ୍ତି ? ଯଦି ନାଁ ତେବେ ଆଜି ଆସନ୍ତୁ ଜାଣିବା ଭାରତର ପ୍ରଥମ ଏହି ଚଳାବୁଲା କରିପାରୁଥିବା ରେସ୍ତୋରାଁ ବିଷୟରେ ।*



**ନିର୍ଦ୍ଦେଶକ କୁହନ୍ତି**

ଡବ୍ଲ୍ୟୁବିଏଚସିସିଙ୍କ ନିର୍ଦ୍ଦେଶକ ସଞ୍ଜୀବ ଗୋସ୍ୱାମୀଙ୍କ ମୁତାବକ, ରେସ୍ତୋରାଁଟି ଦ୍ୱିପ୍ରହର ଏବଂ ରାତି ଖାଇବା ସମୟରେ ଦୁଇ ଦୁଇ ଘ[। ଚାଲିବାକୁ ନିଷ୍ପ□ ନିଆଯାଉଛି । ଠିକ୍ ସେହିଭଳି ଡିନର ସମୟ ଅର୍ଥାତ ସନ୍ଧ୍ୟା ୭ରୁ ରାତି ୯ ଏବଂ ୯ରୁ ୧୧ ମଧ୍ୟରେ ଏହି ଚଲାବୁଲା କରୁଥିବା ରେସ୍ତୋରାଁଟି ସହର ସାରା ବୁଲିବ । ଏହି ସମୟ ମଧ୍ୟରେ ରେସ୍ତୋରାଁରେ ଯିବାଲାଗି ଇଚ୍ଛୁକ ବ୍ୟକ୍ତି ଏହାକୁ ବୁକ୍ କରିପାରିବେ ।

**ଟ୍ରାମକୁ ଦିଆଯାଇଛି ରେସ୍ତୋରାଁର ରୂପ**

ବିଶ୍ୱର ଅନ୍ୟ ଦେଶରେ ଟ୍ରାମ କାର୍ ରହିଥିଲେ ହେଁ କୋଲକାତାର ଇଲେକ୍ଟ୍ରୋନିକ ଟ୍ରାମ୍ କାର୍ ଭାରତରେ ପ୍ରଥମ । ହେଲେ ଏବେ ଏହି ଟ୍ରାମ୍ କାରକୁ ନିକଟରେ ଦିଆଯାଇଛି ହୋଟେଲ ବା ରେସ୍ତୋରାଁର ରୂପ, ଯାହାର ନାଁ ଦିଆଯାଇଛି ଭିକ୍ଟୋରି ରେସ୍ତୋରାଁ । ଅବଶ୍ୟ ଏହି ରେସ୍ତୋରାଁଟି ନିର୍ମାଣ ହୋଇଛି ଦୁଇଟି ପୁରୁଣା ଦିଗରେ ।



**୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି**

ଇଲେକ୍ଟ୍ରିକ୍ ଦ୍ୱାରା ପରିଚାଳିତ ହେଉଥିବା ଏହି ଟ୍ରାମରେ ବସିବାର ମଜା ନେବା ସହିତ ଏବେ ଏଥିରେ ଆପଣମାନେ ରେସ୍ତୋରାଁର ମଜା ବି ନେଇପାରିବେ । କଥାଟା ବିଶ୍ୱାସ ନହେଲେ ବି ସତ । ଟ୍ରାମରୁ ଦୁଇଟି ବଗିକୁ ଦିଆଯାଇଛି ରେସ୍ତୋରାଁ ଲୁକ୍ । ପୁରୁଣା ଏହି ଦୁଇଟି ବଗିକୁ ରେସ୍ତୋରାଁ ରୂପ ଦେବାକୁ ଏଥିରେ ଖର୍ଚ୍ଚ ହୋଇଛି ୯୦ ଲକ୍ଷ ଟଙ୍କା । ଲୋକଙ୍କୁ ଆକର୍ଷିତ କରିବାକୁ ମଧ୍ୟ ଏଥିରେ ଜବରଦସ୍ତ ଡିଜାଇନ କରାଯାଇଛି ।

**ଏଥିରେ ମିଳେ**

ଚଳନ୍ତା ରେସ୍ତୋରାଁରେ ଭେଜ୍ ଏବଂ ନନ୍‌ଭେଜ ଖାଦ୍ୟ ମିଳିଥାଏ । ହଁ ଏଥିରେ ଭେଜ୍ ଖାଦ୍ୟର ମୂଲ୍ୟ ୭୯୯ ରଖାଯାଇଥିବା ବେଳେ ନନ୍‌ଭେଜ ଖାଦ୍ୟର ମୂଲ୍ୟ ରହିଛି ୯୯୯ ଟଙ୍କା । ଏତତବ୍ୟତିତ ଏଥିରେ ଡିଜାଇନ ଇଣ୍ଡିଆନ ଏବଂ ବଙ୍ଗାଳୀ ଖାଦ୍ୟ ମଧ୍ୟ ମିଳିଥାଏ ।

**୨୭ ଜଣ ବସିପାରିବା ଭଳି ସୁବିଧା**

ଏହି ଭିକ୍ଟୋରିଆ ରେସ୍ତୋରାଁରେ ୨୭ ଜଣ ବ୍ୟକ୍ତି ଆରାମରେ ବସିପାରିବା ଭଳି ସୁବିଧା କରାଯାଇଛି । ଏହି ଟ୍ରାମ ରେସ୍ତୋରାଁଟି ସହିଦ ମିନାରରୁ ଖଦିରପୁର ଯାଏ ଚାଲିବ । ଏଥିରେ ବସିଲେ ଲାଗିବ ଯେମିତି ହାଇଫାଇ ହୋଟେଲରେ ବସିବା ଭଳି । ଶୀତତାପ ନିୟନ୍ତ୍ରିତ ଏହି ଚଳନ୍ତା ରେସ୍ତୋରାଁ ଭିତରେ ଧିମା ଆଲୋକରେ ବୁଲି ବୁଲି ଖାଇବାର ମଜା ଏକଦମ ନିଆରା । ଏଥିରେ ମଧ୍ୟ ମନୋରଞ୍ଜନ ପାଇଁ ସବୁପ୍ରକାର ବନ୍ଦୋବସ୍ତ କରାଯାଇଛି ।

# ବୁଲି ବାହାରିଛନ୍ତି କି ?

ବର୍ଷା କେବେଠୁ ଛାଡିଗଲାଣି । ଦିନସାରା ଗୁଳୁଗୁଳି ଲାଗୁଥିଲେ ବି ବଡି ଭୋରରୁ ଟିକେ ହାଲ୍‌କା ଥଣ୍ଡା ଲାଗିଲାଣି । ପାର୍ବଣର ଋତୁ ହୋଇଥିବାରୁ ଛୁଟି ବି ମିଳିଯିବ । ଏଇ ମଉକାରେ ଦୁଇ କି ଚାରିଦିନ ପାଇଁ ହେଉ କୁଆଡେ ଟିକେ ବୁଲି ଆସିଲେ ମନ ହାଲକା ହୋଇଯିବ ନିଶ୍ଚୟ । ହେଲେ ଟ୍ରିପ୍ ଏନଜୟ କରିବାକୁ ହେଲେ ବୁଲିବା ସହିତ ହେଲ୍‌ଦୀ ରହିବା ମଧ୍ୟ ନିହାତି ଜରୁରୀ । ଯାହା ଉପରେ ପ୍ରାୟ କେହି ସେତେଟା ଧ୍ୟାନ ଦିଅନ୍ତିନି । ହେଲେ ଟ୍ରାଭେଲିଂ ସମୟରେ ନିଜକୁ ଫିଟ୍ ରଖିବାକୁ କାହା ଉପରେ ଧ୍ୟାନ ଦେବାକୁ ପଡିବ ଆସନ୍ତୁ ଜାଣିବା...





ଟ୍ରାଭେଲିଂରୁ ଫେରିବା ପରେ କେହି ଓଜନ ବଢିଯାଇଛି ବୋଲି କହୁଥିବା ବେଳେ ଆଉ କୁହନ୍ତି ଓଜନ କମିଯିବା ପରି ଲାଗୁଛି । କିଛି ଲୋକ ତ ଅସୁସ୍ଥ ହୋଇପଡନ୍ତି । ବୁଲି ଆସିବାର ମଜା ବାହରିଯାଇଥାଏ । ଏହାର ମୂଳ କାରଣ ବିଭିନ୍ନ ସ୍ଥାନର ଖାଦ୍ୟ ପାନୀୟ ଭିନ୍ନ । ଆପଣଙ୍କ ନିୟମିତ ରୁଟିନ ବିଗିଡି ଯିବାରୁ ହିଁ ଏଭଳି ସ୍ଥିତି ଉପୁଜିଥାଏ । ବୁଲିବାକୁ ଗଲାବେଳେ ବେଳେବେଳେ ଖାଇବାରେ ଅବହେଳା ହୋଇଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ ଜମାରୁ ଠିକ୍ ନୁହେଁ । ସେ ଯେକୌଣସି ସିଜନରେ ଯଦି ବା ଟ୍ରିପ୍ ପ୍ଲାନ୍ କରୁଛନ୍ତି କିଛି ବେସିକ ଟିପ୍ସ ପ୍ରତି ନଜର ଦିଅନ୍ତୁ ଫିଟ୍ ଆଣ୍ଡ ଫାଇନ ରହିବେ ନିଶ୍ଚୟ ।

**ପାଦରେ ଚାଲିବା ଏକଦମ ଠିକ୍**

ଭ୍ୟାକେସନର ଅର୍ଥ ହେଉଛି ସାଧାରଣତଃ ଏନଜୟ କରିବା ଏବଂ ରିଲାକ୍ସ [redacted] ରଖିବା ମଧ୍ୟ ଜରୁରୀ । [redacted] ଏବଂ ଆଖପାଖରେ [redacted] ରାସ୍ତା ଯଦି କମ୍ ତେବେ [redacted] ଭଲହେବ ପାଦରେ [redacted] ଆଉ କିଛି ନୂଆ [redacted] ଅକ୍ଟିଭ ରହିବେ ।

[redacted] ଭାବେ ପାଣି ପିଅନ୍ତୁ । [redacted] ହ୍ୟାଣ୍ଡବ୍ୟାଗ୍ କିମ୍ବା [redacted] ନହେଲେ ପାଣି କମ୍ [redacted] କବ୍ଜ ଭଳି ସମସ୍ୟା [redacted] ବେକାର ହୋଇଯିବ ।

**ଟେଷ୍ଟି ନୁହେଁ ହେଲ୍‌ଦୀ ସ୍ନାକ୍ସ ଜରୁରୀ**

ବୁଲାବୁଲି କରିବା ଭିତରେ ବହୁ ସମୟ ଏମିତି ହୁଏ ଯେ ଖାଇବା ପିଇବାର ରୁଟିନ ବିଗିଡିଯାଇଥାଏ । ତେଣୁ ଏଥିପାଇଁ ଟେଷ୍ଟି ସ୍ନାକ୍ସ ବ୍ୟତିତ ହେଲ୍‌ଦୀ ସ୍ନାକ୍ସ ନେବା ଜରୁରୀ । ଚିପ୍ସ, ମ୍ୟାଗି, ଚକୋଲେଟ ସ୍ଥାନରେ ବାଦାମ, ପ୍ରୋଟିନ ବାର୍, ପପକର୍ନ ଭଳି ସ୍ନାକ୍ସ କ୍ୟାରୀ କରନ୍ତୁ । ଭୋକ ଲାଗିଲେ ଏହିସବୁ ଖାଦ୍ୟ ପେଟ ପୁରିବା ସହିତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ରହିବ ।

**ଯଦି ସମ୍ଭବ ହୁଏ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରନ୍ତୁ**

ଏଭଳି କରିବା ଅସମ୍ଭବ ତ ଜମାରୁ ନୁହେଁ କାରଣ ପ୍ରାୟତଃ ସ୍ଥାନରେ ହୋମଷ୍ଟେ ଏବଂ ହଷ୍ଟେଲର ସୁବିଧା ରହିଥାଏ, ଯେଉଁଠି ରହିବା ସହିତ କୁକିଂ ନିଜେ କରିପାରିବେ । ଏହା ଶସ୍ତା ହେବା ସହିତ ହେଲ୍‌ଦୀ ଏବଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ । ଯଦି ଦେଶ ବାହାରକୁ ଯାଉଛନ୍ତି ତ ଏହିଭଳି କିଛି ଟ୍ରିକ୍ ଆପଣାନ୍ତୁ ।

**ଦିନରେ ଥରୁଟେ ଯେମିତିହେଲେ ଖାଆନ୍ତୁ**

ଟ୍ରିପ୍ ସମୟରେ ହେଲ୍‌ଦୀ ଏବଂ ଫିଟ୍ ରହିବାକୁ ଖାଦ୍ୟ ଖାଇବା ନିହାତି ଜରୁରୀ । କିନ୍ତୁ ଏହି ସମୟରେ ରେଷ୍ଟୁରା[ ଖୋଜିବା କଷ୍ଟକର ହୋଇପଡେ । ତେଣୁ ଟ୍ରାଭେଲିଂ ସମୟରେ ଦିନକୁ ଯେମିତି ହେଲେ ଥରୁଟେ ନିଶ୍ଚୟ ଖାଆନ୍ତୁ । ନହେଲେ ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା ଭଳି ସମସ୍ୟା ଉପୁଜିପାରେ ।

**ବ୍ରେକଫାଷ୍ଟ ଆଉଏଡ କରନ୍ତୁନି**

ସକାଳୁ ହେଲ୍‌ଦୀ ବ୍ରେକଫାଷ୍ଟ ଆପଣଙ୍କୁ ଦିନସାରା ଚାର୍ଜ ରଖିଥାଏ । ବୁଲାବୁଲି ଭିତରେ ଯଦି ବା ଲ*୍ କିମ୍ବା ଡିନର ଲାଗି ସମୟ ନମିଳୁଛି ତ ବ୍ରେକଫାଷ୍ଟ ଏହି ସମସ୍ୟାର ସମାଧାନ କରିବ । ବ୍ରେକଫାଷ୍ଟରେ ଅଣ୍ଡା, ଜୁସ୍ ଫ୍ରୁଟ୍ସ ସାମିଲ କରନ୍ତୁ ।

# ୧୦ ବର୍ଷୀୟ ଫଟୋଗ୍ରାଫର



ପଞ୍ଜାବର ଦଶ ବର୍ଷୀୟ ଅର୍ଶଦୀପ ସିଂହ ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଆୱାର୍ଡ ଜିତିଛନ୍ତି । ବ୍ରିଟେନର ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ତରଫରୁ ସେ ଏହି ପୁରସ୍କାର ପାଇଛନ୍ତି । ତାଙ୍କ ଫଟୋଗ୍ରାଫର ଟାଇଟଲ ରହିଛି 'ପାଇପ ଓଲ୍ଡ' । ଅର୍ଥାତ ଦୁଇଟି ପେଚା ପଞ୍ଜାବର କପୁରଥାଲାର ଏକ ପରିତ୍ୟକ୍ତ ପାଇପ ମଧ୍ୟରେ ଥିବା ତାଙ୍କ ଫଟୋରୁ ଦେଖିବାକୁ ମିଳିବ । ତେବେ ଏହି ଫଟୋଟି ଉଠାଇବା ଲାଗି ସେ ମାତ୍ର ୬ ବର୍ଷରୁ ଚେଷ୍ଟା କରି ରଖିଥିଲେ । ଆଉ ଆଜି ସେ କନିଷ୍ଠ ବର୍ଗରେ ଏମିତି ଏକ ପୁରସ୍କାରର ହକଦାର ହୋଇଛନ୍ତି ।

# ୧୭ ମାସର ଗର୍ଭବତୀ



ସାଧାରଣତଃ ୧୦ ମାସ ଦଶ ଦିନ ପେଟରେ ରହିବା ପରେ ଶିଶୁଟିଏ ଜନ୍ମନେବାର କଥା ଶୁଣିଥିଲେ କିନ୍ତୁ ଏଠାରେ ଜଣେ ମହିଳା ୧୭ ମାସର ଗର୍ଭବତୀ ଥିବାର ନଜରକୁ ଆସିଛି । ହେଲେ ଏଭଳି ଅବସ୍ଥାରେ ବି ଡାକ୍ତର ତାଙ୍କର ଡେଲିଭରି କରିବାକୁ ରାଜି ନାହାନ୍ତି । କଥାଟା ବିଶ୍ୱାସ ନହେଲେ ବି ସତ । ତେବେ ୧୭ ମାସ ହେବ ଗର୍ଭବତୀ ଥିବା ଏହି ମହିଳାଙ୍କ ନାଁ ବାଙ୍ଗ ସୁଇ ଏବଂ ତାଙ୍କ ଘର ଚୀନରେ । ମହିଳାଜଣକ ଦାବି କରିଛନ୍ତି ସେ ୧୭ ମାସ ହେବ ଗର୍ଭବତୀ ଏବଂ ସେ ନିୟମିତ ଭାବେ ଡାକ୍ତରୀ ଚେକ୍‌ଅପ୍ ମଧ୍ୟ କରାଇଛନ୍ତି । ଡାକ୍ତର ତାଙ୍କୁ ୨୦୧୮ ଜାନୁଆରୀରେ ଡେଟ୍ ଦେଇଥିଲେ ହେଁ ଏଯାଏ ଶିଶୁଟି ଭୂମିଷ୍ଠ ନହେବାରୁ ଯୁବତୀଙ୍କ ଘରଲୋକ ଚିନ୍ତାରେ ପଡିଯାଇଥିଲେ । ୧୪ ସପ୍ତାହ ପରେ ଯେତେବେଳେ ଡାକ୍ତର ଚିନ୍ତାରେ ପଡିଯାଇଥିଲେ । ୧୪ ସପ୍ତାହ ପରେ ଯେତେବେଳେ ଡାକ୍ତର ଯୁବତୀଙ୍କ ଚେକଅପ କରି କହିଲେ ସିଜରିଆନ କରି ବି ପିଲାକୁ ଜନ୍ମକରି ହେବନି, କାରଣ ଭ୍ରୁଣଟି ପରିପକ୍ୱ ହୋଇନି । ଏକଥା ଶୁଣି ଘରଲୋକଙ୍କ ଚିନ୍ତା ଆହୁରି ବଢିଯାଇଛି । ବାଙ୍ଗ ବ□ମାନସୁଦ୍ଧା ଚେକ୍‌ଅପ୍ କରିବାକୁ ୩୦ ଥର ଯାଇସାରିଛନ୍ତି ଏବଂ ୧୭ ମାସ ବିତିଯାଇଥିଲେ ବି ବ□ମାନସୁଦ୍ଧା ଶିଶୁର ଶରୀରଟି ସମ୍ପୂର୍ଣ୍ଣ ଭାବେ ବିକଶିତ ହୋଇପାରିନି, ଯେଉଁଥିରେ ଏଯାଏ ତାଙ୍କର ଡେଲିଭରି ହୋଇପାରୁନି । ଯାହା ଜଣାପଡୁଛି ଗର୍ଭସ୍ଥ ପରିପକ୍ୱ ନହେବା ଯାଏ ବାଙ୍ଗଙ୍କୁ ଅପେକ୍ଷା କରିବାକୁ ପଡିବ ।

## କାଳବୈଶାଖୀ ରେ ଗଛ ଉପୁଡ଼ିଲା ବିଦ୍ୟୁତ ଖୁଣ୍ଟ ଭାଙ୍ଗିଲା



ପାଟଣା ,୧୫/୫(ନି.ପ୍ର): ପାଟଣା ବ୍ଲକ ଅଞ୍ଚଳରେ ଗତକାଲି କାଳବୈଶାଖୀ ପ୍ରଭାବରେ ବହୁ ସ୍ଥାନରେ ଗଛ ଉପୁଡ଼ିବା ସହ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ସରାସକୋଲା ପଞ୍ଚାୟତର ତୁଳସୀ ପୁର ଗ୍ରାମର ଜଣଙ୍କର ଘର ଉପରେ ଆକାଶିଆ ଗଛ ପଡ଼ିରହିଥିବା ବେଳେ ସେହି ରାସ୍ତାରେ ଉପରେ ପଣସ ଗଛ ପଡ଼ିଛି । ସେହି ପରି ମୂଷାଖୋରୀ ପଞ୍ଚାୟତର ବାଉଁଶ ଡିହା ରାସ୍ତା ଉପରେ ନିଦ୍ରାବତୀ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ତାର ଛିଣ୍ଡି ରାସ୍ତା ଉପରେ ପଡ଼ିରହିଛି । ସେହି ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ଲୋକମାନେ ଦେଖି ପାଟଣା ଅଗ୍ନିଶମ ବାହିନୀ ଖବର ପାଇ ଘର ଉପରେ ପଡ଼ିଥିବା ଏବଂ ରାସ୍ତା ଉପରେ ପଡ଼ିଥିବା ଗଛ ଗୁଡ଼ିକୁ ମେସିନ ଦ୍ୱାରା କାଟି ରାସ୍ତା ସଫା କରିଛନ୍ତି ।

# ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣକୁ ଓଡ଼ିଶା କ୍ୟାବିନେଟର ମଞ୍ଜୁରୀ

## ଓଡ଼ିଶା ସରକାରଙ୍କ ଐତିହାସିକ ନିଷ୍ପତି ଏସଇବିସି ବର୍ଗର ଲୋକମାନଙ୍କୁ ସଶକ୍ତ କରିବ- ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୫/୫(ନି.ପ୍ର): ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ତଥା ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିବା ସହ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ ଓଡ଼ିଶାର ମୋଟ ଜନସଂଖ୍ୟାର ୫୨%ରୁ ଅଧିକ ହେଉଛନ୍ତି ଏସଇବିସି ବର୍ଗର । ଏହି ଐତିହାସିକ ନିଷ୍ପତି ଏସଇବିସି ବର୍ଗର ଲୋକମାନଙ୍କୁ ସଶକ୍ତ କରିବା ସହ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବ । ଜାତୀୟ ଶିକ୍ଷା ନୀତି ଦୃଷ୍ଟିକୋଣରେ ଏହି ପଦକ୍ଷେପ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ବଢାଇବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସହାୟକ ହେବ । ଏହି ନୀତି ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରାଯିବ । ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବ୍ୟବସ୍ଥା ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ, ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ



ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବିପିଏଡ ଓ ଏମପିଏଡ ପାଠ୍ୟକ୍ରମରେ ଲାଗୁ କରାଯିବ, ଯାହା ପ୍ରଶଂସନୀୟ ନିଷ୍ପତି । 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମୋଦୀ ସରକାରଙ୍କ ବିଚାର ଓ ଦାର୍ଶନିକ ମତ । ଆମର ସମସ୍ତ କାର୍ଯ୍ୟକ୍ରମ, ଯୋଜନାର ମୂଳ ଲକ୍ଷ୍ୟ ହେଉଛି ସାମାଜିକ ନ୍ୟାୟ । ମୋଦୀ ସରକାର ଅନ୍ୟାନ୍ୟ ପଛୁଆ ବର୍ଗମାନଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦେଇଆସୁଛନ୍ତି । ଏସଇବିସି ବର୍ଗର ଲୋକମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସଂରକ୍ଷଣ ପ୍ରଦାନ କରିବାକୁ ତତ୍କାଳୀନ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିବା ସତ୍ତ୍ୱେ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ନଦେଇ ଅବହେଳିତ କରିଆସୁଥିଲେ । ଆଜି ଦେଶରେ ଯେତେବେଳେ ଜାତିଗତ ଜନଗଣନା ଭଳି ଐତିହାସିକ ନିଷ୍ପତ୍ତିକୁ ମୋଦୀ ସରକାର କ୍ୟାବିନେଟରେ ମଞ୍ଜୁର ଦେଇଛନ୍ତି, ସେଭଳି ସମୟରେ ଓଡ଼ିଶା ସରକାରଙ୍କ ନିଷ୍ପତି ସ୍ୱାଗତଯୋଗ୍ୟ । ଏହି ଐତିହାସିକ ନିର୍ଣ୍ଣୟ ପାଇଁ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଏପ୍ରିଲ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଉପରେ ଅବଗତ କରାଇଥିଲେ । ଶ୍ରୀ ପ୍ରଧାନ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ୩୧ ଡିସେମ୍ବର ୨୦୨୦, ୧୫ ଜାନୁଆରୀ ୨୦୨୦ ଏବଂ ୨୫ ଜୁଲାଇ ୨୦୧୯ରେ ଏହି ପ୍ରସଙ୍ଗରେ ତିନି ଥର ପତ୍ର ଲେଖିବା ପରେ ବି ପୂର୍ବ ସରକାର କୌଣସି ତତ୍ପରତା ଦେଖାଇନଥିଲେ ।

## ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ର ଶତପ୍ରତିଶତ ସଫଳତା

ପାଟଣା ୧୫/୫(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ସିବିଏସଇ ପରିଚାଳିତ ଦଶମ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ପାଇଛି । ଏହି ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ ପାସ କରିଛନ୍ତି।ପ୍ରଥମ କରି ଏହି ବିଦ୍ୟାଳୟ ର ପରୀକ୍ଷାର୍ଥୀ ମାନେ ଦଶମ ପରୀକ୍ଷା ଦେଇଥିଲେ।ଛାତ୍ର ଜୟନ୍ତ ମଲ୍ଲିକ ୭୭ ପ୍ରତିଶତ , ମହମ୍ମଦ ଆର୍ସାଲିନ ସିଦ୍ଦିକ ୬୬ ପ୍ରତିଶତ ନମ୍ବର ରଖିଛନ୍ତି ଓ ସମୀର ପଟ୍ଟାୟତ ଏବଂ ପ୍ରଦୀପ ହେସା ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି।ବିଦ୍ୟାଳୟ ର ଦଶମ ଶ୍ରେଣୀର ପ୍ରଥମ ବ୍ୟାଚ କୃତି ପରୀକ୍ଷାର୍ଥୀ ମାନଙ୍କୁ ବିଦ୍ୟାଳୟ ର ଚେୟାରମ୍ୟାନ ଅଜୟ କୁମାର ଦାଶ, ସମ୍ପାଦକ ଅବିନାଶ ଦାଶ ଓ ଅଧକ୍ଷ ଗଣେଶ୍ୱର ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଜାମଦା ଅଞ୍ଚଳରେ ପବନ ସହ ଘଡ଼ଘଡ଼ି ଆଉ ବର୍ଷା



ମୟୂରଭଞ୍ଜ ୧୫/୫(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ଅଞ୍ଚଳରେ ପବନ ସହ ଦୀର୍ଘ ସମୟ ଧରି ଘଡଘଡ଼ି ହେବା ସହ ପ୍ରବଳ ବର୍ଷା ହୋଇଯାଇଛି ।ବିଭିନ୍ନ ସ୍ଥାନରେ ଯଥା ତାରଣା,ବେଲପୋଷି,ରମାପାହାଡ଼ି ଆଦି ସ୍ଥାନରେ ବଡ଼ବଡ଼ ଗଛ ଡାଳ ଭାଙ୍ଗିଯିବା ସହ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା ।ଖବର ପାଇଁ ଜାମଦା ଦମକଳର କର୍ମଚାରୀମାନେ ଯାଇ ରାସ୍ତାରୁ ଗଛ ହଟାଇଥିଲେ ।ପ୍ରବଳ ବର୍ଷା ହେତୁ ବେଲପୋଷି ମନ୍ଦିର ସାହି ରାସ୍ତା ଜଳାର୍ଣ୍ଣବ ପାଲଟିଛି ।ବେଲପୋଷି ର ଚନ୍ଦନ ପ୍ରଧାନଙ୍କର ଧାନମଣ୍ଡିରେ ପାଣି ପଶି ଯାଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ନଷ୍ଟ ହୋଇଯାଇଥିବା ସୂଚନା ହସ୍ତଗତ ହୋଇଛି ।ବିଭିନ୍ନ ସ୍ଥାନରେ ଛଣଛପର ଘର ଉଡ଼ିଯାଇ ଭାଙ୍ଗିଯାଇଥିବା ଖବର ହସ୍ତଗତ ହୋଇଛି ।

## ଘୁମୁସର ର ସ୍ୱର ପକ୍ଷରୁ ୧୪୯ତମ ସାହିତ୍ୟ ଆଲୋଚନା

ବୁଗୁଡ଼ା ୧୫/୫(ନି.ପ୍ର): ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସର ର ସ୍ୱର' ପକ୍ଷରୁ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ୧୪୯ତମ ସାହିତ୍ୟ ଆଲୋଚନା ଚକ୍ର ପ୍ରତିଷ୍ଠାନର କାର୍ଯାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସଙ୍ଗଠନର ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସମାଜସେବୀ କିଶୋର ଜେନା, ରିଷିପୁର ହାଇସ୍କୁଲର ସହକାରୀ ଶିକ୍ଷକ ଅନୁପ ମହାନ୍ତି, ବାଲିପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଇ. ନିଳାଚଳ ପାତ୍ର, ଗୀତାଜ୍ଞାନ ବିତରକ ରାଜ ଗୋପାଳ ନାୟକ, ଖଳି ପରିଡ଼ା, କେ.ରାଘବ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ବୁଦ୍ଧଦେବ ଶାନ୍ତି ମୈତ୍ରୀର ପ୍ରତୀକ ବୋଲି ପ୍ରକାଶ କରିଥିଲେ। ବୁଦ୍ଧଙ୍କ ଦର୍ଶନରେ ଯୁବପିଢି ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପାତ୍ର, ଧୋବାସାହୁ, ସଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କେ.ରାଘବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗର୍ଭବତୀ ଙ୍କ ଅକାଳ ମୃତ୍ୟୁ

ପାଟଣା ୧୫/୫(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳି ପଶି ପଞ୍ଚାୟତ ଅନ୍ତର୍ଗତ ରୁଢ଼ିଆପଡା ଗ୍ରାମର ରଞ୍ଜନ ନାଏକ ଙ୍କ ପତ୍ନୀ ଭବାନୀ ନାଏକ (୧୯)ଙ୍କର ଗତକାଲି ଅପରାହ୍ନରେ ପାଟଣା ଡାକ୍ତରଖାନାରେ ଅକାଳ ମୃତ୍ୟୁ ଘଟିଛି। ଭବାନୀ ୯ ମାସ ର ଗର୍ଭବତୀ ଥିଲେ । ତାଙ୍କର ଛାତି ଯନ୍ତ୍ରଣା ହେଉ ଥିବାରୁ ଘର ଲୋକେ ଗୁଣି ଗାରେଡି କରି ବିଫଳ ହେବା ପରେ ଶେଷ ମୁହୂର୍ତ୍ତରେ ଗତକାଲି ଅପରାହ୍ନରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ।ଚିକିତ୍ସା ଆରମ୍ଭ ସମୟରେ ଭବାନୀ ପ୍ରାଣ ହରାଇଛନ୍ତି। ଡାକ୍ତର ଙ୍କ ସୂଚନା ଅନୁସାରେ ଭବାନୀ ହୃଦ ରୋଗରେ ଆକ୍ରାନ୍ତ ଥିବା ଶବ ବ୍ୟବଚ୍ଛେଦ ରିପୋର୍ଟ ରୁ ଜଣାପଡିଛି। ଭବାନୀ ଙ୍କୁ ଗର୍ଭ ସମୟରେ ସମସ୍ତ ଚିକିତ୍ସା ସୁବିଧା ମିଳିଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି।ଏନେଇ ଘଟଗାଁ ଥାନା ଅପମୃତ୍ୟୁ ମାମଲା ମୂଳେ ଘଟଗାଁ ପୁଲିସ ପାଟଣା ଯାଇ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଶବ ବ୍ୟବଚ୍ଛେଦ କରାଇ ମରଶରୀର ଆଜି ତାଙ୍କ ପରିବାର କୁ ହସ୍ତାନ୍ତର କରିଛନ୍ତି।

## ଘର ଭାଙ୍ଗିଲେ ତହସିଲଦାର ପଡି ରହିଛି ଆବର୍ଜନା

ପାଟଣା ୧୫/୫(ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ଲୁଙ୍ଗା ଗ୍ରାମର କୈଳାସ ବାରିକ ଙ୍କ ଘରକୁ ଗତ ମେ ମାସ ୩ ତାରିଖ ଦିନ ସାହାରପଡା ତହସିଲଦାର ପରମାନନ୍ଦ ଖଣ୍ଡେଇ ତୁରୁମୁଙ୍ଗା ଥାନା ଅଧିକାରୀ ଙ୍କ ସହାୟତା ରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ନେଇ ଭାଙ୍ଗି ଦେଇଥିଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଭଙ୍ଗା ଯାଇଥିବା ଆବର୍ଜନା ଗୁଡିକ ଗାଁ ଦାଣ୍ଡରେ ପଡି ରହିଛି । ଫଳରେ ରାସ୍ତା ରେ ଯିବା ଆସିବା ରେ ବ୍ୟାପକ ଅସୁବିଧା ହେଉଛି ।ବଡ଼ ଗାଡି ଗାଆଁ ଭିତରକୁ ଆଦୌ ଭିତର କୁ ପଶି ପାରୁନାହିଁ । ଆବର୍ଜନା ଗୁଡିକ କିଛି କୂଅ ଭିତରେ ପଡି ଯାଇଛି ଆଉକିଛି କୂଅ ମୂଳରେ ଜମା ହୋଇ ପଡ଼ିରହିଛି । ଫଳରେ କୂଅ ଟି ବର୍ତ୍ତମାନ ସମ୍ପୂର୍ଣ୍ଣ ଅଚଳ ହୋଇ ଯାଇଛି । ଏତେ ପରିମାଣ ର ଆବର୍ଜନା କୁ କିଏ ଉଠାଇବ ଏହା ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ିଥିବାରୁ ରାଜସ୍ୱ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ବେଲଗୁଣ୍ଠା ବ୍ଲକ୍ ଓଡିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷା ଫଳ

## ୯୫ ପ୍ରତିଶତ ନମ୍ବର୍ ରଖି ସ୍ୱୟଂଶାଳିନୀଙ୍କ ସଫଳତା ହାସଲ



ବେଲଗୁଣ୍ଠା ୧୫/୫(ନି.ପ୍ର): ମଙ୍ଗଳବାର ପ୍ରକାଶ ପାଇଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ଦଶମିକ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଓ ଏଥିରେ ବେଲଗୁଣ୍ଠା ବ୍ଲକ୍ ପ୍ରତାପ ଲକ୍ଷ୍ମଣପୁର ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପୂର୍ବ ବର୍ଷ ଗୁଡିକ ରେକର୍ଡ଼କୁ ଭାଙ୍ଗି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଓ ଚଳିତ ବର୍ଷ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରାଛାତ୍ରୀଙ୍କ ପାସ୍ ହାର ୯୮.୭୬ ପ୍ରତିଶତ ରହିଥିବା ବେଳେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାସ୍ ହାର ୮୨.୨୭ ପ୍ରତିଶତ ରହିଛି ଓ ଦଶମ ଶ୍ରେଣୀରେ ମୋଟ ୮୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୭ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱାଦଶ ଶ୍ରେଣୀରେ ମୋଟ ୭୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ଏହି ପରିପ୍ରେକ୍ଷୀରେ ଦଶମ ଶ୍ରେଣୀ ଛାତ୍ରୀ ସ୍ୱୟଂଶାଳିନୀ ସ୍ୱାଇଁ ୯୫ ପ୍ରତିଶତ ନମ୍ବର୍ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କ ପରିବାରରେ ଖୁସିର ଲହରୀ ଖେଳି ଯାଇଛି ଓ ସ୍ୱୟଂଶାଳିନୀ ମୋଟ ୬୦୦ ନମ୍ବର୍ ରୁ ୫୭୦ ନମ୍ବର୍ ହାସଲ କରିଛନ୍ତି ଓ ସ୍ୱୟଂଶାଳିନୀ ହେଉଛନ୍ତି ବେଲଗୁଣ୍ଠା ବ୍ଲକ୍ ପାଇଲିପଡା ପଂଚାୟତ ଧାନପୁଞ୍ଜା ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ ଏବଂ ମାମାଜିନି ସ୍ୱାଇଁଙ୍କ ସୁକନ୍ୟା ଓ ସେ ଦୈନିକ ୧୨/୧୪ ଘଣ୍ଟା ପାଠ ପଢି ଏହି ସଫଳତା ହାସଲ କରିଥିବା ବେଳେ ବେଳେ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ଓ ଦଶମ ଶ୍ରେଣୀରେ ଛାତ୍ର ରୁଦ୍ରନାରାୟଣ ପଣ୍ଡା ୯୫.୬ ପ୍ରତିଶତ ନମ୍ବର୍ ରଖି ବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱାଦଶରେ ଛାତ୍ରୀ ସୁଇଟି ପ୍ରଧାନ ୯୧.୮ ପ୍ରତିଶତ ନମ୍ବର୍ ରଖି ବିଦ୍ୟାଳୟରେ ଶୀର୍ଷ ସ୍ଥାନରେ ହାସଲ କରିଛନ୍ତି ଓ ବିଦ୍ୟାଳୟ ତରଫରୁ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀ,ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଅତାବିରା ମାର୍କେଟରେ ଧାନ କ୍ରୟ ବିକ୍ରୟ ର ଶୁଭାରମ୍ଭ କଲେ ବିଧାୟକ

ଅତାବିରା ୧୫/୫(ନି.ପ୍ର): ଓଡିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ ଜିଲା ଅତାବିରା ବ୍ଲକର ଅତାବିରା ଓ ଗୋଡଭଗା ମାର୍କେଟରେ ଆଜି ଚଳିତ ରବିଋତୁର ଧାନ କିଣାବିକାର ଶୁଭାରମ୍ଭ ହୋଇଯାଇଛି । ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ନଡିଆ ପିଟି ଚଳିତ ରବିଋତୁର ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ।ଚଳିତ ଋତୁରେ ଚାଷୀମାନେ କ୍ୱିଣ୍ଟାଲ ପିଛା ୮ଶହ ଟଂକା ପାଉଥିବାରୁ ବେଶ ଖୁସି ଅନୁଭବ କରୁଛନ୍ତି ।ମାର୍କେଟ ଶୁଭାରମ୍ଭ ସମୟରେ ବରଗଡ ଜିଲାପାଳ ଆଦିତ୍ୟ ଗୋଏଲ ,ଉପଜିଲାପାଳ ପ୍ରଶସ୍ତ ପାଣ୍ଡେ,,ଅତିରିକ୍ତ ତହସିଲଦାର ଅଂକିତ ପଣ୍ଡା,ମାର୍କେଟ ଇନଚାର୍ଚ ଲିଂଗ ସୁନା,ଓଡିଶା ରାଜ୍ୟ କୃଷକ ସଂଘଠନର ସଭାପତି ବୀରେନ୍ଦ୍ର କର,ସମ୍ପାଦକ ସୁରେଶ କର୍ଣ୍ଣ,ନଗର ସଭାପତି ସତୀଶ ଚୌଧୁରୀ,ପୂର୍ବତନ ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ,ମଣ୍ଡଲ ସଭାପତି ପୁଷ୍କକ ଗାଇଗରିଆ ,ବିକାଶ ଗଡତିଆ ଓ ଚାଷୀବୃନ୍ଦ ପ୍ରମୁଖ ଯୋଗଦେଇଥିଲେ ।

## ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଙ୍କ ଜନ୍ମ ଦିନ ରେ ୫୧ ୟୁନିଟ ରକ୍ତ ସଂଗହ

ବରଗଡ଼ ୧୫/୫(ନି.ପ୍ର): ପରମ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଜୀ ଙ୍କ ୭୦ତମ ଜନ୍ମ ଦିନ ଅବସର ରେ ଏକ ବିରାଟ ସତସଂଗ,ଗୁରୁ ପୂଜା ସହ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବରଗଡ଼ ସ୍ଥିତ ସ୍ୱୟଂସିଦ୍ଧା ଭବନ ଠାରେ ଅନୁଷ୍ଠିତ ହୋଇଥିଲା।ଏହି ଶିବିର କୁ ଆର୍ଟ ଅଫ ଲିଭୀଙ୍ଗ ବରଗଡ଼ ର ହିମାଂଶୁ ପଣ୍ଡା,ମଧୁ ଲାଠ ଅତିଥି ଭାବରେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିର ର ଶୁଭାରମ୍ଭ କରିଥିଲେ।ବିଶିଷ୍ଟ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ,ପ୍ରଶାନ୍ତ ବେହେରା,ଅକୃର ମଲ୍ଲିକ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।ଏହି ଶିବିର ରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୫୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଶ୍ରଦ୍ଧାଳୁ ମାନେ ରକ୍ତା ଭାବ କୁ ଦୂର କରିବା ପାଇଁ ରକ୍ତଦାନ କରି ଥିଲେ।ଏହି ଶିବିର କୁ ଅନୁପ ଦର୍ଜି,ଡାକ୍ତର ଅଶ୍ୱିନୀ ଭୋଇ,କ୍ଷିରୋଦ୍ର ସାହୁ,ଲୋକ ନାଥ ସାହୁ ଓ ନିଷ୍ଠା ପରିବାର ର ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ।ରକ୍ତ ଦାନ ଶିବିର ଆୟୋଜନ ପାଇଁ ଆର୍ଟ ଅଫ ଲିଭିଂଗ ପରିବାର ବରଗଡ କୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତ ଦାତା ବିଶେଷ କରି ପୁରା ଆର୍ଟ ଅଫ ଲିଭିଙ୍ଗ ପରିବାର କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଦାରିଙ୍ଗବାଡି ଅଞ୍ଚଳରେ ୭ଟି ନୂତନ ସମବାୟ ସମିତି ଖୋଲିବ : ସାଧାରଣ ବଣ୍ଟନ ବ୍ୟବସ୍ଥା କୁ ଗୁରୁତ୍ୱାରୋପ

ବାଲିଗୁଡା ୧୫/୫(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବୃହଦାକାର ବହୁମୁଖୀ ସମବାୟ ସମିତି ଲିଃ ଅଞ୍ଚଳରେ କୃଷିରଣକୁ ବ୍ୟାପକ କରାଯିବା ସହ ସାଧାରଣ ବଣ୍ଟନ ସାମଗ୍ରୀକୁ ଲୋକଙ୍କ ନିକଟରେ ସୁବିଧାରେ ପହଞ୍ଚାଇବା, କୃଷି ଉପକରଣ, ବିହନ ବଣ୍ଟନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ଆଦି ଲକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମିତି ଗୁଡ଼ିକର ସମ୍ପ୍ରସାରଣକୁ ଗୁରୁତ୍ୱ ଦିଆଯାଇ ଦାରିଙ୍ଗବାଡ଼ି ଠାରେ ଥିବା ବୃହଦାକାର ବହୁମୁଖୀ ସମବାୟ ସମିତି ଲିଃ. ଜରିଆରେ ଆହୁରି ସାତଟି ସମିତି ଖୋଲିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଦାରିଙ୍ଗବାଡ଼ିର ସମବାୟ ସମିତି ପକ୍ଷରୁ ଏହାର କାର୍ଯ୍ୟ ଚାଲିଥିବା ସମିତିର ପରିଚାଳିକା ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ପ୍ରଧାନ କହିଛନ୍ତି। ସେ କହିଛନ୍ତି, ବାଡ଼ାବାଙ୍ଗା ଓ ସିମନବାଡ଼ି ପଞ୍ଚାୟତ କୁ ନେଇ ସିମନବାଡ଼ି ଠାରେ ନୂତନ ବହୁମୁଖୀ ସମବାୟ ସମିତି ଲିଃ କରାଯିବାକୁ ରହିଥିବା ବେଳେ ଗୁମିକିଆ ଏବଂ ବୁଢ଼ାଗୁଡାକୁ ନେଇ ବୁଢ଼ାଗୁଡ଼ାରେ ସମିତି ଖୋଲିବ। ସେହିପରି ସୋନପୁର କୁ ନେଇ ଦାରିଙ୍ଗବାଡ଼ିରେ କିରିକୁଟିକୁ ନେଇ ତିଲୋରୀରେ, ଭ୍ରମରବାଡ଼ି କୁ ନେଇ ସିଆଙ୍ଗବାଲିରେ, ସିର୍କାବର୍ଗକୁ ନେଇ ଦନେକବାଡ଼ିରେ ଏବଂ ଶ୍ରାନିକେତାକୁ ନେଇ ପର୍ତ୍ତମାହାରେ ନୂତନ ସମବାୟ ସମିତି ଖୋଲାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

# ବିବାଦୀୟ ପୋଖରୀକୁ ନେଇ ଦୁଇ ପଂଚାୟତ ମଧ୍ୟରେ ବିବାଦ- ହାଇକୋର୍ଟରେ ମାମଲା

## ନିଲାମ ପୂର୍ବରୁ ପଂଚାୟତର ଭାଗ ନିରୁପଣ କରିବେ ବିଡିଓ-ହାଇକୋର୍ଟର ନିର୍ଦ୍ଦେଶ



ମାହାଙ୍ଗା ୧୫/୫(ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ସୁକରପଡା ଓ କଟରପଡା ଦୁଇ ପଂଚାୟତ ମଧ୍ୟରେ ଗୋଟିଏ ପୋଖରୀ ଦିଅଁପୋଖରୀ ରହିଥିବା ବିବାଦର ସମାଧାନ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ କରିନଥିବା ସଂକ୍ରାନ୍ତ ଅଭିଯୋଗ ହାଇକୋର୍ଟରେ ପହଞ୍ଚିଛି । ଏହି ପୋଖରୀରେ କେଉଁ ପଂଚାୟତର କେତେ ଅଂଶ ରହିଛି ସେ ନେଇ ଶୁଣାଣୀ କରି ନିଷ୍ପତି ଦେବାକୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କଟରପଡା ପଂଚାୟତର ଦାବିପତ୍ର ଉପରେ ମଣ୍ଡଳ ଉନ୍ନୟନ ଅଧିକାରୀ ଶୁଣାଣୀ କରିବା ବେଳେ ସୁକରପଡା ସରପଂଚଙ୍କୁ ମଧ ପକ୍ଷ ରଖିବା ପାଇଁ ସୁଯୋଗଦେବେ ଏହାପରେ କଟରପଡା ଓ ସୁକରପଡା ପଂଚାୟତର କେତେଭାଗ ରହିଛି ସେ ନେଇ ମଣ୍ଡଳ ଉନ୍ନୟନ ଅଧିକାରୀ ୪ ସପ୍ତାହ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରିବେ । ପୋଖରୀ ନିଲାମ ପୂର୍ବରୁ ଦୁଇ ପଂଚାୟତର ଭାଗ କାହାର କେତେ ସେ ନେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଚୂଡାନ୍ତ ନିଷ୍ପତି ଗ୍ରହଣ କରିବେ ବୋଲି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥିଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହିତ କଟରପଡା ସରପଂଚ ରାକେଶ କୁମାର ସାମଲଙ୍କ ଆବେଦନର ଶୁଣାଣୀରେ ପୂର୍ଣ୍ଣଛେଦ ପକାଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ପଂଚାୟତ ପୁନଃଗଠନ ପରେ ସୁକରପଡା ପଂଚାୟତରୁ କଟରପଡା ପଂଚାୟତ ଗଠନ ହୋଇଥିଲା । ମୂଳ ସୁକରପଡା ପଂଚାୟତ ଦିଅଁ ପୋଖରୀ ରହିଥିଲା । ନୂଆ ପଂଚାୟତ ଗଠନ ପରେ ଉକ୍ତ ପୋଖରୀ କଟରପଡା ଗ୍ରାମ ପଂଚାୟତର ମଧ ଅଂଶ ରହିଛି ବୋଲି କୁହାଯାଇଥିଲା । କଟରପଡା ପଂଚାୟତ ତରଫରୁ ଏହି ପୋଖରୀରେ ପଂଚାୟତର ଭାଗ ଥିବା ଦାବି କରାଯାଇଥିଲା । ଏହି ପ୍ରସଙ୍ଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା । ସୁକରପଡା ପଂଚାୟତ ଏହି ପୋଖରୀରୁ ମିଳୁଥିବା ସମସ୍ତ ଅର୍ଥ ନେଉଥିବା ବେଳେ କଟରପଡା ପଂଚାୟତର ଦାବିକୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏହି ପୋଖରୀ ଦୁଇ ପଂଚାୟତରେ ରହିଥିବାରୁ ଏଥିରୁ ଆଦାୟ ହୋଇଥିବା ଅର୍ଥ ଦୁଇ ପଂଚାୟତକୁ ମିଳିବା କଥା । ପୋଖରୀର ଭାଗ କେଉଁ ପଂଚାୟତରେ କେତେ ତାହା ନିର୍ଦ୍ଧାରଣ କରାଯିବା ପାଇଁ କଟରପଡା ପଂଚାୟତର ବାସିନ୍ଦାମାନେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଓ ଜିଲ୍ଲା କର୍ତ୍ତପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ପ୍ରସଙ୍ଗରେ କର୍ତ୍ତପକ୍ଷଙ୍କ ନିଷ୍କ୍ରିୟତା ପାଇଁ କଟରପଡା ପଂଚାୟତ ବାସିନ୍ଦା ପୋଖରୀରୁ ସେମାନଙ୍କର ଭାଗ ପାଇବାରୁ ବଞ୍ଚିତ ବୋଲି ଦର୍ଶାଇ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁଧୀର କୁମାର ପାତ୍ର ମାମଲା ପରିଚାଳନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଏହି ଦିଅଁ ପୋଖରୀର ମଧ ସ୍ଥଳୀରେ ଏକ ଦିଅଁପିଣ୍ଡି ରହିଛି । ଲୋକକଥା ଅନୁଯାୟୀ ଏହି ଦିଅଁ ପିଣ୍ଡିରେ ଆରାଧ ଦେବତା ଦଧିବାମନଜୀଉ ଅବସ୍ଥାନ କରିଥିଲେ । ସମୟକ୍ରମେ ଦଧିବାମନଜୀଉଙ୍କୁ କେହି ଚୋରୀ କରି ନେଇ ଯାଉଥିବା ବେଳେ ପ୍ରଭୁ ଦଧିବାମନଜୀଉ ଚୋରଙ୍କୁ କହିଥିଲେ କି ଯେଉଁଠି କୋଇଲି ରାବ ଶୁଭିବ ମୁଁ ସେଠାରୁ ତୁମ ପାଖରୁ ପଳାଇଯିବି । ଚୋରମାନେ ପ୍ରଭୁଙ୍କୁ ନେଇ ଯାଉଥିବା ସମୟରେ ଅସୁରେଶ୍ୱର ପଂଚାୟତର କୋଇଲଠାରେ କୋଇଲି ରାବ ଦେବାରୁ ପ୍ରଭୁ ସେହିଦିନଠାରୁ ସେହିଠାରେ ଅବସ୍ଥାପିତ ହୋଇଛନ୍ତି । କୋଇଲସ୍ଥିତ ଦଧିବାମନଜୀଉଙ୍କ ସହିତ ଦିଅଁ ପୋଖରୀର ନିବିଡ ସଂପର୍କ ରହିଛି । ଏହି ସ୍ଥାନକୁ ଏବେ କିଛି ଜବରଦଖଲକାରୀ ଦଖଲ କରି ବ୍ୟବସାୟ କ୍ଷେତ୍ରରେ ପରିଣତ କଲେଣି । ଜବରଦଖଲ ଉଚ୍ଛେଦ କରି ପ୍ରଶାସନ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ କଟରପଡା ପଂଚାୟତବାସୀ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବ, ବିଭାଗୀୟ ମନ୍ତ୍ରୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ନିକଟରେ ନିବେଦନ କରିଛନ୍ତି ।

## ବିଧାୟକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରବି ଋତୁ ଧାନ କିଣାବିକା ପ୍ରକ୍ରିୟା ଆରମ୍ଭ

ବରଗଡ୧୫/୫(ନି.ପ୍ର): ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିର୍ଧାରିତ ତାରିଖ ଅନୁଯାୟୀ ଆଜି ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି ।ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋରୁ ମାର୍କେଟ ଠାରେ ବରଗଡ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରଗଡ ଆରଏମସିର ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ।ସେହିଭଳି ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନସ୍ଥ ଅତାବିରା ଏବଂ ଗୋଡଭଗା ଧାନ ମଣ୍ଡିରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତାବିରା ଆରଏମସିର ରବି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିବା ବେଳେ ପଦମପୁର ନିୟନ୍ତ୍ରିତ ବଜାର କମିଟି ଅଧିନସ୍ଥ କେଉଁଠିପାଲି ଏବଂ ଆର୍ଡ଼ା ଧାନ ମଣ୍ଡିରେ ମାନ୍ୟବର ବିଜେପୁର ବିଧାୟକ ସନତ ଗଡ଼ତିୟା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଦମପୁର ଆରଏମସିର ରବି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ।ଏହି ଅବସର ରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଙ୍କ ସମେତ ଅତିରିକ୍ତ ଜିଲ୍ଲା ପାଳ ମଧୁଛନ୍ଦା ସାହୁ,ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏବଂ ବରଗଡ,ଅତାବିରା ଓ ପଦମପୁର ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମକର୍ତ୍ତା ନିଜ ନିଜ ଆରଏମସି ଅଧିନସ୍ଥ ଧାନ ମଣ୍ଡିରେ ଉପସ୍ଥିତ ଥିଲେ।



## ସୌର ଚାଳିତ ନଳକୂପ ସ୍ଥାନାନ୍ତରଣ ପାଇଁ ଦାବି



ମାହାଙ୍ଗା ୧୫/୫(ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ କେନ୍ଦୁପାଟଣା ପଂଚାୟତ ଅଧିନସ୍ଥ ୧୮ ନମ୍ବର ୱାର୍ଡ ରିସୋ ଲେଙ୍କାସାହିଠାରେ ଗ୍ରାମୀଣ ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଏକ ସୌରଚାଳିତ ନଳକୂପ ଟାଙ୍କି ବସାଯାଇଛି । ଯେଉଁଠାରେ ଉକ୍ତ ଟାଙ୍କି ବସାଯାଇଛି ସେ ସ୍ଥାନଟି ହେଉଛି ସ୍ଥାନୀୟ ବାସିନ୍ଦାଙ୍କ ନିଜ ଜମାର ରାସ୍ତା । ସୂଚନା ଥାଉ କି ରିସୋ ଗ୍ରାମର ଖାତା ନଂ ୨୨୭/୮ , ପ୍ଲଟ ନଂ ୩୩୦ ରାସ୍ତାଟି ସ୍ଥାନୀୟ ଗ୍ରାମର ବିପିନ କୁମାର ଲେଙ୍କା ଓ ଶରତ କୁମାର ଲେଙ୍କାଙ୍କ ନାମେ ରହିଛି । ସେଠାରେ ଉକ୍ତ ଟାଙ୍କି ନିର୍ମାଣ ହେବାରୁ ଉଭୟ ବିପିନ ଲେଙ୍କା ଓ ଶରତ ଲେଙ୍କା ୩୨୬ ନଂ ପ୍ଲଟରେ ଥିବା ତାଙ୍କ ଜାଗାକୁ ଯାଆସ କରିବାରେ ଅସୁବିଧା ଭୋଗ କରୁଛନ୍ତି । ଏ ବାବଦରେ ବିପିନ ଓ ଶରତ ଲେଙ୍କା କେନ୍ଦୁପାଟଣା ପଂଚାୟତକୁ ଅବଗତ କରାଇଥିଲେ ମଧ ଅଦ୍ୟାବଧି ଏହାର କୌଣସି ସୁଫଳ ମିଳିପାରିଲା ନାହିଁ । ପରେ ବିପିନ କୁମାର ଲେଙ୍କା ତାଙ୍କ ନିଜ ଜମାରେ ସରକାରୀ ଅର୍ଥ ବ୍ୟୟରେ ନିର୍ମାଣ କରାଯାଇଥିବା ସୌରଚାଳିତ ନଳକୂପ ଟାଙ୍କିକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାରୁ ନିଶ୍ଚିନ୍ତକୋଇଲି ଗ୍ରାମୀଣ ପାନୀୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରାଙ୍କୁ ଭେଟି ମୌଖିକ ଭାବେ ଆଲୋଚନା କରିଥିଲେ ମଧ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ନଦେବାରୁ ବିପିନ କୁମାର ଲେଙ୍କା ନିଶ୍ଚିନ୍ତକୋଇଲି ଗ୍ରାମୀଣ ପାନୀୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରାଙ୍କୁ ତାଙ୍କର ଅଭିଯୋଗପତ୍ର ଡାକ ମାଧ୍ୟମରେ ପ୍ରେରଣ କରିଛନ୍ତି ଏବଂ ଏହାର ଖବର ପ୍ରକାଶନ ପାଇଁ ଆମ ପ୍ରତିନିଧିଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଆମ ପ୍ରତିନିଧି ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିଥିଲେ ମଧ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇ ପାରିନଥିଲା । ଏହାପରେ ଯଦି ଉକ୍ତ ସମସ୍ୟାର ସମାଧାନ କରାନଯାଏ ତାହା ହେଲେ ବିପିନ କୁମାର ଲେଙ୍କା ଓ ଶରତ କୁମାର ଲେଙ୍କା ନିଶ୍ଚିନ୍ତକୋଇଲି ଗ୍ରାମୀଣ ପାନୀୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ।

# ଥଣ୍ଡାରେ ନିଶାଦେଇ ଲୁଟିନେଲେ କ୍ୟାମେରା ଓ ଟଙ୍କା

ଦଶରଥପୁର **୧୫/୫(ନି.ପ୍ର):** ଦଶରଥପୁର ବ୍ଲକ ଝୁମ୍ପୁରୀ ବଜାର ସ୍ଥିତ ଜ୍ୟୋତି ଡିଜିଟାଲ ଷ୍ଟୁଡ଼ିଓର ମାଲିକ ପ୍ରଦୀପ ନାୟକ (କୁନୁ) ଙ୍କୁ ଫୋନ ମାଧ୍ୟମରେ ଜଣେ ଦୁର୍ବୃତ୍ତ ଗତକାଲି କୟାଁ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁରିପଡା ମାଇନର ସ୍କୁଲକୁ ଏକ ଏନଜିଓ ସଂସ୍ଥାର ବନ୍ଧୁମିଳନ କାର୍ଯ୍ୟକ୍ରମର ଭିଡ଼ିଓ ସୁଟିଂ ଲାଗି ଡାକିବା ସହ ରାମବାଗ ଠାରେ ୧୭ ତାରିଖ ଦିନ ହେବାକୁ ଥିବା କାର୍ଯ୍ୟକ୍ରମର ଭିଡ଼ିଓ ସୁଟିଂ କରିବାକୁ କହିଥିଲେ। ଏଥିସହ ଆଗୁଆ ଫୋନ ପେ ମାଧ୍ୟମରେ ପାଞ୍ଚଶହ ଟଙ୍କା ମଧ୍ୟ ଆଡ଼ଭାନ୍ସ ପଠାଇଥିଲେ। ଏହାପରେ ପ୍ରଦୀପ ଙ୍କୁ ମଲ୍ଲିପୁର ଛକରେ ଦୁର୍ବୃତ୍ତ ଦେଖା କରିବାକୁ କହିବା ସହ ଥଣ୍ଡା (ମାଜା )ରେ ନିଶାଦ୍ରବ୍ୟ ମିଶାଇ ପିଇବାକୁ ଦେଇଥିଲା। ଥଣ୍ଡା ପିଇସାରି ପ୍ରଦୀପ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ଓ ପରେ ମୁଣ୍ଡ ବୁଲାଇ ଅଚେତ ହୋଇ ପଡ଼ିଯାଇଥିଲେ। ପରେ ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ଘରଲୋକେ ତୁରନ୍ତ ରାତି ୧୦/୩୦ ବେଳେ ସେଠାରେ ପହଞ୍ଚି ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିବା ସହ କ୍ୟାମେରା ଓ ମନିପର୍ସରେ ଥିବା ଟଙ୍କା ଗାଏବ ହୋଇଯାଇଥିବାର ଦେଖିବାକୁ ପାଇଥିଲେ। ଏହା ପରେ ତାଙ୍କୁ ମେଡ଼ିକାଲ ନେଇ ଚିକିତ୍ସା କରାଇଥିଲେ। ତେବେ ବାଇକ ଏବଂ ମୋବାଇଲ କୁ ଛାଡି ଦୁର୍ବୃତ୍ତ ମାନେ କେବେଳ କ୍ୟାମେରା ଓ ମନିପର୍ସରେ ଥିବା ଟଙ୍କାକୁ ନେଇଛନ୍ତି। ଘଟଣାକୁ ନେଇ ପ୍ରଦୀପ ଆଜି ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# କୋର୍ଟରେ ସାକ୍ଷ୍ୟ ପ୍ରଦାନକୁ କେନ୍ଦ୍ର କରି ୨ ପରିବାର ହାତାହାତି, ୩ ଆହତ

ହିଞ୍ଜିଳିକାଟୁ **୧୫/୫(ନି.ପ୍ର):** ଏକ ଗଣ୍ଡଗୋଳ ମାମଲାରେ ସାକ୍ଷ୍ୟ ପ୍ରଦାନକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଛି । ଉଭୟ ପରିବାରଙ୍କ ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପରିବାରର ୩ ଜଣ ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ମଙ୍ଗଳବାର ଅପରାହ୍ନରେ ହିଞ୍ଜିଳି ଥାନା ପିତଳ ଗ୍ରାମରେ ଘଟିଛି। ଆହତ ମାନେ ହେଲେ ସୌରେନ୍ଦ୍ରୀ ସାହୁ (୪୮), ସ୍ୱାମୀ ଶଙ୍କର ସାହୁ (୫୫) ଓ ଅପର ପରିବାରର ପର୍ଶୁରାମ ସାହୁ (୬୦) । ଘଟଣା ନେଇ ଉଭୟ ପରିବାରଙ୍କ ପକ୍ଷରୁ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ହିଞ୍ଜିଳି ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ। ପୁଲିସ ସୂଚନା ପ୍ରକାରେ, ହିଞ୍ଜିଳି ଥାନା ପିତଳ ଗ୍ରାମର ପର୍ଶୁରାମ ସାହୁଙ୍କ ସହ ପଡୋଶୀଙ୍କ ମଧ୍ୟରେ ପୂର୍ବରୁ ଏକ ଗଣ୍ଡଗୋଳ ମାମଲା ରହିଛି। ସଂପୃକ୍ତ ମାମଲାରେ ଶଙ୍କର ସାହୁ ସାକ୍ଷୀ ରହିଥିଲେ। ଗତ କିଛି ଦିନ ପୂର୍ବେ ସଂପୃକ୍ତ ମାମଲାରେ ଶଙ୍କର ସାକ୍ଷ୍ୟ ପ୍ରଦାନ କରିବାକୁ କୋର୍ଟକୁ ଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ଶଙ୍କରଙ୍କ ସ୍ତ୍ରୀ ସୌରେନ୍ଦ୍ରୀ ଘର ବାରଣ୍ଡାରେ ବସିଥିବା ବେଳେ ପର୍ଶୁରାମଙ୍କ ସମେତ ତାଙ୍କର ୨ ପୁଅ ଜୟ ସାହୁ (୪୦) ଓ ବାବୁ ସାହୁ (୩୦) ଶଙ୍କରଙ୍କ ଘର ସମ୍ମୁଖରେ ପହଞ୍ଚି କୋର୍ଟରେ କାହିଁକି ସାକ୍ଷ୍ୟ ପ୍ରଦାନ କରିବାକୁ ଗଲ ବୋଲି କହିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଘର ବାହାରେ ପାଟି ଶୁଣି ଶଙ୍କର ବାହାରକୁ ଆସି ପ୍ରତିବାଦ କରିବାରୁ ପର୍ଶୁରାମଙ୍କ ସହ। ତାଙ୍କର ୨ ପୁଅ ମିଶି ଶଙ୍କର ଓ ସ୍ତ୍ରୀ ସୌରେନ୍ଦ୍ରୀଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରବର୍ତ୍ତୀ ସମୟରେ ଯଦି ପୁର୍ନବାର କେବେ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିବାକୁ ଗଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଆକ୍ରମଣରେ ଉଭୟ ସ୍ୱାମୀ - ସ୍ତ୍ରୀ ଆହତ ହୋଇ ତଳେ ପଡିଯିବାରୁ ଆକ୍ରମଣକାରୀ ବାପା ଓ ୨ ପୁଅ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ପରେ ଘଟଣା ନେଇ ସୌରେନ୍ଦ୍ରୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନମ୍ବର -୩୯୧/ ୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ମଙ୍ଗଳବାର ଅପରାହ୍ନରେ ପର୍ଶୁରାମ ଗ୍ରାମ ଛକରେ ଚାହା ପିଉଥିବା ସମୟରେ ଶଙ୍କର ଓ ତାଙ୍କ ପୁଅ ଦେବାଶିଷ ସାହୁ ମିଶି ମୁଥ ମାରିବା ସହ ନିକଟରେ ଥିବା ଏକ ଇଟାଗଦାକୁ ଠେଲି ଦେବାରୁ ସେ ଆହତ ହୋଇଥିଲେ ବୋଲି ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନମ୍ବର -୩୯୨/୨୫ ରେ ଆଉ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଉଦଯାପିତ ହେଲା ଚୈତ୍ର ପର୍ବ, ପୀଠସ୍ଥଳୀ ରେ ମା ବାସେଳୀ



ନିଆଳୀ **୧୫/୫(ନି.ପ୍ର):** ନିଆଳୀ ଦ୍ୱୀପାଞ୍ଚଳ କସର୍ଦା ବଢ଼ିଆସାହି ସ୍ଥିତ କୈବର୍ତ୍ତ ସମାଜ ତରଫରୁ ଉଦଯାପିତ ହୋଇ ଯାଇଛି ଚୈତ୍ରପର୍ବ , ଜଗତ ଜନନୀ ଆଦ୍ୟଶକ୍ତି ପରମ ବୈଷ୍ଣବୀ ମା ଅଶ୍ୱିନୀ ବାସେଳୀଙ୍କର ଚୈତ୍ର ପୂର୍ଣ୍ଣିମା ରେ ପୁରୋହିତ ଙ୍କୁ ନିମନ୍ତ୍ରଣ କରାଯାଇ ମାତୃ ଶକ୍ତି ମହାଚଣ୍ଡୀ ହୋମ ଆୟୋଜନ କରା ଯାଇଥିଲା ସନ୍ଧ୍ୟା ସମୟରେ ମା ଙ୍କୁ ବାଉଁଶ ନିର୍ମିତ ପିଞ୍ଜରାରେ ମୁଣ୍ଡଙ୍କୁ ଯଥାବିଧି ଲଗା ଯାଇ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା ଧୂପ ଦ୍ୱୀପ ମହାଆଳତୀ, ଶୀତଳ ଲାଗି କରା ଯାଇଥିଲା କୈବର୍ତ୍ତ ସମାଜ ର ସମସ୍ତ ଛୋଟ ଠାରୁ ବଡ଼ ପଯ୍ୟନ୍ତ ନୂତନ ବସ୍ତ୍ର ପରିଧାନ କରି ମା ବାସେଳୀ ଙ୍କୁ ପୂଜାର୍ଚ୍ଚନା କରିଥିଲେ ମା ଙ୍କୁ ପ୍ରଥମେ ଗ୍ରାମ ଦେବତୀ ଦର୍ଶନ ପରେ ଗୋପାଳ ସମାଜ ରେ ଶୀତଳ ଲାଗି ପରେ ବିଭିନ୍ନ ଜାତି ରେ ଶୀତଳ ଲାଗି ପାଇଁ ଯାଇଥାନ୍ତି ଏହି ପରି ମାସ ଙ୍କ ଭିତରେ ବିଭିନ୍ନ ସ୍ଥାନ ରେ ଘୋଡା ମେଲଣ ଅନୁଷ୍ଠିତ ହୋଇ ଥାଏ ଶେଷ ରେ ବୈଶାଖ ପୂର୍ଣ୍ଣିମା ରେ ମା ଙ୍କୁ ଝାମୁ ଯାତ୍ରା କରି ବିଭିନ୍ନ ଡଗ ଡମାଣି ବାଜ ବଜାଇ ପୀଠ ସ୍ଥଳି ଙ୍କୁ ଆଣିଥାନ୍ତି, ଶେଷ ଯଥାବିଧି ରେ ପୂଜାର୍ଚ୍ଚନା ପରେ ମହାଆଳତୀ ସାଧବ ବୋହୁ ମାନେ ବାନ୍ଧପନା ଶୀତଳ ଲାଗି ପରେ ପିଞ୍ଜରା ରୁ ମୁଣ୍ଡ କାଟ କରି ବିଜେ ସ୍ଥଳି କୁ ନେଇଥାନ୍ତି ବଢ଼ିଆସାହି ରେ ବିଭିନ୍ନ ଅଞ୍ଚଳ ରୁ କୈବର୍ତ୍ତ ସମାଜ ର ମୁଖ୍ୟ ପୁରୋଧା ମାନେ ଯୋଗ ଦେଇ ମା ଙ୍କର ଆଶୀର୍ବାଦ ଲାଭ କରିଥିଲେ,ଏଥିରେ କୈବର୍ତ୍ତ ମହାସଂଘ ନିଆଳୀ ର ପର୍ଶୁରାମ ବେହେରା, ସୁରେନ୍ଦ୍ର ସାହୁ, ବୈକୁଣ୍ଠନାଥ ବେହେରା, ଲିଙ୍ଗରାଜ ବେହେରା, ବାବୁଲି ବେହେରା ରବୀନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ଧୀରେନ୍ଦ୍ର ବେହେରା ମହା ସଂଘ ର ସମ୍ପାଦକ ରମେଶ ଚନ୍ଦ୍ର ମାଝୀ, ନିରଞ୍ଜନ ବେହେରା. ବଳରାମ ବେହେରା ମାନସ ବେହେରା ଉଗ୍ରସେନ ମାଝୀ,ମହେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ ଏହା ସହ ଜଗତସିଂହପୁର, ନାଉଗାଁ, ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, କଣ୍ଟାପଡା, ବାଲିପାଟଣା ବ୍ଲକ ର ବହୁ କୈବର୍ତ୍ତ ସମାଜ ର ମୁରୁବି ମାନେ ଯୋଗ ଦେଇଥିଲେ,ବିଭିନ୍ନ ଅଞ୍ଚଳ ରୁ କଳେସୀ ମାନେ ମଧ୍ୟ ଯୋଗ ଦେଇଥିଲେ,ମାଙ୍କର ପୂଜାର୍ଚ୍ଚନା ପୂଜକ ସନ୍ତୋଷ କୁମାର ମାଝୀ ସମ୍ପାଦିତ କରିଥିଲେ।

# ସଚ୍ଚୋଟ କଂଗ୍ରେସ କର୍ମୀ ଗ୍ରସ୍କ ନାୟକଙ୍କ ପରଲୋକ

ବାଲିଗୁଡା **୧୫/୫(ନି.ପ୍ର):** ସମଗ୍ର କନ୍ଧମାଳ ଜିଲ୍ଲା ରେ ସଚ୍ଚା କଂଗ୍ରେସ କର୍ମୀ ଭାବେ ବେଶ ପରିଚିତ ଥିବା ଗ୍ରସ୍କ ନାୟକ (୭୦)(ସାହସ ନାୟକ) ଆଉ ଇହ ଜଗତରେ ନାହାନ୍ତି। ସୂଚନା ଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲା ବାଲିଗୁଡା ହାଟପଦା ସାହି ନିବାସୀ ଗ୍ରସ୍କୋ ନାୟକ ମଙ୍ଗଳବାର ସନ୍ଧ୍ୟା ରେ ହଠାତ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ବାଲିଗୁଡା ମେଡିକାଲ ରେ ଭର୍ତ୍ତୀ କରିଥିଲେ। କିଛି ସମୟ ଚିକିତ୍ସା ପରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ବାଲିଗୁଡା କଂଗ୍ରେସ ଦଳ ପକ୍ଷରୁ କେ. ବଳରାମ ଦୋରା, ଟୁଟୁ ଆଚାରୀ, ଆଲୋକ ନାୟକ, ଅଜୟ ଦିଗାଳ, ଶୁକଦେବ ନାୟକ ଙ୍କ ସମେତ ବହୁ କଂଗ୍ରେସ କର୍ମୀ, ବନ୍ଧୁ ବାନ୍ଧବ ଶୁଭେଚ୍ଛୁ ଗ୍ରସ୍କ ଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଥିଲା। ତଥା କଥିତ ନେତା କର୍ମୀ, କର୍ମକର୍ତ୍ତା, (ଯେ କୋଣସି ରାଜନୈତିକ ଦଳ ହେଉ ନା କାହିଁକି ) ଗ୍ରସ୍କ ଙ୍କ ଦଳ ପ୍ରତି ଅନୁଗତ୍ୟ ସବୁଠାରୁ ଊର୍ଦ୍ଧ୍ୱ ରେ, କଂଗ୍ରେସ ଦଳ ପାଇଁ ତାଙ୍କର ଅନୁରକ୍ତି ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ। ଗାନ୍ଧୀ ପରିବାରର ଫୋଟୋ ଆଉ କଂଗ୍ରେସ ଦଳ ର ପତାକା କୁ ନେଇ ସାଇକେଲ ରେ ପ୍ରଚାର ହେଉ କି ସହରର ବିଭିନ୍ନ ଗଳିକନ୍ଦିରେ ଅଙ୍ଗାରରେ ହାତ ଚିହ୍ନ ଆଙ୍କିବା, ଗ୍ରସ୍କ ଙ୍କ ଏହି ଅବଦାନ ବାଲିଗୁଡା ଜନସାଧାରଣ କେବେ ବି ଭୁଲିବେନି। କଂଗ୍ରେସ ଦଳର ଜଣେ ସଚ୍ଚାକର୍ମୀ ଭାବେ ତାଙ୍କ କାର୍ଯ୍ୟଧାରା ପାଇଁ ସେ ସମସ୍ତ ରାଜନୀତିକୁ ରୁଚି ରଖୁଥିବା ବ୍ୟକ୍ତିଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବେ। ସେପରି ଏକ ବ୍ୟକ୍ତିଙ୍କ ପାଇଁ ଅଞ୍ଚଳ ବାସୀଙ୍କ ତରଫରୁ ଭାବପୂର୍ଣ୍ଣ ଭକ୍ତି ଆଉ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

# କଳିଙ୍ଗ ବୁଦ୍ଧ ଟ୍ରଷ୍ଟ ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳିତ




ବୁଗୁଡ଼ା **୧୫/୫(ନି.ପ୍ର):** ଗଞ୍ଜାମ ଜିଲ୍ଲାର ବୁଗୁଡ଼ାରେ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥାର ସମ୍ମିଳନୀ କକ୍ଷରେ କଳିଙ୍ଗ ବୁଦ୍ଧ ଟ୍ରଷ୍ଟ ପକ୍ଷରୁ ମହାକାରୁଣିକ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ବୁଦ୍ଧ ପୂର୍ଣ୍ଣିମା ଅବସରରେ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ବୁଦ୍ଧ ବନ୍ଦନା ପାଠ କରାଯାଇ ଆତଙ୍କବାଦୀଙ୍କ ଗୁଳିରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପାଇଁ ଏକ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷା ଡାକ୍ତର ଚିନ୍ମୟୀ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ସେ ନିଜର ମତ ଉପସ୍ଥାପନ କରିଥିଲେ। ଓଡ଼ିଶାରେ ପ୍ରତ୍ୟେକ ପରିବାର ସ୍ତରରେ ଭଗବାନ ବୁଦ୍ଧଙ୍କ ପଞ୍ଚଶୀଳ ନୀତିକୁ ଧାରଣ କରି ସମାଜରେ ଶାନ୍ତି ପ୍ରତିଷ୍ଠା ହେବା ଦିଗରେ ଟ୍ରଷ୍ଟର ସମ୍ପାଦକ ଡ଼ଃ. କୁମୁଦ ଚନ୍ଦ୍ର ବେହେରା ଆଲୋକପାତ କରିଥିଲେ। ଏଥିରେ ଗଞ୍ଜାମ ଜିଲ୍ଲାର ପୋଲସରା, ବୁଗୁଡ଼ା, ଜଗନ୍ନାଥ ପ୍ରସାଦ, ଭଞ୍ଜନଗର ଓ ଆସିକାରୁ ଶତାଧିକ ପୁରୁଷ ଓ ମହିଳା ଯୋଗଦାନ କରିଥିଲେ। ବୁଗୁଡ଼ା ସ୍ଥିତ ବୁଦ୍ଧଖୋଲ ଠାରୁ ଗଜପତି ଜିଲ୍ଲାର ଜିରାଙ୍ଗ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏକ ପଦଯାତ୍ରା କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମହେଶ୍ୱର ଖୋସଲା, ରଶ୍ମିତା ବେହେରା, ତରୁଣ କୁମାର, ସଂଗୀତା ପୋଲେଇ, ଟୁଲୁ ସେଠୀ, ଇତିଶ୍ରୀ ବେହେରା, କାମେଶ୍ୱର ଦୋରା ଓ କାହ୍ନୁ ଚରଣ ସେଠୀ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ଡାକ୍ତର ପଦାରବିନ୍ଦ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମା ମଙ୍ଗଳା ଙ୍କ ମନ୍ଦିର ରେ ଚାଲିଛି ଚନ୍ଦନ ଯାତ୍ରା

ନିମାପଡ଼ା **୧୫/୫(ନି.ପ୍ର):** ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ରେ ପୂଜା ପାଉଥିବା ଶ୍ରୀ ରାଧାକୃଷ୍ଣ ଙ୍କ ଚନ୍ଦନ ଯାତ୍ରା ପୁଣ୍ୟତୋୟା ପ୍ରାଚୀ ନଦୀ ରେ ପବିତ୍ର ଅକ୍ଷୟ ତୃତୀୟା ତିଥି ରୁ ଚାଲିଆସିଛି ।ଏହି ଯାତ୍ରା ୨୨ଦିନ ଧରି ଅନୁଷ୍ଠିତ ହୋଇଥାଏ ବୋଲି କହିଛନ୍ତି ମା ମଙ୍ଗଳା ଙ୍କ ସେବକ କମଳ ଲୋଚନ ଦୀକ୍ଷିତ ।ପ୍ରତିଦିନ ଅପରାହ୍ନରେ ମନ୍ଦିରର ପାର୍ଶ୍ୱଦେବତା ଶ୍ରୀ ରାଧା କୃଷ୍ଣଙ୍କ ବିଗ୍ରହ କୁ ଏକ ସୁସଜ୍ଜିତ ମଣୀ ବିମାନରେ ପ୍ରାଚୀ ନଦୀ କୂଳରେ ଥିବା ଚନ୍ଦନ ମଣ୍ଡପକୁ ନିଆଯାଉଛି। ସେଠାରେ ଚନ୍ଦନ ମିଶ୍ରିତ ଜଳରେ ସ୍ନାନ କରାଯାଇ ଭୋଗ ଲାଗି କରାଯାଇ ଚନ୍ଦନ ମଣ୍ଡପ ନିକଟ ପ୍ରବାହିତ ପ୍ରାଚୀ ନଦୀ ବକ୍ଷରେ ନୌକା ରେ ବସାଇ ଚାପ ଖେଳ କରାଯାଉଛି। ରାଜ୍ୟର ବିଭିନ୍ନ ଶକ୍ତିପୀଠ ମଧ୍ୟରେ ଅନ୍ୟତମ ପୀଠ ହେଉଛି କାକଟପୁର ମା' ମଙ୍ଗଳାଙ୍କ ପୀଠ। ଜଗନ୍ନାଥ ସଂସ୍କୃତି ସହିତ ମା ମଙ୍ଗଳା ମନ୍ଦିର ର ରହିଛି ନିବିଡ଼ ସମ୍ପର୍କ। ଶ୍ରୀ ମନ୍ଦିରର ପର୍ବପର୍ବାଣି ସହିତ ମା ମଙ୍ଗଳା ଙ୍କ ମନ୍ଦିର ର ପର୍ବ ପର୍ବାଣୀ ର ସମ୍ପର୍କ ରହିଛି। ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ନିତିକାନ୍ତି ଏବଂ ପର୍ବ ପର୍ବାଣି ସହିତ ମା' ମଙ୍ଗଳାଙ୍କ ମନ୍ଦିରର ନିତିକାନ୍ତି ଏବଂ ପର୍ବ ପର୍ବାଣୀର ବେଶ କିଛି ସାମଞ୍ଜସ୍ୟ ରହିଛି। ଯାହାକି ସାଧାରଣ ଭକ୍ତଟିଏ ଜାଣିବା କଷ୍ଟକର ହୋଇଥାଏ। ସେହି ସମସ୍ତ ପର୍ବ ମଧ୍ୟରୁ ଚନ୍ଦନ ଯାତ୍ରା ଏକ ପ୍ରସିଦ୍ଧ ଯାତ୍ରା। ପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ଯାନିଯାତ୍ରା ମଧ୍ୟରେ ଦୀର୍ଘଦିନ ଧରି ପାଳିତ ହେଉଥିବା ଯାତ୍ରା ହେଉଛି ଚନ୍ଦନ ଯାତ୍ରା। ପୁରୀ ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳିତ ହେଉଥିବା ବେଳେ ବୈଶାଖ ମାସ ରେ ପାଳିତ ହେଉଥିବା ଏହି ଚନ୍ଦନ ଯାତ୍ରା ହେଉଛି ମା ମଙ୍ଗଳା ଙ୍କ ମନ୍ଦିର ରେ ସବୁଠାରୁ ଅଧିକ ଦିନ ଧରି ପାଳିତ ହେଉଥିବାର ପର୍ବ। ମା ଙ୍କ ମନ୍ଦିର ବେଢା ଭିତର ଦକ୍ଷିଣ ପାର୍ଶ୍ୱରେ ଥିବା ପ୍ରଭୁ ଶ୍ରୀ ରାଧା କୃଷ୍ଣଙ୍କ ମନ୍ଦିର ରେ ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପରେ ଆଳଟ ପଡେ। ସେଥିପାଇଁ ଠାକୁରଙ୍କୁ ଚନ୍ଦନ ଲାଗି କରାଯାଇଥାଏ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ର ରୌଦ୍ର ତାପରୁ ମୁକ୍ତି ପାଇବା ପାଇଁ ଏହି ଚନ୍ଦନ ଯାତ୍ରା କରାଯାଇଥାଏ। ସମସ୍ତ ଦିନ ପ୍ରଭୁ ଙ୍କ ସ୍ନାନ ନୀତି ନିମନ୍ତେ ଚନ୍ଦନ, କର୍ପୁର,ହଳଦି,ଚୁଆ, କସ୍ତୁରୀ, ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ,ସୁଗନ୍ଧରାଜ, ଗୋଲାପ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳ ପ୍ରସ୍ତୁତି କରାଯାଏ। ସେହି ଜଳରେ ସ୍ନାନ କରିଥାନ୍ତି ପ୍ରଭୁ ରାଧା କୃଷ୍ଣ ଏବଂ ପରେ ପ୍ରତେକ ଦିନ ସଂନ୍ଧ୍ୟା ସମୟରେ ଶଙ୍ଖ, ଘଣ୍ଟ ଘଣ୍ଟା, ମୃଦଙ୍ଗ, ଖୋଳ ତାଳ, ମହୁରୀ, ହୁଳହୁଳି ସହ ଏକ ସୁସଜ୍ଜିତ ବିମାନ ରେ ପ୍ରଭୁ ରାଧା କୃଷ୍ଣ ବ୍ରାହ୍ମଣ, ଗୋପାଳ,ଖମାରେଇ, ବାରିକ ସମେତ ସମସ୍ତ ସେବାୟତ ଙ୍କୁ ଧରି ବାହାରିଯାଆନ୍ତି ନଗର ପରିକ୍ରମା , ଓ ନିକଟ ପ୍ରାଚୀ ନଦୀ ର ଚନ୍ଦନ ଘାଟ ନିକଟ କୁ କ୍ଷ ସେଠାରେ ପ୍ରଭୁ ରାଧା କୃଷ୍ଣ ଜଳକ୍ରୀଡା ସହିତ ସୁସଜ୍ଜିତ ଡ଼ଙ୍ଗା ରେ ଚାପ ଖେଳିଥାଆନ୍ତି । ଏହି ପର୍ବ ମୋଟ ୨୨ ଦିନ ଧରି ପାଳିତ ହୋଇଥାଏ। ବୈଶାଖ ଶୁକ୍ଲ ତୃତୀୟା ବା ଅକ୍ଷୟ ତୃତୀୟା ତିଥି ଠାରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ଚନ୍ଦନ ଯାତ ନାମରେ ଏହା ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରୁ ଚାଲି ଆସିଛି ବୋଲି ଗବେଷକ ମାନେ ମତ ପ୍ରକାଶ କରିଛନ୍ତି।

# ବିଭିନ୍ନ ସ୍ଥାନରେ କଂକ୍ରିଟ ପଥ ପାଲୋଟିଛି ମରଣଯନ୍ତା



ମୟୂରଭଞ୍ଜ **୧୫/୫(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଅଂଚଳ ଭାବରେ ଜାମଦା ବ୍ଲକ ପରିଚିତ ।ବ୍ଲକଟି ଝାରଖଣ୍ଡ ସୀମାକୁ ଲାଗି ରହିଥିବାବେଳେ ବ୍ଲକ କୁ ବିଭିନ୍ନ ପ୍ରାନ୍ତରୁ ପିଚୁ ଓ କଂକ୍ରିଟ୍ ରାସ୍ତା ଦ୍ୱାରା ସଂଯୋଗୀକରଣ ହୋଇଛି ।୧୦ଗୋଟି ଗ୍ରାମ ପଞ୍ଚାୟତରେ ନିର୍ମାଣ ହୋଇଥିବା କିଛି ସ୍ଥାନର କଂକ୍ରିଟ୍ ପଥ ଗୁଡିକ ମରଣଯନ୍ତା ସାଜିଛି ।ସୂଚନାଯୋଗ୍ୟ ଯେ ବ୍ଲକ ଅଞ୍ଚଳରେ ଦୀର୍ଘ ୧୫,୧୦ ବର୍ଷ ପୂର୍ବରୁ ଯେଉଁ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା ତାହା ବର୍ତ୍ତମାନ ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି ।ବ୍ଲକର ବିଭିନ୍ନ ଗାଁ ଓ ସାହିରେ କଂକ୍ରିଟ ପଥରୁ ମେଟାଲ,ଚିପ୍ସ୍ ଉଠିଯାଇ ଖାଲରେ ଭର୍ତ୍ତି ହେବା ସହ ଯାତାୟତ କରୁଥିବା ବ୍ୟକ୍ତିବିଶେଷ ବହୁ ଅସୁବିଧାରେ ପଡୁଥିବା ଦୃଷ୍ଟିଗୋଚର ହେଉଛି ।କାହାର କେତେବେଳେ ସାଇକେଲ୍ ପଞ୍ଚର ହେଉଛି ତ ଆଉ କେତେବେଳେ ଯାନବାହାନ ବିପଦରେ ପଡୁଥିବା ଜାଣିବାକୁ ମିଳୁଛି ।ଛୋଟଛୋଟ ଶିଶୁ ଓ ପାଠପଢା ବାଳକବାଳିକା ପଡ଼ି ଖଣ୍ଡିଆଖାବରା ହେଉଥିବା ଦେଖିବାକୁ ମିଳୁଛି ।ତେଣ୍ଡେରା ଗ୍ରାମପଞ୍ଚାୟତର ଶାଗଯୋଡି ସ୍କୁଲ ଛକରୁ ଲମ୍ବିଯାଇଥିବା ହରଗଡା କଂକ୍ରିଟ୍ ପଥ,ତାଳଗାଁ ସରପଞ୍ଚଙ୍କ ଘର ନିକଟରୁ ମନ୍ଦିର ରାସ୍ତା ,ମନ୍ଦିର ରାସ୍ତାରୁ ତଳସାହିର କଂକ୍ରିଟ୍ ରାସ୍ତା ରେ ଯାତାୟାତ କଲାବେଳେ ଚାଳକମାନଙ୍କୁ ଭାରିକଷ୍ଟ ହୋଇଥାଏ ବୋଲି ଜନସାଧାରଣ କହିଛନ୍ତି ।ତେବେ ଜିଲ୍ଲା ପ୍ରଶାସନ ଏଥିପ୍ରତି ନଜର ଦେଇ ବ୍ଲକ ଅଞ୍ଚଳରେ କଂକ୍ରିଟ୍ ପଥ ବଦଳରେ ପିଚୁ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି ।

## ପାଳ ଏକ୍ସ-ରେ କ୍ଲିନିକର ମାଲିକଙ୍କ ହୃଦଘାତରେ ପରଲୋକ

ବାଲିଗୁଡା **୧୫/୫(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଟାଉନ ମେଡିକାଲ ସମ୍ମୁଖ ଗଳି ପୂଜାରୀ ସାହି ରେ ଦୀର୍ଘ ୧୫ବର୍ଷ ରୁ ଊର୍ଦ୍ଧ ଦିନ ହେଲା ରହି ଆସୁଥିବା ପାଳ ଏକ୍ସ-ରେ କ୍ଲିନିକର ମାଲିକ ସଚିନ କୁମାର ପାଳ (୫୦) ବୁଧବାର ଅପରାହ୍ନ ସମୟରେ ହୃଦଘାତରେ ପରଲୋକ ହୋଇଯାଇଛନ୍ତି କ୍ଷ ସୂଚନା ଯୋଗ୍ୟ ଯେ, ସ୍ୱର୍ଗତ ପାଳ ବୁଧବାର ଅପରାହ୍ନ ରେ ନିଜ କ୍ଲିନିକ କୁ ଆସିଥିବା କିଛି ରୋଗୀଙ୍କ ଏକ୍ସ-ରେ ବାହାର କରୁଥିବା ସମୟରେ ହଠାତ ତଳେ ପଡି ଯାଇଥିଲେ। ଏହା ଦେଖି କ୍ଲିନିକ ରେ ଥିବା ତାଙ୍କ ସହଯୋଗୀ ମାନେ ସଙ୍ଗେ ସଙ୍ଗେ ନିକଟସ୍ଥ ମେଡିକାଲ କୁ ନେଇଥିଲେ କ୍ଷ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରେ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବର ଶୁଣି ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି କ୍ଷ ସେ ଏକାଧାରରେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ତଥା ଶାନ୍ତ ସରଳ ସ୍ୱଭାବ ର ବ୍ୟକ୍ତି ଥିଲେ।

# ନବମ ଦିନରେ ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା: ଘଣ୍ଟ ବାଦ୍ୟ, ଘୋଡା ନାଚ ବାଜା ନୃତ୍ୟ ଗୀତ ରେ କମ୍ପିଲା



ବାଲିଗୁଡା **୧୫/୫(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା 'ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଗାନ୍ଧୀ ଛକ ସ୍ଥିତ ମା 'ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ବର୍ତ୍ତମାନ ଚଳ ଚଞ୍ଚଳ ହୋଇ ଦିନକୁ ଦିନ ଭକ୍ତ ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ଯାତ୍ରା ମଇ ୬ ତାରିଖରୁ ଆରମ୍ଭ ହୋଇ ଆଜି ନବମ ଦିନରେ ପହଞ୍ଚି ଥିବା ବେଳେ ବୁଧବାର ଷଷ୍ଠ ଦିନର ନଗର ଭ୍ରମଣ ଆରମ୍ଭ ହୋଇଥିଲା। ଏହା ଜୁନ ୫ ତାରିଖରେ ଶେଷ ହେବ। ଏକ ମାସ ବ୍ୟାପୀ ମା' ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେବେ। ଏ ନେଇ ସମଗ୍ର ବାଲିଗୁଡା ସହର ଉତ୍ସବମୁଖର ହୋଇଉଠିଛି। ଅସ୍ଥାୟୀ ପୀଠ ରେ ମା 'ପାଟଖଣ୍ଡା ଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ବିରାଜ ମାନ ଅଛନ୍ତି। ପ୍ରତିଦିନ ସକାଳ ଓ ସନ୍ଧ୍ୟା କାଳୀନ ଆଳତୀ ସମୟରେ ଶହ ଶହ ଭକ୍ତଙ୍କ ସମାଗମ ହେଉଛି । ବୁଧବାର ଅଷ୍ଟମ ଦିନରେ ମା' ଙ୍କ ଆଗମନ ଟାଉନର ଜକିସାହି ସ୍ଥିତ ରିଦ୍ଧି ସିଦ୍ଧି ପୂଜା କମିଟି ଅଞ୍ଚଳ କୁ ଆସି ପରିଭ୍ରମଣ କରି ଫେରିଥିଲେ। ଏହି ଅବସରରେ ସନ୍ଧ୍ୟା ଆଳତୀ ପରେ ପରେ ଏକ ବିରାଟ ପଟୁଆର ରେ ଘଣ୍ଟ ବାଦ୍ୟ, ବାଘ ନାଚ, ଦୁଲ ଦୁଲି, ଦଶ ଅବତାର, ଭଳି ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ସହ ଢୋଲ, ମହୁରୀ ବାଜା ବଜାଇ ଅସ୍ଥାୟୀ ପୀଠ ଠାରୁ ବାହାରି ଗାନ୍ଧୀ ଛକ, ଜଗନ୍ନାଥ ମନ୍ଦିର, କୋଳି ଗଛ ଛକ, ବଜାର ଛକ, ନେହେରୁ ମାର୍ଗ, ଡେଙ୍ଗସିଲ ଛକ, ଲକ୍ଷ୍ମୀ ମାର୍କେଟ, ଜକିସାହି ରେ ପ୍ରବେଶ କରି କମିଟି ତରଫରୁ ପ୍ରସ୍ତୁତ ଅସ୍ଥାୟୀ ପୂଜା ମଣ୍ଡପ ରେ ପହଞ୍ଚି ଯଥାରୀତିନୀତି ଅନୁଯାଇ ପୂଜାର୍ଚ୍ଚନା ପରେ ସାହିର ସମସ୍ତ ଭକ୍ତ ବିଶେଷ କରି ମହିଳା ଭକ୍ତ ମାନେ ଉପସ୍ଥିତ ରହି ମା' ଙ୍କ ଶୁଭାଶ୍ରିବାଦ ଭିକ୍ଷା କରି ଅସ୍ଥାୟୀ ପୀଠ କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏକ ମାସ ଧରି ଚାଲିବାକୁ ଥିବା ଏହି ଯାତ୍ରା ଟାଉନର ଭିନ୍ନ ଭିନ୍ନ ସାହିରେ ପର୍ଦାର୍ପଣ କରିବେ। ଗୁରୁବାର ଦିନ ମା' ଅସ୍ଥାୟୀ ମଣ୍ଡପ ରେ ସମ୍ପୂର୍ଣ୍ଣ ବିଶ୍ରାମ ନେଇ ଭକ୍ତ ଙ୍କୁ ଦିନ ତମାମ ଦର୍ଶନ ଦେବେ। ଏହି ଅବସରରେ ଅସ୍ଥାୟୀ ମଣ୍ଡପ ରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହ ସ୍ଥାନୀୟ ପୋଲିସ, ସିଆରଏଫ ଓ ବିଏସଏଫ ବାଟାଲିୟନ ତରଫରୁ ଏକ ଧାର୍ମିକ ସମ୍ପର୍କିତ ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହେବାର ଜଣାପଡିଛି। ଏନେଇ ଆଗାମୀ ଦିନରେ ପ୍ରତ୍ୟେକ ସାହିରେ ଆକର୍ଷଣୀୟ ମେଢ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ଅସ୍ଥାୟୀ ମଣ୍ଡପ ତୋରଣର ନିର୍ମାଣ କାର୍ଯ୍ୟ ଭକ୍ତଙ୍କୁ ବେଶ ଖୋରାକ ଯୋଗାଉଛି । ଠାକୁରାଣୀ ଯାତ୍ରା ଉପଲକ୍ଷେ ଚଳିତ ମାସ ୧୫ ତାରିଖ ଠାରୁ ଜୁନ ମାସ ୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସି.ଟି.କଲେଜ ରୋଡ଼ ରେ ଥିବା ନୀଳଗିରି ଫାର୍ମ ନିକଟ ଯାତ୍ରା ପଡିଆ ରେ ମୀନାବଜାର, ଖାଦ୍ୟ ପସରା ଭଳି ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ମନ ମୋହିବା ସୁନିଶ୍ଚିତ ଥିବା ବେଳେ ମା'ଙ୍କ କୃପା ଭିକ୍ଷା ପାଇଁ ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଅସ୍ଥାୟୀ ମଣ୍ଡପ କୁ ଆସି ଦର୍ଶନ କରୁଥିବା ଦେଖିବାକୁ ମିଳୁଛି । ଏଥିରେ ମା ' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସମସ୍ତ ସଦସ୍ୟ ଙ୍କ ସମେତ ଏହି ଠାକୁରାଣୀ ଯାତ୍ରାର ଏକ ୫ଜଣିଆ କମିଟି ସଦସ୍ୟ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପରିଚାଳନା କରୁଛନ୍ତି ।

## କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ସାମିଲ ହେଲେ ବିଧାୟକ

କଣାସ **୧୫/୫(ନି.ପ୍ର):** ପୁରୀ ଜିଲ୍ଲା କଣସ ବ୍ଲକ୍ ବିଜିପୁର ଗ୍ରାମର ବିଜେପି କର୍ମୀ ବବୁଲ୍ ଚାହଟରାୟଙ୍କ ଏକ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା । ତାଙ୍କ ଦଶାହ ଓ ଏକାଦଶାହ ସ୍ମୃତି ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏଥିରେ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇ ସ୍ୱର୍ଗତ ବବୁଲ୍ ଚହଟରାୟଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ଆଜି ବିଜିପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବିଜିପୁର ଗ୍ରାମର ଆରାଧ୍ୟ ଠାକୁର ବାବା ବାଙ୍କେଶ୍ୱର ମନ୍ଦିର ପଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ,ବିଜିପୁର ପଞ୍ଚାୟତ ସରପଞ୍ଚ ,ସମିତିସଭ୍ୟ, ଅମୁଲ୍ୟ ଜେନା,ରାମଚନ୍ଦ୍ର ବେହେରା ,ଅଜୟ ପ୍ରଧାନ,ବିଶ୍ୱଭୂଷଣ ମଙ୍ଗରାଜ, ଧବେଳେଶ୍ୱର ନାୟକ,ଖଗେଶ୍ୱର ପଲେଇ,ରତ୍ନାକର ଜେନା, ଓ ଭାରତୀୟ ଜନତା ପାର୍ଟିର ଛାମୁଆ କର୍ମୀ ଓ ନେତାମାନେ ସାମିଲୀ ହୋଇ ସ୍ୱର୍ଗତ ବବୁଲଙ୍କ ସ୍ମୃତି ଚାରଣ କରିଥିଲେ।

# ଗିରିଜାଶଙ୍କର ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ଲଗ୍ନଧରା



ପାଟଣା **୧୫/୫(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଗିରିଜାଶଙ୍କର ମହାଦେବ ମନ୍ଦିର ପରିସରରେ ଚଳିତ ମଇ ମାସ ୩୧ ତାରିଖ ସନ୍ଧ୍ୟାରେ ଦେବ ଦେବ ମହାଦେବ ଗିରିଜାଶଙ୍କର ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ତଥା ଜୁନ ମାସ ୧ ତାରିଖ ସନ୍ଧ୍ୟାରେ ଶୀତଳଷଷ୍ଠୀ ଯାତ୍ରା ସହ ଦେବଦମ୍ପତୀଙ୍କର ନଗର ପରିକ୍ରମା ମହା ଆଡ଼ମ୍ବରରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ମାତା ପାର୍ବତୀଙ୍କ କର୍ତ୍ତା ଭାବରେ ବନମାଳୀପୁର ଗ୍ରାମର ମୂଳ ବାସିନ୍ଦା ତଥା ତୁରୁମୁଙ୍ଗା ନିବାସୀ ଜନାର୍ଦ୍ଦନ ନାଏକଙ୍କ ଜ୍ୟେଷ୍ଠ ପୁତ୍ର ପୁଷ୍ପକୁମାର ନାଏକ ଓ ପୁତ୍ରବଧୂ ପଙ୍କଜିନୀ ନାଏକ ତଥା ମହାଦେବ ଗିରିଜାଶଙ୍କରଙ୍କ କର୍ତ୍ତା ଭାବେ ତୁରୁମୁଙ୍ଗା ନିବାସୀ ବନବାସିନୀ ସାହୁ ଓ ସ୍ୱର୍ଗତ ଆଶୁତୋଷ ସାହୁଙ୍କ ଜ୍ୟେଷ୍ଠ ଜ୍ୟେଷ୍ଠ ପୁତ୍ର ସଞ୍ଜୟ କୁମାର ସାହୁ ଓ ପୁତ୍ରବଧୂ ଜ୍ୟୋତିର୍ମୟୀ ସାହୁ ଦେବଦମ୍ପତିଙ୍କର ବିବାହ ଉତ୍ସବ ପାଳନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ଆଜି ଦିବା ୧୧ ଘଟିକା ସମୟରେ ମନ୍ଦିର ପ୍ରାଙ୍ଗଣରେ ଲଗ୍ନଧରା କାର୍ଯ୍ୟକ୍ରମ ସଂପନ୍ନ ହୋଇଯାଇଛି। ଲଗ୍ନଧରା ସମୟରେ ପାର୍ବତୀଙ୍କ କର୍ତ୍ତା ଭାବେ ବିଜୟଲକ୍ଷ୍ମୀ ନାଏକ ଓ ସନ୍ୟାସୀ ନାଏକ ତଥା ଗିରିଜାଶଙ୍କରଙ୍କ କର୍ତ୍ତା ଭାବେ ଜ୍ୟୋତିର୍ମୟୀ ସାହୁ ଓ ସଞ୍ଜୟ କୁମାର ସାହୁ ସଂକଳ୍ପ ପୂଜାରେ ବସିଥିଲେ। ମନ୍ଦିର ପୂଜକ ଅରୁଣ କୁମାର ମିଶ୍ର ପୂଜାପାଠ କରିଥିବାବେଳେ ମଙ୍ଗଲୁ ନାଏକ ସହାୟତା କରିଥିଲେ। ମନ୍ଦିର କମିଟିର ସମ୍ପାଦକ କ୍ଷେତ୍ରବାସୀ ସାହୁ, ଉପସଭାପତି ପ୍ରମୋଦ କୁମାର ସାହୁ, ଅଧିକାରୀ ସାହୁ, ଧାନ ଚନ୍ଦ୍ର ସାହୁ, ନିର୍ମଳ ବେହେରା, ପ୍ରଫୁଲ୍ଲ ବେହେରା, ମୋତିରାମ ସାହୁ,ଅଭିମନ୍ୟୁ ସାହୁ, କେଦାରନାଥ ନାଏକ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଦେବଦମ୍ପତିଙ୍କ ବିବାହୋତ୍ସବରେ ଏ ଅଞ୍ଚଳର ସମସ୍ତ ଭକ୍ତ ତଥା ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇ ମହାଦେବଙ୍କ ଅପାର କରୁଣା ଲାଭ କରିବାକୁ ମନ୍ଦିର କମିଟିର ସଭାପତି ବାଇଧର ସାହୁ ଓ ସମ୍ପାଦକ କ୍ଷେତ୍ରବାସୀ ସାହୁ ନିବେଦନ କରିଛନ୍ତି।

# ପୋଲିସ ଏବଂ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଗାଡ଼ିମୋଟର ଯାଞ୍ଚ ସହ ଜୋରିମାନା ଆଦାୟ



ବାଲିଗୁଡା**୧୫/୫(ନି.ପ୍ର):** କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ହିଲ୍‌ଭିୟୁ ଛକ ନିକଟରେ ପୋଲିସ ଏବଂ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଏଥିରେ ବିନା ହେଲମେଟ୍‌ରେ ଯାତ୍ରା ସହ ସିଟ ବେଲ୍ଟ, ବାଇକ୍‌ରେ ୨ରୁ ଅଧିକ ଯାତ୍ରୀ, ଗାଡ଼ି କାଗଜପତ୍ର, ଆଦି ଯାଞ୍ଚ କରାଯାଇଥିଲା। ମୋଟ୍ ୩୪ଟି ଚାଲାଣ କଟାଯାଇ ମୋଟ୍ ୨ ଲକ୍ଷ ୧୯ ହଜାର ଜୋରିମାନା ବାବଦକୁ ଆଦାୟ କରାଯାଇଥିବା କନ୍ଧମାଳର ଟ୍ରାଫିକ ସବ୍‌ଇନ୍ସପେକ୍ଟର ଶିବାନୀ ମାଝୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବ୍ରିଥ୍ ଆନା ଲାଇଜର ମେଶିନ ଦ୍ୱାରା ଯାଞ୍ଚ କରାଯାଇ ୩ ଜଣ ମଦ୍ୟପ ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ୩ ମାସ ପାଇଁ ରଦ୍ଦ କରାଯିବା ସହ ଜୋରିମାନା ଆଦାୟ କରାଯାଇଛି। ସେହିପରି ବିନା ହେଲମେଟ୍‌ରେ ଯାତ୍ରା ସହ ଗାଡ଼ି ରେଜିଷ୍ଟ୍ରେଶନ କାଗଜପତ୍ର,ଇନସ୍ୟୁରାନ୍ସ, ସିଟବେଲ୍ଟ ଆଦିରେ ଅନିୟମିତତା କରିଥିବା ୩୧ଟି ମାମଲା ରୁଜୁ କରାଯାଇ ଜୋରିମାନା ଆଦାୟ କରାଯାଇଛି। ଏଥିରେ ଦାରିଙ୍ଗବାଡ଼ି ଥାନାର ଏଏସ୍‌ଆଇ ଅର୍ଜୁନ ଶବର, ଆଇଆରବି ଯବାନ ଓ ପରିବହନ ବିଭାଗର କର୍ମଚାରୀ ମିଳିତ ଭାବେ ଉପସ୍ଥିତ ରହି ଗାଡ଼ିମୋଟର ଯାଞ୍ଚ କରିଥିଲେ।

# ଉନ୍ନତି ପଥରେ ଜନଜାତିଙ୍କ ବିକାଶ







ଢେଙ୍କାନାଳ : ୧୫/୦୫ - ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ( ପିଏମ - ଜନମନ ) ଯୋଜନାରେ ଢେଙ୍କାନାଳ ଜିଲ୍ଲାର ୭ ଗୋଟି ବ୍ଲକର ୧୧୨ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ଯୋଜନାରେ ସ୍ୱତନ୍ତ୍ର ଦୁର୍ବଳ ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ୧୧ଟି ମନ୍ତ୍ରାଳୟର କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଅଛି । ଜିଲ୍ଲାର ଜୁଆଙ୍ଗ ସମ୍ପ୍ରଦାୟର ଜନଜାତିମାନେ ଏହି ଯୋଜନାରେ ଉପକୃତ ହେଉଛନ୍ତି। ସରକାରଙ୍କ ଦ୍ୱାରା ବିଭିନ୍ନ ଜୁଆଙ୍ଗ ଜନବସତିରେ ପିଏମ ଜନମନ ସଚେତନତା ଶିବିର ମାଧ୍ୟମରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆୟୋଜନ କରାଯାଇଛି। ଜିଲ୍ଲାର ଜୁଆଙ୍ଗ ସମ୍ପ୍ରଦାୟର ୧୧୨୬ ଜଣ ହିତାଧିକାରୀଙ୍କ ଘର କାର୍ଯ୍ୟ ସାରିଥିବା ବେଳେ ୨୭୭୬ ଜଣ ହିତାଧିକାରୀଙ୍କୁ ଘର ଅନୁମୋଦନ କରାଯାଇଛି। ସମସ୍ତ ଜନବସତିରେ ଶିବିର କରାଯାଇ ଆଧାର ପଞ୍ଜିକରଣ କରାଯାଇଛି । ଏଥିରେ ୫୦୮ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ସେହିପରି ୧୩୨୨ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଅଧିକାର ଶିରୋନାମା ପ୍ରଦାନ କରାଯାଇଛି। ଏହାସହିତ ଏସଂକ୍ରାନ୍ତ ରେ ୧୫୪ଟି ନୂତନ ଦରଖାସ୍ତ ଗ୍ରହଣ କରାଯାଇଛି। ବିଦ୍ୟୁତ ସଂଯୋଗ କ୍ଷେତ୍ରରେ ୮୩ ଜଣ ହିତାଧିକାରୀଙ୍କ ଘରକୁ ବିଦ୍ୟୁତ ସଂଯୋଗ ମିଳିଥିବାବେଳେ, ୧୨୮ ଜଣ ହିତାଧିକାରୀଙ୍କୁ ଅନୁମୋଦନ ମିଳିଛି। ସମସ୍ତ ଜୁଆଙ୍ଗ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ମଧ ଚାଲୁରହିଛି । ଏଥିସହିତ ସମସ୍ତ ଗ୍ରାମକୁ ରାସ୍ତା ସଂଯୋଗୀକରଣ ହୋଇଥିବାବେଳେ ୧୪ ଟି ଗ୍ରାମର ୩୬. ୬୯୯ କିଲୋମିଟର ରାସ୍ତା ନିର୍ମାଣ ଓ ମରାମତି ପାଇଁ ସରକାରଙ୍କ ତରଫରୁ ଅନୁମୋଦନ ପ୍ରେରଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରରିପ୍ରେକ୍ଷୀରେ ଜିଲ୍ଲାର ୫ ଟି ଗ୍ରାମକୁ ମଡେଲ ଗ୍ରାମରେ ଅନ୍ତର୍ଭୁକ୍ତ କରାଯାଇଛି। ସେଗୁଡିକ ହେଲା ଯଥା : କଙ୍କଡ଼ାହାଡ଼ ବ୍ଲକର ଜରଡ଼ା, ଭାଲୁମୁଣ୍ଡା, ହଳଦିକୁଣ୍ଡି, ବାଘବସା, ବାଘୁଆ ଗ୍ରାମ। ସରକାରଙ୍କ ଦ୍ୱାରା ଏକ ନୂତନ ଯୋଜନା ଧରତୀ ଆବା ଜନାଜାତିୟ ଗ୍ରାମ୍ୟ ଉନ୍ନତ ଅଭିଯାନ (DA-JGUA) ପ୍ରଚଳିତ ହୋଇଅଛି । ଉକ୍ତ ସ୍କିମରେ ଢେଙ୍କାନାଳ ଜିଲ୍ଲାରେ ୬ ଗୋଟି ବ୍ଲକ ର ୧୨୭ ଗୋଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ସେଥି ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକ ର ୩ ଟି, ଗଁଦିଆର ୭ ଟି, କାମାକ୍ଷାନଗରର ୫ ଟି, କଙ୍କଡାହାଡର ୧୧୦ ଟି, ଓଡାପଡା ର ୧ ଟି ଓ ପରଜଙ୍ଗ ର ୧ ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି । ଧରତୀ ଆବା ଜନଜାତିୟ ଗ୍ରାମ୍ୟ ଉନ୍ନତ ଅଭିଯାନ ରେ ୧୭ ଗୋଟି ମନ୍ତ୍ରଣାଳୟର ୨୫ ଗୋଟି କାର୍ଯକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଛି କ୍ଷ ୧୫/୧୧/୨୦୨୪ ତାରିଖରେ ଜିଲ୍ଲାସ୍ତରୀୟ ଜନାଜାତିୟ ଗୌରବ ଦିବସ ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ୩୦୦୦ ଜନଜାତିର ଲୋକଙ୍କ ସହ ଜନପ୍ରତିନିଧି ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ । ଏହା ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଦ୍ୱାରା ଉଦଘାଟନ କରଯାଇଥିଲା ଏବଂ ଏହାକୁ ଦ୍ୱିପାକ୍ଷିକ ସଂଯୋଗୀକରଣ କରଯାଇଥିଲା। ଜୁନ ୧୫ ତାରିଖରୁ ଜୁନ ୩୦ ରିଖ ପର୍ଯ୍ୟନ୍ତ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଗ୍ରାମ୍ୟ ସ୍ତରରୁ ବ୍ଲକ ସ୍ତର ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବ୍ୟାପକ ସୂଚନା - ଶିକ୍ଷା - ଯୋଗାଯୋଗ କାର୍ଯ୍ୟକ୍ରମ ଶିବିର ମାଧ୍ୟମରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି ଯେ, ପିଏମ - ଜନମନ ଯୋଜନା ଓ ଧରତୀ ଆ଼ା ଜନଜାତୀୟ ଗ୍ରାମ୍ୟ ଉନ୍ନତ ଅଭିଯାନ, ଏହି ଦୁଇଟି ଯୋଜନା ଜନଜାତିଙ୍କ ବିକାଶର ମେରୁଦଣ୍ଡକୁ ସୁଦୃଢ କରିଛି ତାସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ମୌଳିକ ସୁବିଧା ସୁଯୋଗ ପାଇବା ସହିତ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ସୁଧାର ପରିଲକ୍ଷିତ ହେଉଛି।

**ପି- ଏମ ଜନମନ ଯୋଜନରେ ଜିଲ୍ଲାର ୭ ଗୋଟି ବ୍ଲକର ୧୧୨ଟି ଗ୍ରାମ ଅନ୍ତର୍ଭୁକ୍ତ**
**ଧରତୀ ଆବା ଗ୍ରାମ୍ୟ ଉନ୍ନତ ଅଭିଯାନରେ ଜିଲ୍ଲାର ୬ଗୋଟି ବ୍ଲକର ୧୧୭ ଟି ଗ୍ରାମ ଅନ୍ତର୍ଭୁକ୍ତ**
**କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ବିକାଶ ପରିଲକ୍ଷିତ ହେଉଛି : ଜିଲ୍ଲାପାଳ**

## ପାରାଦୀପରେ ୨୧ ପାକିସ୍ତାନୀ ନାବିକ



ପାରାଦୀପ, ୧୫/୦୫: ପାରାଦୀପ ବନ୍ଦରରେ ଏକ ତୈଳବାହୀ ଜାହାଜ ଲାଗିବା ପରେ ସେହି ଜାହାଜରେ ୨୧ ଜଣ ପାକିସ୍ତାନୀ କ୍ରୁ ମେମ୍ବର ଥିବା ଜଣାପଡିଛି। ତୈଳବାହୀ ଜାହାଜକୁ ପାରାଦୀପ ବନ୍ଦରର ଏସ୍ ପିଏମ୍ ବର୍ଥରେ ରଖାଯାଇଥିଲା। ପଣ୍ୟ ପଣ୍ୟ ଖଲାସ ସମୟ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ତୈଳବାହୀ ଜାହାଜଟି ଦକ୍ଷିଣ କୋରିଆରୁ ଆସିଥିଲା। ସେଥିରେ ହଂକଂର ପତାକା ଲାଗିଛି। ଜାହାଜରେ ପାଖାପାଖି ୨୫ ଜଣ କ୍ରୁ ମେମ୍ବର ଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧ ଜଣ ପାକିସ୍ତାନର ଥିବା ବେଳେ ୨ ଜଣ ଭାରତୀୟ, ଜଣେ ଶ୍ରୀଲଙ୍କା ଓ ଅନ୍ୟ ଜଣେ ଥାଇଲାଣ୍ଡ ଦେଶର ଅଛନ୍ତି। ଇମିଗ୍ରେସନ ବିଭାଗ ୨୧ ଜଣ ପାକିସ୍ତାନୀଙ୍କ ବିଷୟରେ ପୋଲିସ, ପାରାଦୀପ ବନ୍ଦର ପ୍ରଶାସନକୁ ଅବଗତ କରାଇଛି। ପାରାଦୀପ ବନ୍ଦରରେ ପାକିସ୍ତାନୀ କ୍ରୁ ମେମ୍ବର ପହଞ୍ଚିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କ୍ଷେତ୍ର ଅଧିକାରୀଙ୍କ କର୍ମଶାଳା

# ହସ୍ତତନ୍ତ୍ ଓ ହସ୍ତଶିଳ୍ପ ଓଡ଼ିଆ ଜାତିର ଅନ୍ୟତମ ପରିଚୟ : ମନ୍ତ୍ରୀ

ଭୁବନେଶ୍ୱର,୧୫/୫: ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀମାନଙ୍କ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା ବୈଠକ ଆଜିଠୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍ଘାଟନ କରି କହିଛନ୍ତି, ହସ୍ତତନ୍ତ ଓ ହସ୍ତଶିଳ୍ପ ଓଡ଼ିଆ ଜାତିର ଅନ୍ୟତମ ପରିଚୟ । ଏହି ସମୃଦ୍ଧ ପରମ୍ପରାକୁ ଆଗକୁ ନେବାକୁ ହେଲେ ବିପଣନ ବ୍ୟବସ୍ଥାକୁ ସୁଦୃଢ କରିବାକୁ ହେବ । ଅନଲାଇନ ସହ ବିଶ୍ୱବଜାରରେ ଆମ ସାମଗ୍ରୀକୁ ଉପଲବ୍ଧ କରାଇବାକୁ ସେ ପରାମର୍ଶ ଦେଇଛନ୍ତି । ତା ସହ ବୁଣାକାର, କାରିଗର ଓ ରେଶମ ଚାଷୀଙ୍କ ହିତକୁ ପ୍ରାଥମିକତା ଦେଇ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ତାହାର ସଫଳତା ଓ ଦକ୍ଷତା ବୃଦ୍ଧି ଉପରେ ସବିସ୍ତୃତ ସମୀକ୍ଷା କରିଥିଲେ । ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନର ସମୃଦ୍ଧି ଉପରେ ମଧ ଚର୍ଚ୍ଚା କରିଥିଲେ । ସମସ୍ତ ପ୍ରକାର ରେଶମ ଯଥା ମୁଗା, ଟସର, ଏରି, ମଲବେରୀ , ଆଦି ରେଶମ ଚାଷ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ସାମଗ୍ରୀ ଉତ୍ପାଦନରେ ନୂଆ ଡିଜାଇନ୍, ଉନ୍ନତ ପ୍ୟାକେଜିଙ୍ଗ, ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ, ବଜାର ସଂଯୋଗ ଓ ନୂଆ କ୍ଲଷ୍ଟର୍ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ବୁଣାକାର ଓ କାରିଗରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ସମ୍ପର୍କରେ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରେମ ଚନ୍ଦ୍ର ଚୌଧାରୀ ଦିଗଦର୍ଶନ ଦେଇଥିଲେ । ହସ୍ତଶିଳ୍ପ ନିର୍ଦ୍ଦେଶିକା ତଥା ବୟନିକାର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଣତୀ ଛୋଟରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ତଥା ଯୁଗ୍ମ ସଚିବ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନଶିଳ୍ପ, ରେଶମ ଓ ହସ୍ତଶିଳ୍ପର ଉପ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କ୍ଷେତ୍ର ଅଧିକାରୀମାନେ ଯୋଜନା କାର୍ଯ୍ୟକାରୀ ସମୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ୨୩୭୫ ଜଣ ବୁଣାକାରଙ୍କୁ ୱର୍କ ସେଡ ନିର୍ମାଣ ପାଇଁ ସହାୟତା ପ୍ରଦାନ କରାଯାଇଥିବା ବେଳେ ୭୬୨ ଜଣଙ୍କୁ ତନ୍ତ ଗର୍ତ୍ତ ଢଳେଇ କରଣ, ୯୪୨୮ ଜଣଙ୍କୁ ଲାଇଟିଙ୍ଗ ୟୁନିଟ୍, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ୫୬୭ ଜଣଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ, ୪୮୪୨ ଜଣଙ୍କୁ ହସ୍ତତନ୍ତ ଉପକରଣ ଯୋଗାଇ ଦିଆଯାଇଛି ।




**ବୁଣାକାର, କାରିଗର ଓ ରେଶମ ଚାଷୀଙ୍କ ହିତକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ**

## ରବି ଧାନ ସଂଗ୍ରହ ଆରମ୍ଭ



ଭୁବନେଶ୍ୱର,୧୫/୫: ରାଜ୍ୟରେ ବୁଧବାରଠୁ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି। ଧାନ ସଂଗ୍ରହ ସମୟରେ ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଚାଲୁ ରହିଛି । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି କେନ୍ଦ୍ରକୁ ଆଜି ବୁଲି ଦେଖିବା ସହ ମଣ୍ଡିରେ ଧାନ କିଣା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର ଅନୁଧ୍ୟାନ, ମଣ୍ଡିରୁ ମିଲ୍ ଯାଉଥିବା ଗାଡ଼ିର ଟ୍ରାକିଂ ଏବଂ ଏ ସମ୍ପର୍କିତ ଲାଇଭ୍ ଫୁଟେଜ୍‌ର ବ୍ୟବସ୍ଥା ସମ୍ପର୍କରେ ତଦାରଖ କରିଥିଲେ। ଚାଷୀ ଏବଂ ମଣ୍ଡିରେ ନିୟୋଜିତ ନୋଡାଲ ଅଫିସରଙ୍କ ସହ ମନ୍ତ୍ରୀ କଥା ହୋଇଥିଲେ। କୌଣସି ଅଭିଯୋଗ ଥିଲେ ଟୋଲ୍ ଫ୍ରି ନଂ ୧୯୬୭ ମାଧ୍ୟମରେ ଏହି କେନ୍ଦ୍ର ସହ ଯୋଗାଯୋଗ କରାଯାଇପାରିବ। ଧାନକିଣା ନେଇ ଚାଷୀଙ୍କଠୁ ଅଭିଯୋଗ ଆସିଲେ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ କେନ୍ଦ୍ରର କାର୍ଯ୍ୟକାରିତା ଓ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ।

## କଫ ସିରପ ଜବତ, ୨ ଗିରଫ

ରେଙ୍ଗାଲିକ୍ୟାମ୍ପ,୧୫/୫: ଅତାବିରାରେ କୋରେକ୍ସ କଫ ସିରପ କାରବାରରେ ଲିପ୍ତ ଥିବା ଦୁଇ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଛି। ଅତାବିରା ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମିନାରବନ୍ଧ ପଡାରୁ ବେଆଇନ ଭାବେ ବିକ୍ରି ହେଉଥିବା ୩୦ଟି ସିଲ ଥିବା କୋରେକସ ଜବତ କରାଯିବା ସହ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଗିରଫ ୨ ଜଣ ହେଲେ ପ୍ରୀତମ ସାହା (୨୦) ଓ ସରୋଜ ସାହାଣୀ (୨୩)। ଏନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## କମ୍ପାନୀ ସଚିବ ମାନଙ୍କର ଦ୍ୱିତୀୟ ରାଜ୍ୟସ୍ତରୀୟ ସମ୍ମିଳନୀ ଅୟୋଜିତ




ଭୁବନେଶ୍ୱର,୧୫/୫: ଭାରତୀୟ କମ୍ପାନୀ ସଚିବ ପ୍ରତିଷ୍ଠାନର ଓଡ଼ିଶା ଶାଖା ଦ୍ୱାରା କମ୍ପାନୀ ସଚିବ ମାନଙ୍କର ଦ୍ୱିତୀୟ ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ହୋଟେଲ ମେ ଫେୟାର ଠାରେ ଉତ୍ଥାନ 'Role Of CS Beyond Corporate Boundaries" ଶୀର୍ଷକରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଶିଳ୍ପ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ରାଜ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଦେଶ ବିକାଶରେ କମ୍ପାନୀ ସଚିବ ମାନକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିସହିତ ବରେଣ୍ୟ ମୁଖ୍ୟମନ୍ତ୍ରୀଙ୍କର ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଅଭିଯାନରେ ସାମିଲ ହୋଇ ଦେଶ ଏବଂ ରାଜ୍ୟକୁ ବିକାଶ ପଥରେ ଅଗ୍ରସର କରିବାରେ ଅଗ୍ରଣୀ ଭୂମିକାରେ ଅବତୀର୍ଣ୍ଣ ହେବା ନିମନ୍ତେ ଆହ୍ୱାନ ଦେଇ ଥିଲେ । ତତ୍ ସହିତ ଏମ୍ଏସ୍ଏମଇ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମର ଅର୍ଥ ନିର୍ଦ୍ଦେଶକ ଶ୍ରୀ ଗଗନ ବିହାରୀ ସ୍ୱାଇଁ ଯୋଗ ଦେଇ କମ୍ପାନୀ ସଚିବ ମାନଙ୍କର କର୍ପୋରେଟ ଗଭର୍ଣ୍ଣାସ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାଧୁବାଦ ଜଣେଇଥିଲେ ଏବଂ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ଏଥିରେ ପ୍ରଫେସନାଲ୍ ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସେହିପରି ଅନ୍ୟ ମାନଙ୍କ ମଧ୍ୟରେ ସଂସ୍ଥାନର ପୂର୍ବ କ୍ଷେତ୍ରର ଅଧ୍ୟକ୍ଷ ଅନୁଜ୍ ଶାରଶ୍ୱତ, ପୂର୍ବତନ ଅଧ୍ୟକ୍ଷ ସୌମ୍ୟ ସୁଜିତ୍ ମିଶ୍ର, କମ୍ପାନୀ ସଚିବ ସଂସ୍ଥାନର ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ସସ୍ମିତା ପଣ୍ଡା, ଉପାଧ୍ୟକ୍ଷ ଶ୍ରିମନ୍ତ ବାବୁ, ସମ୍ପାଦକ ନୀଳକଂଣ୍ଠ ସାମଲ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂସ୍ଥାନର ପୂର୍ବତନ ପ୍ରାନ୍ତୀୟ ଅଧ୍ୟକ୍ଷ ପ୍ରିୟଦର୍ଶୀ ନାୟକ, ପୂର୍ବତନ ଅଧ୍ୟକ୍ଷ୍ୟ ଜ୍ୟୋତିର୍ମୟ ମିଶ୍ର, ରୁଦ୍ରମାଧବ ସାହୁ, ବିମଳ ପ୍ରସାଦ ପଟ୍ଟନାୟକ,କୋଷାଧ୍ୟକ୍ଷ ଜ୍ୟୋତିର୍ମୟ ପାଣିଗ୍ରାହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ କର୍ମଶାଳାରେ ହାରାହାରି ୨୦୦ ଜଣ କମ୍ପାନୀ ସଚିବ ଯୋଗ ଦେଇଥିଲେ। ଏଥିରେ କମ୍ପାନୀ ଆଇନ ୨୦୧୩ ର ବିଭିନ୍ନ ଦିଗ ଉପରେ ଆଲୋଚନା କରା ଯାଇଥିଲା । ଉକ୍ତ କର୍ମଶାଳାରେ ବରିଷ୍ଠ କମ୍ପାନୀ ସଚିବ ଦେବାଶିଷ ପାଣିଗ୍ରାହୀ, ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ସତ୍ୱିନ୍ଦର୍ ସିଂ, Executive Director and Global CFO ପ୍ରିୟଙ୍କା ଗଠାନି, କମ୍ପାନୀ ସଚିବ ସନ୍ତୋଷ କୁମାର ପ୍ରମୁଖ ଯୋଗଦେଇ ଉପସ୍ଥିତ କମ୍ପାନୀ ସଚିବ ମାନଙ୍କୁ ଉଦବୋଧନ ଦେଇଥିଲେ । ସେହିପରି ସେସନ ମୋଡଥେଟର ଭାବେ ସାଏସ୍ ସରୋଜ କୁମାର ରାୟ, ବିଶ୍ୱଜିତ୍ ମହାପାତ୍ର ଏବଂ ସୁଜାତା ସରକାର କର୍ମଶାଳା ର ବିଭିନ୍ନ ବିଷୟ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖା ତରଫରୁ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।

## ବିଏମ୍‌ସିର ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି

### ଲୋକଙ୍କ ଦୁଆରେ ପହଞ୍ଚିବେ ନେତା, ଅଧିକାରୀ

ଭୁବନେଶ୍ୱର,୧୫/୫: ଗୁରୁବାରଠାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଆରମ୍ଭ ହେବ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି। ଲୋକଙ୍କ ଦୁଆରେ ପହଞ୍ଚିବେ ନେତା ଓ ଅଧିକାରୀ। ଦୁଆର ମୁହଁରେ ହେବ ଅଭିଯୋଗର ବିଚାର ଓ ସମସ୍ୟାର ସମାଧାନ। ପ୍ରଥମ ଦିନରେ ୩୪ ନମ୍ବର ୱାର୍ଡରୁ ଏଭଳି ଅଭିନବ ଅଭିଯୋଗ ଶୁଣାଣିର ଶୁଭାରମ୍ଭ ହେବ। ବିଏମସି ଅଧିକାରୀଙ୍କ ସୂଚନା ମୁତାବକ, କେଉଁ ୱାର୍ଡରେ କ'ଣ କ'ଣ କାମ ହୋଇଛି ଏବଂ ଆଉ କ'ଣ କାମ କରିବା ଦରକାର, ସେ ସଂପର୍କରେ ଅଭିଯୋଗ ଶୁଣାଣିରେ ୱାର୍ଡବାସୀଙ୍କ ମତାମତ ନିଆଯିବ। ଏହି ଅଭିଯୋଗ ଶୁଣାଣିରେ ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ସ୍ଥାନୀୟ କର୍ପୋରେଟର, ଅତିରିକ୍ତ କମିସନର, ଡେପୁଟି କମିସନର, ବିଏମ୍‌ସିର ସମସ୍ତ ଉପବିଭାଗୀୟ ଅଧିକାରୀ, ଇଂଜିନିୟରିଂ ଉପବିଭାଗର ଅଧିକାରୀ,ୱାଟ୍‌କୋ, ସଂପୃକ୍ତ ୱାର୍ଡର ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜର, ସାନିଟାରି ଇନ୍ସପେକ୍ଟର, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ ସାଥୀ ପ୍ରମୁଖ ଉପସ୍ଥିତ ରହିବେ। ସଂପୃକ୍ତ ୱାର୍ଡର ବିଭିନ୍ନ ଆବାସିକ ସଂଗଠନ, ଏସ୍ଏଚ୍‌ଜିର ସଦସ୍ୟା, ବସ୍ତିବାସିନ୍ଦା ସଂଘର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ସାଧାରଣ ନାଗରିକ, ବିଭିନ୍ନ କ୍ଲବ୍‌ର କର୍ମକର୍ତ୍ତା ଆଦି ଉପସ୍ଥିତ ରହିବେ। ପ୍ରଥମ ଦିନ ୩୪ ନମ୍ବର ୱାର୍ଡର ସତ୍ୟନଗରସ୍ଥିତ ୱାର୍ଡ ଅଫିସରେ ଏହି ଅଭିଯୋଗ ଶୁଣାଣି କରାଯିବ। ଲୋକଙ୍କ ସୁବିଧା ଅସୁବିଧା ତାଙ୍କ ପାଖକୁ ଯାଇ ଶୁଣିବା ସହ ସେମାନଙ୍କ ସମସ୍ୟା ସମାଧାନର ସୂତ୍ର ବାହାର କରିବା ଏହାର ଉଦ୍ଦେଶ୍ୟ ବୋଲି ବିଏମ୍‌ସି କହିଛି। ଏହି ଅଭିଯୋଗ ଶୁଣାଣି ସପ୍ତାହକୁ ତିନି ଦିନ ଅର୍ଥାତ ପ୍ରତି ମଙ୍ଗଳବାର, ଗୁରୁବାର ଓ ଶନିବାର ସକାଳ ୮ଟାରୁ ୧୦ଟା ମଧ୍ୟରେ କରାଯିବ। ସୂଚନାଯୋଗ୍ୟ, ସରକାରଙ୍କ ନିୟମ ଅନୁସାରେ ପ୍ରତି ସୋମବାର ଦିନ ବିଏମ୍‌ସି କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣାଣି ହେଉଛି।



PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com
Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ